(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ମେ ୨୭/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Friday, May 27/2022 | Page 16 | ₹ 7.00 | ★★★

୧୮ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଲଙ୍ଗ୍ ଜମ୍ପର ମୁରଲୀଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ ଲଙ୍ଗ୍ ଜମ୍ପର ମୁରଲୀ ଶ୍ରୀଶଙ୍କର ଗ୍ରୀସ୍‌ର କାଲିଥେଆଠାରେ ଅନୁଷ୍ଠିତ ୧୨ତମ ଇଣ୍ଟରନ୍ୟାଶନାଲ ମିଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୮

୦୨

**ପେରେଜ ମୋରା ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି**

ଭେନେଜୁଏଲାର ଜୁଆନ ଭିସେଣ୍ଟ ପେରେଜ ମୋରା(୧୧୩)ଙ୍କୁ ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ଘୋଷଣା କରାଯାଇଛି।



# ଖାଲି ଚାଉଳ ନିଅ

## ୧୦ ମାସ ଗହମ ଯୋଗାଣ ବନ୍ଦ କଲା କେନ୍ଦ୍ର

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)



ଆସନ୍ତା ୧୦ ମାସ (ଜୁନ୍‌ରୁ ୨୦୨୩ ମାର୍ଚ୍ଚ) ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଗହମ ମିଳିବ ନାହିଁ। ଏଥିଯୋଗୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏସ୍)ରେ ୧ ଟଙ୍କାରେ ଖାଦ୍ୟଶସ୍ୟ ପାଉଥିବା ଓଡ଼ିଶାର ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ କେବଳ ଚାଉଳ ନେବାକୁ ପଡ଼ିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟଣାଓଟରା ଭିତରେ ହିତାଧିକାରୀମାନେ ବଳିପଡ଼ିବେ। ଯେଉଁ ହିତାଧିକାରୀମାନେ ପୂର୍ବରୁ ଗହମ ନେଉଥିଲେ ସେମାନେ ଏବେ ଚାଉଳ ନେବାକୁ ବାଧ୍ୟ ହେବେ। ରାଜ୍ୟ ସରକାରଙ୍କ ଅନୁରୋଧ ପରେ ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହିତାଧିକାରୀମାନଙ୍କୁ କେବଳ ଚାଉଳ ଦେବାକୁ ଅନୁମତି ଦିଆଯାଇଛି। କେନ୍ଦ୍ର ସରକାର କେବଳ ଚାଉଳ ଦେବାକୁ ରାଜି ହୋଇଥିବାରୁ ଗହମ ଉପରେ ନିର୍ଭର କରୁଥିବା ହିତାଧିକାରୀମାନେ ଏହି ଘୋଷଣା ପରେ ବଜାରରୁ ଗହମ କିଣି ଖାଇବାକୁ ବାଧ୍ୟ ହେବେ। ଏପରି କି ମଧୁମେହ ରୋଗରେ ପୀଡ଼ିତ ଗରିବ ହିତାଧିକାରୀମାନେ ମଧ୍ୟ ୧ ଟଙ୍କାରେ ଗହମ ପାଇବେ ନାହିଁ। ସେମାନେ ବଜାର ମୂଲ୍ୟରେ ଗହମ କିଣିବେ, ନଚେତ୍ ଦୋକାନରୁ ଅଟା କିଣି ଖାଇବେ। ଗହମ ଯୋଗାଣରେ ବିଳମ୍ବ ଏବଂ ଏକକାଳୀନ ୩ ମାସ ପାଇଁ ଗହମ ନ ମିଳିବାରୁ ରାଜ୍ୟକୁ ଚାଉଳ ଦେବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏନ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀଙ୍କ ମଧ୍ୟରୁ ୧୪% ଲୋକ ଗହମ ନେଉଥିବାବେଳେ ଅବଶିଷ୍ଟ ୮୬% ଚାଉଳ ନେଉଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ ଟନ୍ ଗହମ ଯୋଗାଇ ଦେଉଛନ୍ତି। ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) କାର୍ଯ୍ୟକାରୀ ହେବା ପରଠୁ ଅଦ୍ୟାବଧି ସବୁ ଠିକ୍ ଚାଲିଥିଲା। ପ୍ରତ୍ୟେକ ମାସରେ ହିତାଧିକାରୀମାନଙ୍କୁ ଗହମ ଯୋଗାଇ ଦିଆଯାଉଥିଲା। ତେବେ ୬ ମାସ ହେବ କେନ୍ଦ୍ର ସରକାର ଗହମ ଯୋଗାଣ ବନ୍ଦ କରିଦେଇଥିବାରୁ ସମସ୍ୟା ଦେଖାଦେଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ଇଚ୍ଛାକୁ ହିତାଧିକାରୀଙ୍କ ଉପରେ ଲଦି ଚାଲିଛନ୍ତି। କେନ୍ଦ୍ର ସରକାର ପଞ୍ଜାବ, ହରିୟାଣାରୁ କ୍ରୟ କରୁଥିବା ଗହମକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ୟ ରାଜ୍ୟଗୁଡ଼ିକୁ ଯୋଗାଇ ଦେବା ପାଇଁ ପ୍ରୟାସ କରୁଥିବାବେଳେ ଓଡ଼ିଶା ସରକାର ନିଜ ରାଜ୍ୟରେ ଉତ୍ପାଦିତ ଚାଉଳକୁ ହିତାଧିକାରୀଙ୍କୁ ଦେବା ଲାଗି ଦୀର୍ଘ ଦିନରୁ ଦାବି କରୁଛନ୍ତି। ଏ ନେଇ ନିକଟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୋବେଙ୍କୁ ଚିଠି ଲେଖି ପିଡିଏସ୍ ବ୍ୟବସ୍ଥାରେ ଗହମ ବଦଳରେ ୧୦୦ ପ୍ରତିଶତ ଚାଉଳ ଯୋଗାଇ ଦେବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର ଏକକାଳୀନ ୩ ମାସ ପାଇଁ ☞ପୃଷ୍ଠା-୪

## କମିଲା ବସ୍ ଭଡ଼ା

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ଡିଜେଲ ଦର କମିବା ପରେ ଓଡ଼ିଶାରେ ବସ୍ ଭଡ଼ା ହ୍ରାସ କରାଯାଇଛି। ଏ ନେଇ ଗୁରୁବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୩ ପଇସା ଏବଂ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୬ ପଇସା ଲେଖାଏ କମିଛି। ଏହାପରେ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୯୨ରୁ ୮୯ ପଇସା, ଏକ୍ସପ୍ରେସ୍ ୯୬ରୁ ୯୩ ପଇସାକୁ ହ୍ରାସପାଇଛି। ସେହିପରି ଡିଲକ୍ସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଲ୍‌ଗୋରିଦମ୍ ଓ ଅପରାଧ**











## ବାବୁଙ୍କ କୁକୁର ପାଇଁ ଖେଳାଳିଙ୍କୁ ଷ୍ଟାଡିୟମ ମନା

**ସନ୍ଧ୍ୟାରେ ଷ୍ଟାଡିୟମ ଖାଲି କରିବାକୁ ବାଧ୍ୟ କରାଯାଉଥିଲା**



ନୂଆଦିଲ୍ଲୀ, ୨୬।୫

ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ତ୍ୟାଗରାଜ ଷ୍ଟାଡିୟମରେ ଜଣେ ଆଇଏଏସ୍ ଅଧିକାରୀଙ୍କ କୁକୁର ଚାଲିବା ପାଇଁ କିଛି ମାସ ହେଲା ଖେଳାଳି ଓ କୋଚମାନଙ୍କୁ ସନ୍ଧ୍ୟାରେ ବାହାରିଯିବାକୁ ବାଧ୍ୟ କରାଯାଉଥିବା ଖବର ଚର୍ଚ୍ଚାକୁ ଆସିଛି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଦିଲ୍ଲୀ ମୁଖ୍ୟ ସଚିବ (ରାଜସ୍ୱ) ସଞ୍ଜୀବ ଖିରୱାର ତାଙ୍କ କୁକୁରକୁ ଚଲାଇବାକୁ ନେଉଥିବାରୁ ପ୍ରତି ସନ୍ଧ୍ୟାରେ ଖେଳାଳିଙ୍କୁ ଷ୍ଟାଡିୟମ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଉଥିଲା। ସେ ସେଠାରେ କୁକୁରକୁ ଅଧଘଣ୍ଟାଏ ଧରି ଚଲାଉଥିଲେ।

ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଦିଲ୍ଲୀ ସରକାର ଏଥିରେ ହସ୍ତକ୍ଷେପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସମସ୍ତ ସରକାରୀ ଷ୍ଟାଡିୟମଗୁଡ଼ିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ନିର୍ଦ୍ଦେଶ ଦେବା ସହ ଖେଳାଳିମାନେ ସେ ପର୍ଯ୍ୟନ୍ତ ସେଠାରେ ଟ୍ରେନିଂ ନେଇପାରିବେ ବୋଲି କହିଛନ୍ତି। ☞ପୃଷ୍ଠା-୪

## ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରିପାରିବେନି ପ୍ରାର୍ଥୀ

ନୂଆଦିଲ୍ଲୀ, ୨୬।୫ (ପି.ଟି.)

ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କର ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ବିରୋଧରେ ଯିବାର ଆଇନଗତ ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏପରିକି ପ୍ରାର୍ଥୀଙ୍କ ନାଁ ଚୟନ ତାଲିକାକୁ ଯାଇଥିଲେ ମଧ୍ୟ ତାଙ୍କର ଏଭଳି ଅଧିକାର ନ ଥିବା ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ହୃଷିକେଶ ରାୟଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ନିଯୁକ୍ତିଦାତା ମନଇଚ୍ଛା ଯାହା କିଛି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ମଧ୍ୟ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

କର୍ମଚାରୀ ରାଜ୍ୟ ବୀମା ନିଗମ ପରିଚାଳିତ ଏକ କଲେଜରେ ଆସୋସିଏଟ୍ ପ୍ରଫେସର ପଦ ପୂରଣ ଲାଗି ୨୦୧୮ ମାର୍ଚ୍ଚ ୧ରେ ଅନ୍‌ଲାଇନରେ ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଶାସନିକ କାରଣରୁ ଉକ୍ତ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ ରଖାଗଲା ବୋଲି ସେହି ମାସ ୨୧ରେ ଆଉ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଜଣେ ଆବେଦନକାରୀ ଏନେଇ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇ ପୂର୍ବ ବିଜ୍ଞାପନ ଅନୁଯାୟୀ ଆସୋସିଏଟ୍ ପ୍ରଫେସର ପଦବୀ ପୂରଣ କରିବା ☞ପୃଷ୍ଠା-୪






# ମହଙ୍ଗା ମାଡ଼: ଲୋକେ ଅତିଷ୍ଠ, ଲାଭରେ କମ୍ପାନୀ

## ୫ ବର୍ଷରେ ୪୩ରୁ ୬୭% ଅଧିକ ଖର୍ଚ୍ଚ କରିଛନ୍ତି ଲୋକେ



ଭୋପାଳ, ୨୬।୫

**୯୦% ଲାଭ କରିଛନ୍ତି କମ୍ପାନୀ**

ମୁଦ୍ରାସ୍ଫୀତିକୁ ହ୍ରାସ କରିବାର ପ୍ରଚାର କରି ଶାସନ କ୍ଷମତାକୁ ଆସିଥିବା ସରକାର ଏବେ ଦରଦାମ୍ ବୃଦ୍ଧିଜନିତ ସମସ୍ୟାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ଗତ ୫ବର୍ଷ ମଧ୍ୟରେ ସବୁ ଜିନିଷର ମୂଲ୍ୟରେ ଅହେତୁକ ବୃଦ୍ଧି ପାଇଛି। କ୍ଷୀରଠାରୁ ଅରମ୍ଭ କରି ପେଟ୍ରୋଲ୍, ବିଜୁଳିଠୁ ଆରମ୍ଭ କରି ରୋଷେଇ ଗ୍ୟାସ୍, ପନିପରିବା ଠାରୁ ଆରମ୍ଭ କରି ଔଷଧ ପ୍ରତ୍ୟେକ ଜିନିଷର ମୂଲ୍ୟ ବୃଦ୍ଧି ପାଇଛି। ଏପରି କି ସାଧାରଣ ଲୋକଙ୍କ ଏହି ସମୟରେ ଖର୍ଚ୍ଚ ୪୩ରୁ ୬୭% ଅଧିକ ହୋଇଛି। ଗୋଟେ ପଟେ ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଥିବାବେଳେ କମ୍ପାନୀଗୁଡ଼ିକର କିନ୍ତୁ କିଛି ଫରକ୍ ହୋଇନାହିଁ ବରଂ ଗତ ୪ବର୍ଷରେ କମ୍ପାନୀଗୁଡ଼ିକର ଲାଭ ୯୦% ବଢ଼ିଥିବା ଜଣାପଡ଼ିଛି। ଏପରି କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜିଏସ୍‌ଟି ସଂଗ୍ରହ ମଧ୍ୟ ୨ଗୁଣା ହୋଇଛି।

ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମଧ୍ୟପ୍ରଦେଶରେ ଗତ ବର୍ଷକ ମଧ୍ୟରେ ଅଟା ମୂଲ୍ୟ ୧୦% ବୃଦ୍ଧି ଘଟିଛି, ଯାହାକି ଗତ ୧୨ବର୍ଷ ମଧ୍ୟରେ ସର୍ବାଧିକ। ୪ବର୍ଷରେ ପେଟ୍ରୋଲ୍ ୪୮.୬୦% ଓ ଡିଜେଲ ମୂଲ୍ୟରେ ୪୮% ବୃଦ୍ଧି ଘଟିଥିବାବେଳେ ରନ୍ଧନ ଗ୍ୟାସ୍ ଦରରେ ୪୩% ବଢ଼ିଛି। ଖାଇବା ତେଲ ଦର ସର୍ବାଧିକ ୬୭% ବଢ଼ିଛି। ୨୦୧୮-୧୯ ତୁଳନାରେ ୨୦୨୧-୨୨ରେ ଇଣ୍ଡିଆନ୍ ଅଏଲ୍ କମ୍ପାନୀ ଲିମିଟେଡ୍ (ଆଇଓସିଏଲ୍)ର ୪୩% ଅଧିକ ଲାଭ ହୋଇଥିବାବେଳେ ବିପିସିଏଲ୍‌ର ୨୪% ଏବଂ ଏଚ୍‌ପିସିଏଲ୍‌ର ୧୪% ବଢ଼ିଛି। ଏହି ସମୟରେ ଆଇଓସିଏଲ୍ କେବଳ ୭ହଜାର କୋଟି ଟଙ୍କା ଲାଭ କରିଛି। ସେହିପରି ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ କ୍ଷୀର ମୂଲ୍ୟ ୨୬% ବଢ଼ିଥିବାବେଳେ ଦୁଗ୍ଧ ସଂଘଗୁଡ଼ିକର ମୋଟ ଲାଭ ୧୧୮% ହୋଇଯାଇଛି। ଡାଲିରେ ମଧ୍ୟ ୩୨% ବୃଦ୍ଧି ପାଇଛି। ଏହି ସମୟରେ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କମ୍ପାନୀଗୁଡ଼ିକର ଲାଭ ୬୭% ☞ପୃଷ୍ଠା-୪

## ସଂକ୍ଷେପରେ

### ମଡେଲ ବିଦିଶା ମଜୁମଦାରଙ୍କ ଆତ୍ମହତ୍ୟା

**କୋଲକାତା,୨୬।୫:** କୋଲକାତା ମଡେଲ ବିଦିଶା ମଜୁମଦାର (୨୧)ଙ୍କ ମୃତଦେହ ତାଙ୍କ ଦମ୍‌ଦମ୍‌ସ୍ଥିତ ଆପାର୍ଟମେଣ୍ଟରୁ ମିଳିଛି। ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ପାଇଛି। କ୍ୟାରିୟର ପାଇଁ ସୁଯୋଗ ନ ପାଇବାରୁ ସେ ଏଭଳି ଚରମ ପଦକ୍ଷେପ ନେଲେ ବୋଲି ମଡେଲ ଜଣକ ଉକ୍ତ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି। ତେବେ ଉକ୍ତ ହାତଲେଖା ପ୍ରକୃତରେ ତାଙ୍କର କିମ୍ବା ଆଉ କେହି ଲେଖି ତାଙ୍କ ମୃତଦେହ ନିକଟରେ ରଖିଦେଇଛି, ତାହାର ତଦନ୍ତ କରାଯାଉଛି। ତାଙ୍କ ମୃତ୍ୟୁରେ ମଡେଲ ଜଗତ ଶୋକବ୍ୟକ୍ତ କରିଛି।



### ଏନ୍‌କାଉଣ୍ଟରରେ ୩ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୨୬।୫:** ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାରେ ଗୁରୁବାର ସକାଳେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା ସଂଗଠନର ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଉତ୍ତର କଶ୍ମୀରର କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ ଜୁମାଗୁଣ୍ଡ୍ ଗ୍ରାମରେ ଅନୁପ୍ରବେଶ କରିବା ଲାଗି ଉଦ୍ୟମ କରୁଥିବାର ଗୋଇନ୍ଦା ସୂଚନା ପାଇ ପୋଲିସ ଓ ସେନା ପକ୍ଷରୁ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଅନୁପ୍ରବେଶ କରିଥିବା ଆତଙ୍କବାଦୀ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା। ମୃତ ଆତଙ୍କବାଦୀଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। କଶ୍ମୀର ରେଞ୍ଜ ପୋଲିସ ଆଇଜି ବିଜୟ କୁମାରଙ୍କ କହିବା ଅନୁଯାୟୀ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୬ ବିଦେଶୀ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୧୪ ଜଣ ଜୈଶ-ଇ-ମହମ୍ମଦ ଏବଂ ୧୨ ଜଣ ଲଶ୍କର ଆତଙ୍କବାଦୀ।

### ପେରେଜ ମୋରା ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି

**କାରାକାସ,୨୬।୫:** ଭେନେଜୁଏଲାର ଜୁଆନ ଭିସେଣ୍ଟ ପେରେଜ ମୋରାଙ୍କୁ ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ଘୋଷଣା କରାଯାଇଛି। ଶୁକ୍ରବାର ୧୧୩ ବର୍ଷରେ ପଦାର୍ପଣ କରୁଥିବା ମୋରାଙ୍କୁ ଗତ ସପ୍ତାହରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଛି। ଏବେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଓ କେବେ ଔଷଧ ନେଇ ନଥାନ୍ତି। ପେରେଜ ମୋରାଙ୍କର ୪୧ ନାତିନାତୁଣୀ ସାଙ୍ଗକୁ ୧୮ ଅଣନାତି ଓ ୧୨ ପଣନାତି ଅଛନ୍ତି। ବୟସାଧିକ୍ୟ ଯୋଗୁ ତାଙ୍କର ସାମାନ୍ୟ ରକ୍ତଚାପ ଦେଖାଯାଇଛି ଓ ଶୁଣିବାରେ ସମସ୍ୟା ହେଉଛି। ପୂର୍ବରୁ ସର୍ଟୁର୍ନିଓ ଡି ଲା ଫୁଏଣ୍ଟେ ଗର୍ସିଆ ସବୁଠୁ ବୟସ୍କ ବ୍ୟକ୍ତି ଥିଲେ। ୧୧୨ ବର୍ଷ ୩୪୧ ଦିନରେ ତାଙ୍କର ଗତ ଜାନୁୟାରୀରେ ପରଲୋକ ହୋଇଥିଲା।



### ମୋବାଇଲ ଗେମ୍ ପାଇଁ ଭାଇକୁ ହତ୍ୟା କଲେ ବାଳକ

**ଅହମଦାବାଦ୍, ୨୬।୫:** ମୋବାଇଲ ଗେମ୍ ପାଇଁ ଝଗଡ଼ା ଲାଗିବାରୁ ଗୁଜରାଟ ଖେଦା ଜିଲାର ଜଣେ ୧୬ ବର୍ଷୀୟ ବାଳକ ତାଙ୍କ ସାନ ଭାଇକୁ ହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁସାରେ, ସମ୍ପୃକ୍ତ ବାଳକଙ୍କ ମା' ବାପା ରାଜସ୍ଥାନର ହୋଇଥିବାବେଳେ ସେମାନେ ଏକ ଫାର୍ମରେ ଶ୍ରମିକ ଭାବେ କାମ କରିବାକୁ ଗୁଜରାଟ ଆସିଥିଲେ। ମେ ୨୩ରେ ଦୁଇ ଭାଇ ପାଳି କରି ଏକ ମୋବାଇଲରେ ଗେମ୍ ଖେଳୁଥିଲେ। ବଡ଼ ଭାଇର ପାଳିବେଳେ ୧୧ ବର୍ଷୀୟ ବାଳକ ତାଙ୍କୁ ଫୋନ୍ ଦେବାକୁ ମନା କରିଥିଲେ। ଏହାକୁ ନେଇ ଦୁଇ ଭାଇଙ୍କ ଭିତରେ ମାର୍‌ପିଟ ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ବଡ଼ ଭାଇ ଏକ ପଥରରେ ସାନର ମୁଣ୍ଡକୁ ଛେଚି ଦେଇଥିଲେ। ସାନ ଭାଇ ଅଚେତ ହୋଇପଡ଼ିବା ପରେ ବଡ଼ ତାଙ୍କୁ ଏକ କୂଅରେ ପକାଇ ଦେଇଥିଲେ। ସେଠାରୁ ସେ ମା' ବାପାଙ୍କୁ ନ ଜଣାଇ ଏକ ବସ୍ ଯୋଗେ ରାଜସ୍ଥାନ ପଳାଇଥିଲେ। ଉଭୟଙ୍କୁ ଘରେ ନ ପାଇ ମା' ବାପା ଚାରିଆଡ଼େ ଖୋଜାଖୋଜି କରିବା ପରେ ବଡ଼ ପୁଅ ରାଜସ୍ଥାନ ପଳାଇଥିବା ଜାଣିବାକୁ ପାଇଥିଲେ। ସାନ ପୁଅର ହତ୍ୟା ବିଷୟରେ ଜଣା ପଡ଼ିବା ପରେ କୂଅରୁ ମୃତଦେହ ଜବତ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଗଣିକା ବୃତ୍ତିକୁ ସ୍ୱୀକୃତି

**ନୂଆଦିଲ୍ଲୀ,୨୬।୫**

ସୁପ୍ରିମକୋର୍ଟ ଗଣିକା ବୃତ୍ତିକୁ ଏକ ପେସା ଭାବେ ସ୍ୱୀକୃତି ଦେଇଛନ୍ତି। ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ଅଛନ୍ତି, ସେମାନେ ସମ୍ମାନ ଓ ଆଇନାନୁସାରେ ସମାନ ସୁରକ୍ଷା ପାଇବାକୁ ହକ୍‌ଦାର। ତେଣୁ ସ୍ୱଇଚ୍ଛାରେ ଗଣିକା ବୃତ୍ତିରେ ଲିପ୍ତ ଥିବା ପ୍ରାପ୍ତବୟସ୍କ ମହିଳାମାନଙ୍କ କାର୍ଯ୍ୟରେ ପୋଲିସ ହସ୍ତକ୍ଷେପ କରିପାରିବ ନାହିଁ କି ସେମାନଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜୁଲାଇ ୨୭ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ହେବ।

ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବି.ଆର. ଗବାଇ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁସାରେ ସ୍ୱତନ୍ତ୍ର କ୍ଷମତା ଉପଯୋଗ କରି ଉପରୋକ୍ତ ରାୟ ଦେଇଥିଲେ। ଖଣ୍ଡପୀଠ କହିଥିଲେ, କୌଣସି ଗଣିକାଳୟରେ ଚଢ଼ାଉ କରାଗଲେ ଯୌନକର୍ମୀଙ୍କୁ ଗିରଫ, ଦଣ୍ଡିତ କିମ୍ବା ହଇରାଣ କରିବା ଅନୁଚିତ। କାରଣ ସ୍ୱେଚ୍ଛାକୃତ ଭାବେ ଏହି ବୃତ୍ତିରେ ସାମିଲ ହେବା ବେଆଇନ ନୁହେଁ। କେବଳ ବେଶ୍ୟାଳୟ ଚଳାଇବା ବେଆଇନ କାର୍ଯ୍ୟ। ସେହିପରି ଜଣେ ଶିଶୁ ଯୌନକର୍ମୀ ଦେହ ବେପାରରେ ଲିପ୍ତ ଅଛନ୍ତି ବୋଲି ତାଙ୍କୁ ତାଙ୍କ ମା'ଙ୍କଠାରୁ ଅଲଗା କରାଯିବା ଅନୁଚିତ। ମାନବ ପ୍ରବୃତ୍ତି ଓ ମର୍ଯ୍ୟାଦାକୁ ସୁରକ୍ଷା ପ୍ରଦାନ ସେକ୍ସ ୱାର୍କର ଓ ତାଙ୍କ ପିଲାମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ଯଦି ଜଣେ ନାବାଳିକା ଏକ ଗଣିକାଳୟରେ କିମ୍ବା ଗଣିକାମାନଙ୍କ ଗହଣରେ ଠାବ ହୁଅନ୍ତି, ତାଙ୍କୁ ଚାଲାଣ କରି ସେଠାକୁ ନିଆଯାଇଥିବା ବିବେଚନା କରାଯିବା ଉଚିତ। ସେହିପରି ଜଣେ ପିଲାଙ୍କୁ ନିଜ ଝିଅ/ପୁଅ ବୋଲି ଯୌନକର୍ମୀ ଦାବି କଲେ ତାହାର ସତ୍ୟାସତ୍ୟ ନିର୍ଦ୍ଧାରଣ ପାଇଁ ଆବଶ୍ୟକ ପରୀକ୍ଷା କରାଯାଇପାରିବ। ସମ୍ପୃକ୍ତ ନାବାଳିକା/ନାବାଳକଙ୍କୁ ବଳପୂର୍ବକ ତାଙ୍କଠାରୁ ଅଲଗା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।





## ଡାକ୍ତରୀ-ଆଇନଗତ ସୁବିଧା

ଖଣ୍ଡପୀଠ କହିଛନ୍ତି, ଥାନାକୁ ଆପରାଧିକ ମାମଲା ପାଇଁ ଏତଲା ଦେବାକୁ ଆସିଥିବା ଯୌନକର୍ମୀଙ୍କ କ୍ଷେତ୍ରରେ ପୋଲିସ ଭେଦଭାବ ରଖିବା ଅନୁଚିତ। ବିଶେଷକରି ତାଙ୍କ ସହ ଯୌନ ଅପରାଧକୁ ନେଇ ଅଭିଯୋଗ ହୋଇଥିଲେ ପୋଲିସ ଅଧିକ ତତ୍ପର ହେବା ଆବଶ୍ୟକ। ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଯୌନକର୍ମୀମାନଙ୍କୁ ତୁରନ୍ତ ଡାକ୍ତରୀ ଓ ଆଇନଗତ ସୁବିଧା ଯୋଗାଇ ଦିଆଯିବା ଉଚିତ। ଅନେକ ସମୟରେ ଯୌନକର୍ମୀମାନଙ୍କୁ ପୋଲିସ ବର୍ବର ଓ ହିଂସ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି, ସତେଯେମିତି ସେମାନେ ଏଭଳି ଏକ ଶ୍ରେଣୀ ଯାହାଙ୍କ ଅଧିକାରକୁ ସ୍ୱୀକୃତି ଦିଆଯାଇନାହିଁ। ଏଦିଗରେ ପୋଲିସ ଅଧିକ ସମ୍ବେଦନଶୀଳ ହେବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସେହିପରି ଚଢ଼ାଉ, ଗିରଫ ଓ ଉଦ୍ଧାର ବେଳେ ଯୌନକର୍ମୀମାନଙ୍କ ପରିଚୟ ପ୍ରଘଟ ହେବା ଭଳି କୌଣସି ରିପୋର୍ଟ ଗଣମାଧ୍ୟମ ପ୍ରସ୍ତୁତ କରିବ ନାହିଁ। ସେ ପୀଡ଼ିତା ହୁଅନ୍ତୁ ଅଥବା ଅଭିଯୁକ୍ତା ତାଙ୍କ ନାମ କିମ୍ବା ଫଟୋ ପ୍ରକାଶ କରାଯାଇପାରିବ ନାହିଁ। ଗୁପ୍ତ ଯୌନ ଦର୍ଶନ ପ୍ରବୃତ୍ତି ଏକ ଅପରାଧ ବୋଲି ସୁପ୍ରିମକୋର୍ଟ ଚେତାଇ ଦେଇଛନ୍ତି। ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ଯୌନକର୍ମୀମାନେ ରଖିଥିବା ଆପତ୍ତିଜନକ ସାମଗ୍ରୀକୁ ସେମାନଙ୍କ ଅପରାଧର ପ୍ରମାଣ ବୋଲି ପୋଲିସ ଧରିନେବା ଅନୁଚିତ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଇନରେ ସଂସ୍କାର ଆଣିବା ପାଇଁ ଯୌନକର୍ମୀ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କୁ ସାମିଲ କରିବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି।

## ସୁପ୍ରିମକୋର୍ଟ ପ୍ୟାନେଲ ସୁପାରିସକୁ ନେଇ କେନ୍ଦ୍ରର ଆପତ୍ତି

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଗଣିକା ବୃତ୍ତି ତ୍ୟାଗ କରିବାକୁ ଚାହୁଁଥିବା ଯୌନକର୍ମୀଙ୍କ ଚାଲାଣ ନିବାରଣ, ପୁନଃ ଥଇଥାନ ଓ ସେମାନଙ୍କୁ ସମ୍ମାନର ସହ ବଞ୍ଚିବା ଅଧିକାର ପ୍ରଦାନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ସୁପାରିସ କରିଛି। ସମସ୍ତ ପକ୍ଷଙ୍କ ସହ ଆଲୋଚନା ପରେ ଉକ୍ତ କମିଟି ଶୀର୍ଷ ଅଦାଲତରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିଛି। କମିଟି ପକ୍ଷରୁ କରାଯାଇଥିବା ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କୁ ଖଣ୍ଡପୀଠ କହିଛନ୍ତି। ମେ' ୧୯ରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅନ୍ୟ ସୁପାରିସଗୁଡ଼ିକ ଉପରେ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଗ୍ରହଣ କରିଥିବା କେତେକ ସୁପାରିସକୁ ରାଜ୍ୟଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ କରନ୍ତୁ ବୋଲି ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ତେବେ ଅନ୍ୟ କେତେକ ସୁପାରିସ ଉପରେ କେନ୍ଦ୍ର ସରକାର ଆପତ୍ତି ଉଠାଇଛନ୍ତି। ସେଗୁଡ଼ିକ ହେଲା, ଯୌନକର୍ମୀମାନେ ସମାନ ଆଇନଗତ ସୁରକ୍ଷା ପାଇବାକୁ ହକ୍‌ଦାର। 'ବୟସ' ଓ 'ସହମତି' ଆଧାରରେ ଆପରାଧିକ ଆଇନ ସବୁ ମାମଲାରେ ପ୍ରଯୁଜ୍ୟ ହେବା ଜରୁରୀ। ଯେଉଁଠି ଯୌନକର୍ମୀ ଜଣକ ସାବାଳିକା ହୋଇଥିବା ଓ ତାଙ୍କର ସହମତି ଥିବା ନେଇ ସ୍ପଷ୍ଟତା ରହିଥିବ ସେହି କ୍ଷେତ୍ରରେ ପୋଲିସ ହସ୍ତକ୍ଷେପ କରି କିମ୍ବା ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ।

## କ'ଣ କହିଥିଲେ ହାଇକୋର୍ଟ

୩ ଜଣ ଯୌନକର୍ମୀଙ୍କୁ ସେମାନଙ୍କ ପରିବାରକୁ ଜିମା ଦେବା ପାଇଁ ମୁମ୍ବାଇର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ମନା କରିବା ସହ ସୁଧାର ଗୃହକୁ ପଠାଇ ଦେଇଥିଲେ। ବମ୍ବେ ହାଇକୋର୍ଟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ରାୟକୁ ଖାରଜ କରି କହିଥିଲେ, ଯୌନକର୍ମୀମାନେ ସାବାଳିକା ହୋଇଥିବାରୁ ବାସସ୍ଥାନ ଚୟନ ଏବଂ ଭାରତର ଯେକୌଣସି ସ୍ଥାନରେ ଅବାଧରେ ବିଚରଣ କରିବା ଅଧିକାର ସେମାନଙ୍କର ରହିଛି। ଏପରି କି ନିଜ ବୃତ୍ତି ଚୟନ ପାଇଁ ମଧ୍ୟ ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାର ପ୍ରଦାନ କରାଯାଇଛି। ତେଣୁ ଯୌନକର୍ମୀମାନଙ୍କୁ ତୁରନ୍ତ ସୁଧାର ଗୃହରୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ କହିଥିଲେ, ଗଣିକା ବୃତ୍ତିକୁ ଏକ ଅପରାଧ ବିବେଚନା କରି ଯୌନକର୍ମୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଇନରେ ଉଲ୍ଲେଖ କରାଯାଇନାହିଁ। ଆଇନାନୁସାରେ ଦଣ୍ଡନୀୟ ଅପରାଧ ହେଉଛି, ଯୌନ ଉତ୍ପୀଡ଼ନ ଏବଂ ବ୍ୟବସାୟିକ ଯୌନକାର୍ଯ୍ୟ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କୁ ବ୍ୟବହାର କରାଯିବା। ସେହିପରି କାଲକାଟା ହାଇକୋର୍ଟ ଜଣେ ଗଣିକାଳୟ ମାଲିକଙ୍କ ଅଗ୍ରିମ ଜାମିନ ଆବେଦନକୁ ଖାରଜ କରି କହିଥିଲେ, ବ୍ୟବସାୟିକ ଯୌନକାର୍ଯ୍ୟ ପାଇଁ ଉତ୍ପୀଡ଼ନର ଶିକାର ହୋଇଥିବା କୌଣସି ଯୌନକର୍ମୀଙ୍କୁ ଅନୈତିକ ଚାଲାଣ (ନିବାରଣ) ଆଇନ, ୧୯୫୬ ଅନୁସାରେ ଅଭିଯୁକ୍ତ ଭାବେ ଗ୍ରହଣ କରାଯିବ ନାହିଁ। ସେହିପରି ଏକ ଗଣିକାଳୟରେ ଚଢ଼ାଉ ବେଳେ ଗିରଫ ହୋଇଥିବା ଜଣେ ଗ୍ରାହକଙ୍କୁ ଆପରାଧିକ ମାମଲାକୁ ଟଣାଯାଇପାରିବ ନାହିଁ ବୋଲି ନିକଟରେ କର୍ନାଟକ ହାଇକୋର୍ଟ ରାୟ ଦେଇଥିଲେ।



# ଜ୍ଞାନବାପି ରକ୍ଷଣାବେକ୍ଷଣ ଶୁଣାଣି ଜାରି ରହିବ

**ବାରାଣସୀ,୨୬।୫**

ଜ୍ଞାନବାପି-ଶ୍ରୀଙ୍ଗାର ଗୌରୀ କମ୍ପ୍ଲେକ୍ସ ମାମଲାର ରକ୍ଷଣାବେକ୍ଷଣ ସମ୍ପର୍କରେ ବାରାଣସୀର ଜିଲା ଅଦାଲତ ଗୁରୁବାର ମୁସଲମାନ ପକ୍ଷଙ୍କ ଶୁଣାଣି କରିଥିଲେ। ଏହା ଅସମ୍ପୂର୍ଣ୍ଣ ରହିବାରୁ ମେ' ୩୦ରେ ପରବର୍ତ୍ତୀ ଶୁଣାଣି ଜାରି ରହିବ ବୋଲି ଅଦାଲତ କହିଛନ୍ତି। ମସ୍‌ଜିଦ ପରିସରରେ ଶିବଲିଙ୍ଗ ମିଳିବା ଏକ ଗୁଜବ, ଯାହାକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି ବୋଲି ମୁସଲମାନ ପକ୍ଷ ଶୁଣାଣି ବେଳେ କହିଥିଲେ। ଶିବଲିଙ୍ଗ ରହିଥିବା କେବଳ ଅଭିଯୋଗ, ଯାହା ପ୍ରମାଣିତ ହୋଇନାହିଁ ବୋଲି ମସ୍‌ଜିଦ କମିଟି ଅଦାଲତଙ୍କୁ କହିଥିଲା।



ଗତ ମଙ୍ଗଳବାର ଅଦାଲତ ଜ୍ଞାନବ୍ୟାପି-ଶ୍ରୀଙ୍ଗାର ଗୌରୀ କମ୍ପ୍ଲେକ୍ସ ମାମଲାର ରକ୍ଷଣାବେକ୍ଷଣ ସମ୍ପର୍କିତ ଶୁଣାଣିକୁ ଗୁରୁବାରକୁ ଧାର୍ଯ୍ୟ କରିଥିଲେ। ଏଥିସହିତ ମସ୍‌ଜିଦ ପରିସରର ଭିଡିଓଗ୍ରାଫି ସର୍ଭେ ରିପୋର୍ଟ ଉପରେ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷ ଆପତ୍ତି ଅଭିଯୋଗ ଦାଖଲ କରିବା ଲାଗି କୋର୍ଟ ଏକ ସପ୍ତାହ ସମୟ ଦେଇଥିଲେ। ମେ' ୨୦ରେ ସୁପ୍ରିମକୋର୍ଟ ଜ୍ଞାନବାପୀ ମାମଲାକୁ ସିଭିଲ୍ ଜଜ୍ (ସିନିୟର ଡିଭିଜନ)ରୁ ଜିଲା ଅଦାଲତକୁ ସ୍ଥାନାନ୍ତର କରିଥିଲେ।



୭୫ ତମ ଅନ୍ତର୍ଜାତୀୟ କାନ୍ସ ଫିଲ୍ମ ଫେଷ୍ଟିଭାଲ ଅବସରରେ ଜୁନ୍ ୨୪ରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ଏଲ୍‌ଭିସ୍' ପ୍ରିମିୟର ପାଇଁ ଫଟୋ ପୋଜ୍ ଦେଉଛନ୍ତି ଅଭିନେତ୍ରୀ ଓଲିଭିଆ ଡେଜୋଙ୍ଗ୍ ଏବଂ ପ୍ରିସ୍କିଲା ପ୍ରେସ୍‌ଲି।

## କୋଭିଡରୁ ସୁରକ୍ଷା ଦେଇ ନ ପାରେ ଟିକା

**ୱାଶିଂଟନ୍, ୨୬।୫:** ଟିକା ଦୀର୍ଘ ଦିନ ଧରି କୋଭିଡ୍ ବିପଦରୁ ସୁରକ୍ଷା ଦେଇ ନ ପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ନେଚର ମେଡିସିନ୍ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଟିକା ନେଇ ସାରିଥିବା ବ୍ୟକ୍ତି ମଧ୍ୟ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇପାରିବେ ଏବଂ ଏଥିଯୋଗୁ ସେମାନଙ୍କ ହୃତ୍‌ପିଣ୍ଡ, ମସ୍ତିଷ୍କ, ଫୁସ୍‌ଫୁସ୍ ସମେତ ଶରୀରର ଅନ୍ୟ ପ୍ରମୁଖ ଅଙ୍ଗ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ କରୋନା ମହାମାରୀକୁ ନିୟନ୍ତ୍ରଣରେ ରଖିବା ପାଇଁ ଟିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଟିକା ନେଇ ନ ଥିବା ଲୋକେ କରୋନା ଯୋଗୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବା ଏଥିରେ କୁହାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଟିକା ନେଇ ନ ଥିବା ବ୍ୟକ୍ତିଙ୍କ ତୁଳନାରେ ଭାକ୍ସିନ ନେଇଥିବା ଲୋକଙ୍କ କ୍ଷେତ୍ରରେ କୋଭିଡ୍‌ଜନିତ ମୃତ୍ୟୁ ଆଶଙ୍କା ୩୪% କମ୍। ସେହିପରି ଟିକା ନେଇଥିବା ବ୍ୟକ୍ତି ଦୀର୍ଘ ଦିନ ପର୍ଯ୍ୟନ୍ତ କୋଭିଡ୍‌ରେ ଆକ୍ରାନ୍ତ ଆଶଙ୍କା ୧୫% କମ୍ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ଅଧ୍ୟୟନକାରୀ କହିଛନ୍ତି।



## ଜେଲରେ ସିଦ୍ଧୁଙ୍କୁ ମିଳିବ ଲୋ-ଫ୍ୟାଟ୍ କ୍ଷୀର, ଆଲମଣ୍ଡ

**ନୂଆଦିଲ୍ଲୀ,୨୬।୫:** ପଟିଆଲା ସେଣ୍ଟ୍ରାଲ ଜେଲ୍‌ରେ ଥିବା କଂଗ୍ରେସ ନେତା ନବଜ୍ୟୋତ ସିଂ ସିଦ୍ଧୁ କିରାଣି କାର୍ଯ୍ୟ କରିବେ। ଡାକ୍ତରଙ୍କ ଅନୁମୋଦନକ୍ରମେ ତାଙ୍କୁ କମ୍ ଫ୍ୟାଟ୍ ଥିବା କ୍ଷୀର, ଜୁସ୍, ଆଲମଣ୍ଡ, ପଇଡ ପାଣି ଯୋଗାଇ ଦିଆଯିବ। ଡାକ୍ତରମାନଙ୍କ ଏକ ବୋର୍ଡର ସୁପାରିଶ ଅନୁଯାୟୀ ସିଦ୍ଧୁଙ୍କୁ ସକାଳେ ରୋଜମେରି ଚା କିମ୍ବା ପଇଡ ପାଣି, ଲାକ୍ଟୋସ୍ ଫ୍ରି କ୍ଷୀର, ଆଲମଣ୍ଡ, ୱାଲନଟ, ପେକାନ୍ ନଟ୍ ଆଦି ମିଳିବ। ସେହିପରି ମଧ୍ୟବର୍ତ୍ତୀ ଖାଦ୍ୟରେ ଜୁସ୍, ଫଳ, ଗଜା ମୁଗ, ଗଜା ବୁଟ, କାକୁଡ଼ି, ଟମାଟୋ, ଲେମ୍ବୁ ଆଦି ଦିଆଯିବ। ମଧ୍ୟାହ୍ନଭୋଜନରେ କାକୁଡ଼ି, ସବୁଜ ପରିବା, ଚପାତି ଦିଆଯିବ। ସେହିପରି ସନ୍ଧ୍ୟାରେ କମ୍ ଫ୍ୟାଟ୍ କ୍ଷୀରରେ ପ୍ରସ୍ତୁତ ଚା', ପନିର, ଟଫୁ ମିଳିବ। ରାତ୍ର ଭୋଜନରେ ବିଭିନ୍ନ ପରିବା ତରକାରି, ଡାଲି କିମ୍ବା ବୁଟ ସୁପ୍, ସବୁଜ ପରିବା ସାଲାଡ ଦିଆଯିବ।

## ୟାସିନ୍‌ଙ୍କୁ ଜେଲ ପ୍ରତିବାଦରେ ବିକ୍ଷୋଭ

### ୟୁଏପିଏରେ ୧୦ ଗିରଫ

**ଶ୍ରୀନଗର,୨୬।୫**

କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ୟାସିନ ମଲିକଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହେବା ପରେ ଏହାର ପ୍ରତିବାଦରେ ସ୍ଲୋଗାନ ଦେବା ଓ ଢେଲାମାଡ଼ କରିବା ଘଟଣାରେ ଶ୍ରୀନଗରରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ କଠୋର ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ବୁଧବାର ଶ୍ରୀନଗରର ମୈସୁମାଠାରେ ୟାସିନଙ୍କ ସମର୍ଥକ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। କୋର୍ଟ ଦଣ୍ଡାଦେଶ ଘୋଷଣା କରିବା ପରେ ୟାସିନ୍‌ଙ୍କୁ ତିହାର ଜେଲ୍‌ର ସ୍ୱତନ୍ତ୍ର ସେଲ୍‌ରେ ରଖାଯାଇଛି। ସୁରକ୍ଷାଗତ କାରଣରୁ ତାଙ୍କୁ ଜେଲ୍‌ରେ କୌଣସି କାର୍ଯ୍ୟ କରିବାକୁ ଦିଆଯାଇ ନ ପାରେ। ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ୭ ନମ୍ବର ସେଲ୍‌ରେ ରଖାଯାଇଥିବା ଜେଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଭଳି ଗୁରୁତର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାରୁ ତାଙ୍କୁ ପାରୋଲ ମିଳିବ ନାହିଁ।



ୟାସିନ ମଲିକ

## ଜଳବାୟୁ ପରିବର୍ତ୍ତନ: ନଜର ରଖିବ ସାଟେଲାଇଟ

**ନୂଆଦିଲ୍ଲୀ,୨୬।୫ (ପି.ଟି.)**

ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ଅତ୍ୟଧିକ ବର୍ଷା, ଗ୍ରୀଷ୍ମ ଭଳି ଭୀଷଣ ପାଗ ବାରମ୍ବାର ଅନୁଭୂତ ହେଉଛି। ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ଲାଗି କ'ଣ କରିବାକୁ ହେବ ଏନେଇ ସାରା ବିଶ୍ୱର ବୈଜ୍ଞାନିକମାନେ ଉଦ୍ୟମ ଚଳାଇଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଚିହ୍ନଟ କରିବାରେ ସାଟେଲାଇଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି କୁହାଯାଉଛି। ପ୍ୟାରିସ ଚୁକ୍ତିନାମା ଅନୁଯାୟୀ ନିର୍ଗମନକୁ ସୀମିତ କରିବାରେ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍‌ଗୁଡ଼ିକ ବିଭିନ୍ନ ଦେଶ ଉପରେ ନଜର ରଖିବ। ପ୍ୟାରିସ୍ ଚୁକ୍ତିନାମା ଲକ୍ଷ୍ୟ ହାସଲ ଦିଗରେ ଟେକ୍‌ନୋଲୋଜି ଯୋଗାଇବ ଲାଗି ୟୁରୋପୀୟ ମହାକାଶ ସଂସ୍ଥା (ଇଏସ୍‌ଏ) କାର୍ଯ୍ୟ କରୁଛି। ଗତବର୍ଷ ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜାତିସଂଘ କୋପ୍‌୨୬ ଜଳବାୟୁ ସମ୍ମିଳନୀରେ ପ୍ରାୟ ୨୦୦ ଦେଶ ଜଳବାୟୁ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସେମାନଙ୍କ ପ୍ରତିଶ୍ରୁତିକୁ ଦୋହରାଇଥିଲେ।



ବିଶ୍ୱ ଜଳବାୟୁ ବ୍ୟବସ୍ଥା ଉପରେ ସାଟେଲାଇଟଗୁଡ଼ିକ ଦୀର୍ଘ ବର୍ଷ ହେବ ତଥ୍ୟ ପ୍ରମାଣ ଯୋଗାଇଆସୁଥିବା ଆଟମୋସ୍ଫିୟରିକ୍ କେମେଷ୍ଟ୍ରି ସ୍ପେଶାଲିଷ୍ଟ ମିଚେଲ ହେଗ୍‌ଲିନ୍ କହିଛନ୍ତି। ପ୍ୟାରିସ ଚୁକ୍ତିନାମାରେ ସହାୟକ ହେବା ଲାଗି ରିମୋଟ ସେନ୍‌ସିଂ ଉପରେ ସେ ଇଏସ୍‌ଏ ସହ ମିଶି ଗବେଷଣା ଚଳାଇଛନ୍ତି। ଜଳବାୟୁ ପରିବର୍ତ୍ତନର ଆକଳନ ଓ ରେକର୍ଡ ସଂଗ୍ରହ ଲାଗି ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍‌ଗୁଡ଼ିକୁ ବ୍ୟବହାର କରାଯିବ। ଆଗାମୀ ଦିନରେ ଜଳବାୟୁ ନିୟନ୍ତ୍ରଣ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତି ଲାଗି ଏକ ୫ ବର୍ଷୀୟା ଆକଳନ ଚକ୍ର କରାଯିବ ବୋଲି ପ୍ରଫେସର ହେଗ୍‌ଲିନ କହିଛନ୍ତି। ଅଙ୍ଗାରକାମ୍ଳ ନିର୍ଗମନର ଖବର ସଂଗ୍ରହ, କାର୍ବନ ଉତ୍ସ ଓ ଜଙ୍ଗଲ ହ୍ରାସ ଉପରେ ନଜର ରଖିବାରେ ଜାତୀୟ ସ୍ତରରେ ଏହି ସାଟେଲାଇଟଗୁଡ଼ିକ ସହାୟକ ହୋଇପାରିବ। ଏମିଶନ ମନିଟରିଂ ନାମକ ଏକ ବିକଶିତ ଆପ୍ଲିକେଶନ ସହାୟତାରେ ସାଟେଲାଇଟଗୁଡ଼ିକ ସବୁଜ ଗୃହ ବାଷ୍ପର ପ୍ରାକୃତିକ ଉତ୍ସ ମିଥେନ୍, ଅଙ୍ଗାରକାମ୍ଳକୁ ଚିହ୍ନ କରିପାରିବ। ମାନବକୃତ କାର୍ଯ୍ୟ ଯୋଗୁ କେଉଁ ଅଞ୍ଚଳରେ ସର୍ବାଧିକ ନିର୍ଗମନ ହେଉଛି, ତାହା ସାଟେଲାଇଟର ଏହି ଅତ୍ୟାଧୁନିକ ଆପ୍ଲିକେଶନ ଦ୍ୱାରା ଜଣାପଡ଼ିବ ବୋଲି ହେଗ୍‌ଲିନ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୯୯,୩୭,୦୭୨ | ୬୩,୦୬,୯୧୦ | ୫୦,୦୪,୭୬,୪୪୯ |
| ଭାରତ | ୪,୩୧,୪୪,୮୨୦ | ୫,୨୪,୫୨୫ | ୪,୨୬,୦୪,୮୮୧ |
| ଓଡ଼ିଶା | ୧୨,୮୮,୪୦୧ | ୯୧୨୬(+୫୩) | ୧୨,୭୯,୧୫୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବୋହୂ ଋଣ ପାଇଁ ଶାଶୁଙ୍କୁ ତାଲା

ରାଜକନିକା,୨୬।୫ (ଡି.ଏନ୍.ଏ.)

ରାଜ୍ୟ ସରକାର ମିଶନ ଶକ୍ତି ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଜରିଆରେ କମ୍ ସୁଧ ହାରରେ ବ୍ୟାଙ୍କ ଋଣ ଯୋଗାଇ ଦେଉଛନ୍ତି। ଏହି ଋଣ ଅର୍ଥକୁ ମହିଳାମାନେ ବିନିଯୋଗ କରି ଛେଳି, ମେଣ୍ଢା, କୁକୁଡ଼ା, ମାଛ ଚାଷ, ଛତୁ, ଛତୁଆ, ମଧ୍ୟାହ୍ନଭୋଜନ, ପାମ୍ପଡ, ବଡ଼ି, ଧୂପକାଠି ଆଦି ତିଆରି କରି ଅର୍ଥ ରୋଜଗାର କରିପାରିବେ। ହେଲେ କେତେକ ଏସ୍ଏଚ୍‌ଜି ଏହି ଅର୍ଥକୁ ନେଇ ମହାଜନୀ ବ୍ୟବସାୟ ଚଳାଇଛନ୍ତି। ସେମାନେ ଅର୍ଥକୁ ଚାଷୀ ଓ ମହିଳାଙ୍କୁ ଋଣ ଆକାରରେ ଦେଇ ସୁଧ ଆଦାୟ କରୁଛନ୍ତି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଗୁରୁବାର ଦେଖିବାକୁ ମିଳିଛି। ଏକ ଏସ୍ଏଚ୍‌ଜିର ମହିଳାମାନେ ଜଣେ ମହିଳାଙ୍କୁ ଋଣ ଦେଇଥିଲେ। ସେ ଋଣ ଟଙ୍କା ପରିଶୋଧ ଠିକ୍ ସମୟରେ ନ କରିବାରୁ ତାଙ୍କ ଶାଶୁଙ୍କୁ ୪ ଘଣ୍ଟାରୁ ଅଧିକ ସମୟ ଘରେ ତାଲା ପକାଇ ରଖିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ପହଞ୍ଚି ତାଲା ଭାଙ୍ଗି ଶାଶୁଙ୍କୁ ଉଦ୍ଧାର କରିଛି। ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। କାରଣ ଋଣଗ୍ରହୀତା ଘରେ ନ ଥିବା ବେଳେ ତାଙ୍କୁ ଶାଶୁଙ୍କୁ ଏଭଳି ନିର୍ଯାତନା ଦେବା ଠିକ୍ ନୁହେଁ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜକନିକା ଥାନା ଗଞ୍ଜା ଗାଁର ଏକ ଏସ୍ଏଚ୍‌ଜିଠାରୁ ବୋହୂ ପୂଜା ରାୟ ଋଣ ନେଇ ବାହାରେ ରହୁଛନ୍ତି। ଏହି ଋଣ ଟଙ୍କା ପରିଶୋଧ ହୋଇ ପାରୁ ନ ଥିବାରୁ ସମିତିର ସଭାପତି ପୂଜାଙ୍କୁ ଖୋଜିଥିଲେ। ପୂଜାଙ୍କୁ ନ ପାଇ ତାଙ୍କ ଶାଶୁ ସରସ୍ୱତୀଙ୍କୁ ମାଡ଼ ମାରି ଏକ ଘରେ ତାଲା ପକାଇ ରଖିଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏ ନେଇ ଥାନାରେ ୨୯୪/୩୨୩/୩୪୨/୫୦୬ ଆଇପିସିରେ ଏକ ମାମଲା (ନଂ.୧୬୦/୨୨) ରୁଜୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।


ପୋଲିସ ତାଲା ଭାଙ୍ଗି ସରସ୍ୱତୀଙ୍କୁ ଉଦ୍ଧାର କରୁଛି।

# ଶିଶୁ ମୃତ୍ୟୁହାର ହ୍ରାସରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

- ୨୦୦୫ରୁ ୨୦୨୦ ମଧ୍ୟରେ ୩୯ ପଏଣ୍ଟ କମିଛି
- ଓଡ଼ିଶାର ବିକାଶରେ ସମସ୍ତେ ସାମିଲ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ଦୃଷ୍ଟାନ୍ତମୂଳକ ଉଦାହରଣ ପାଲଟିଛି। ଏସ୍ଆର୍ଏସ୍ ବୁଲେଟିନ୍ ଅନୁଯାୟୀ, ୨୦୦୫ରୁ ୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ ଶିଶୁ ମୃତ୍ୟୁହାର ୩୯ ପଏଣ୍ଟ ହ୍ରାସ ପାଇଛି। ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ୍ ସିଷ୍ଟମ, ଏସ୍ଆର୍ଏସ୍ ବୁଲେଟିନ୍‌ରେ ବାର୍ଷିକ ଶିଶୁ ମୃତ୍ୟୁହାର, ଜନ୍ମହାର ଓ ଆନୁଷଙ୍ଗିକ ତଥ୍ୟ ପ୍ରକାଶିତ ହୋଇଥାଏ। ଏବେ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଗୁରୁବାର ଲୋକସେବା ଭବନରେ ଆୟୋଜିତ 'ମୋ ସରକାର' ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେଇ କହିଛନ୍ତି, ଓଡ଼ିଶା ଶିଶୁ ମୃତ୍ୟୁହାରରେ ୩୯ ପଏଣ୍ଟ ହ୍ରାସ କରିବାରେ ସଫଳ ହୋଇଛି। ୨୦୦୫ରୁ ୨୦୨୦ ମଧ୍ୟରେ ଏହି ସଫଳତା ମିଳିଛି। ଏହା ସାରା ଦେଶରେ ଏହି ସମୟ ମଧ୍ୟରେ ସର୍ବାଧିକ ହ୍ରାସ। ଏଥିସହିତ ବର୍ତ୍ତମାନ ରାଜ୍ୟରେ ଶିଶୁ ମୃତ୍ୟୁ ହାର ପ୍ରତି ଏକ ହଜାରରେ ୩୬କୁ କମିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ମିଶନ ଶକ୍ତି ବିଭାଗ ଏବଂ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ବିକାଶ ଯାତ୍ରାରେ ସମସ୍ତେ ସାମିଲ ହୋଇ ନୂଆ ନୂଆ ସଫଳତା ହାସଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ୨୦୧୫-୧୬ ମସିହାରୁ 'ସମ୍ପୂର୍ଣ୍ଣ' ଭଳି ଅଭିନବ ସ୍ୱାସ୍ଥ୍ୟସେବା ଯୋଜନା ଆରମ୍ଭ କରାଯାଇଛି। ଏଥିରେ ଅଧିକ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଚିହ୍ନଟ କରି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ପ୍ରଥମ ରେଫରାଲ ୟୁନିଟ୍‌ରେ ଗର୍ଭବତୀ ମହିଳାମାନଙ୍କୁ ସିଜରିଆନ୍ ସୁବିଧା ଯୋଗାଇଦେବା ସହ 'ଲକ୍ଷ୍ୟ' କାର୍ଯ୍ୟକ୍ରମ ଅଧୀନରେ ପ୍ରସବକାଳୀନ ସମସ୍ୟା ଓ ନବଜାତ ଶିଶୁଙ୍କୁ ଗୁଣାତ୍ମକ ଯତ୍ନ ସେବା ଯୋଗାଇ ଦିଆଯାଉଛି। ଏଥିରେ ପ୍ରସୂତି ଓ ନବଜାତ ଶିଶୁଙ୍କୁ ୪୮ ଘଣ୍ଟା ସ୍ୱାସ୍ଥ୍ୟସେବା ମିଳିପାରୁଛି। ଏଥିଲାଗି ରାଜ୍ୟରେ ୭୪ଟି ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏଥିରେ ୩୦ରୁ ୧୨୫ ପର୍ଯ୍ୟନ୍ତ ଶଯ୍ୟା ବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନବଜାତ ଶିଶୁଙ୍କ ଯତ୍ନ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୪୮ରୁ ଅଧିକ ଆଶାକର୍ମୀ ନିୟୋଜିତ ଅଛନ୍ତି। ରାଜ୍ୟରେ ଏବେ ୪୪ଟି ସ୍ୱତନ୍ତ୍ର ନବଜାତ ସ୍ୱାସ୍ଥ୍ୟସେବା କେନ୍ଦ୍ର କାର୍ଯ୍ୟ କରୁଛି। ଏଠାରେ ଜନ୍ମ ପରବର୍ତ୍ତୀ ମୃତ୍ୟୁହାର ଓ ମସ୍ତିଷ୍କର କ୍ଷତିକୁ ରୋକିବା ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ନିୟମିତ ଟିକାକରଣ ଯୋଜନା ମାଧ୍ୟମରେ ଆଇଭିପି, ରୋଟାଭାଇରସ୍ ଓ ମିଶନ ଇନ୍ଦ୍ରଧନୁଷ ମାଧ୍ୟମରେ ଟିକା ସୁବିଧା ମିଳିପାରୁଛି। ଶିଶୁଙ୍କୁ ଜନ୍ମ ପରେ ଭିଟାମିନ୍-କେ ଦିଆଯାଉଛି। ଗୁରୁତର ପୁଷ୍ଟିହୀନ ପିଲାଙ୍କୁ ଉପଯୁକ୍ତ ଖାଇବା ଅଭ୍ୟାସ, ଓଆର୍ଏସ୍ ଓ ଜିଙ୍କ ଥେରାପି ଏବଂ ପୁଷ୍ଟିକର ସପ୍ଲିମେଣ୍ଟସ ପ୍ରଦାନ କରାଯାଉଛି। ସରକାରଙ୍କ ଏହିସବୁ ପଦକ୍ଷେପ ଫଳରେ ରାଜ୍ୟରେ ଶିଶୁ ମୃତ୍ୟୁହାର ହ୍ରାସ ପାଇଛି।

# ସିବିଆଇ ତଦନ୍ତ ଦାବି କଲା ଶ୍ରୀଜଗନ୍ନାଥ ସେନା

ପୁରୀ ଅଫିସ,୨୬।୫

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସିବିଆଇ ତଦନ୍ତ ଦାବି କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ସିବିଆଇ ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଏକ ଅଭିଯୋଗପତ୍ର ଦିଆଯାଇଛି। ଏଥିସହ ପ୍ରକଳ୍ପ କାର୍ଯ୍ୟରେ ଆଇନ ଉଲ୍ଲଂଘନ କରାଯାଇଥିବା ଦର୍ଶାଇ ପୁରୀ ଜିଲାପାଳ, ଏସ୍ଆଇ ଅଧିକାରୀଙ୍କ ସମେତ ସମସ୍ତ ଅଂଶୀଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏଥିପ୍ରତି ତୁରନ୍ତ ମାମଲା ରୁଜୁ କରି ସିବିଆଇ ଏସ୍‌ପି ତଦନ୍ତ କରନ୍ତୁ, ନଚେତ୍ ଶ୍ରୀଜଗନ୍ନାଥ ସେନା କୋର୍ଟର ଦ୍ୱାରସ୍ଥ ହେବ ବୋଲି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ବେଆଇନ ନିର୍ମାଣ କାର୍ଯ୍ୟ ଘୋଡ଼ାଇବା ପାଇଁ ରାଜ୍ୟ ସରକାର ମିଛ କହୁଛନ୍ତି। ଶ୍ରୀଜଗନ୍ନାଥ ସେନା ୪ ମାସ ହେଲା ଆନ୍ଦୋଳନ ଜାରି ରଖିଛି। ପ୍ରଥମେ ଜିଲାପାଳ ଏନ୍ଏମ୍ଏ ଏନଓସି ଥିବା କହିଥିବା ବେଳେ ବାସ୍ତବରେ ସୂଚନା ଅଧିକାର ବଳରେ ହସ୍ତଗତ ତଥ୍ୟରୁ ଜଣାପଡ଼ିଛି ଯେ, ଏନ୍ଏମ୍ଏ ପ୍ରକଳ୍ପ କାର୍ଯ୍ୟ ପାଇଁ ଏନ୍ଓସି ଜାରି କରିନାହିଁ। ସେହିଭଳି ହାଇକୋର୍ଟ ନିର୍ଦ୍ଦେଶକ୍ରମେ ହୋଇଥିବା ଯୁଗ୍ମ ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ପ୍ରକଳ୍ପ କାର୍ଯ୍ୟ ପାଇଁ କୌଣସି ଅନୁମୋଦନ ନାହିଁ। ଏଣୁ ସରକାର କେଉଁ ଅନୁମୋଦନ ବଳରେ କାର୍ଯ୍ୟ କରୁଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଏହି ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛୁ। ଏଏସ୍ଆଇ ଓ ଏନ୍ଏମ୍ଏ ପର୍ଯ୍ୟନ୍ତ ଜଗନ୍ନାଥ ସେନା ସବୁ ଅଫିସରେ ପହଞ୍ଚି ବେଆଇନ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛି। ରାଜ୍ୟ ସରକାରଙ୍କୁ ନିର୍ମାଣ ପାଇଁ ଅନୁମତି ନାହିଁ ବୋଲି କେନ୍ଦ୍ରୀୟ ଏଜେନ୍ସିମାନେ ଜଣାଉଛନ୍ତି। ସେହିଭଳି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ରାଜ୍ୟ ସରକାରଙ୍କ ବେଆଇନ କାର୍ଯ୍ୟକଳାପ ବିରୋଧରେ କାହିଁକି ଏତଲା ଦେଇନାହାନ୍ତି ତାହା ସ୍ପଷ୍ଟ କରନ୍ତୁ। ସେହିଭଳି ଆଇପିସି ଧାରା, ୪୬୭, ୪୬୮, ୪୬୯, ୪୭୧, ୪୭୨, ୪୨୦ ଓ ଆମସାର୍ ଆକ୍ଟ ୧୯୫୮ର ଧାରା ୩୦(କ)(ଖ)(ଗ) ଓ ୧୬୬ ମତେ ମାମଲା କରିବାକୁ ସିବିଆଇକୁ ଅନୁରୋଧ କରାଯାଇଛି।



**ଆଜିର ମନ୍ତବ୍ୟ**

ଭାରତର ତାତ୍ପର୍ଯ୍ୟ ହେଉଛି ବ୍ୟବସାୟ। ସ୍ନାତକମାନେ ଦେଶର ସ୍ୱାର୍ଥରେ ନିଜ ବ୍ୟକ୍ତିଗତ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରିବା ଦରକାର।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଋଷିଙ୍କ ଘରକୁ ମହାଋଷି ଗଲେ**
**ଜିରା ଭିତରୁ ସିରା କାଢ଼ିଲେ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି। ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା'ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଋଣ କୋଷ, ବ୍ୟାଧି କୋଷ, ଶତ୍ରୁ କୋଷ**
**ଏ ତିନିଙ୍କି ନ ରଖିବ ଲେଶ।**

ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ। ବ୍ୟାଧି ବା ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ। ସେହିପରି ଶତ୍ରୁତାକୁ ଶେଷ ବା ଦମନ କରିଦେଲେ ମଣିଷ ବିପଦଶୂନ୍ୟ ହୋଇଯାଏ। ଚାଣକ୍ୟଙ୍କ ମତରେ ଋଣ, ବ୍ୟାଧି ଓ ଶତ୍ରୁର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଡ଼ି ବଡ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଭୁବନେଶ୍ୱର ଜୟଦେବ ବିହାରଠାରେ ଗୁରୁବାର ଶ୍ରୀଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ମହାସମ୍ପ୍ରେକ୍ଷଣ କାର୍ଯ୍ୟକ୍ରମ ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟମାନେ।

# ଏମ୍ସରେ ସମ୍ପୂର୍ଣ୍ଣ ଜଂଘହାଡ଼ ପ୍ରତିରୋପଣ

**ରାଜ୍ୟରେ ପ୍ରଥମ**

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗକୁ ମିଳିଛି ଆଉ ଏକ ବିରଳ ସଫଳତା। ଏହି ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଜଂଘହାଡ଼ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଏପରି ବିରଳ ଅସ୍ତ୍ରୋପଚାର ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଅସ୍ଥିଶଲ୍ୟ ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଜିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୩୦ ବର୍ଷୀୟ ଯୁବକଙ୍କର ସମ୍ପୂର୍ଣ୍ଣ ଜଂଘହାଡ଼ ପ୍ରତିରୋପଣ କରିଛନ୍ତି। ଏହି ଯୁବକଙ୍କ ବାମ ଜଂଘହାଡ଼ରେ ଏକ ବଡ଼ ଟ୍ୟୁମର ରହିଥିଲା। ସେ ଜଂଘହାଡ଼ରେ ପ୍ରିମିଟିଭ ନ୍ୟୁରୋଏକ୍ଟୋଡର୍ମାଲ୍ ଭଳି ଜଟିଳ ରୋଗରେ ପୀଡ଼ିତ ଥିଲେ। ଏନେଇ ସେ ପୂର୍ବରୁ ୨୦୧୮ ଏବଂ ୨୦୧୯ରେ ଦୁଇ ଦୁଇଟି ଅସ୍ତ୍ରୋପଚାର କରିସାରିଥିଲେ। ମାତ୍ର ତାହା ଟ୍ୟୁମରକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ପର୍ଯ୍ୟାପ୍ତ ନ ଥିଲା। ପରବର୍ତ୍ତୀ ସମୟରେ ତାଙ୍କଠାରେ ଉକ୍ତ ଟ୍ୟୁମର ବୃଦ୍ଧି ପାଇ ଅସହ୍ୟ ପୀଡ଼ା ହେଉଥିଲା। ତେଣୁ ଏହି ଅସ୍ତ୍ରୋପଚାର ପୂର୍ବରୁ ତାଙ୍କୁ କେମୋଥେରାପି ଦିଆଯାଉଥିଲା। ଉକ୍ତ ବିପଦପୂର୍ଣ୍ଣ ଟ୍ୟୁମରଟି ରକ୍ତବାହୀ ପାଖାପାଖି ଥିଲା। ତେଣୁ ଅତ୍ୟନ୍ତ ସତର୍କତା ଓ ଯତ୍ନର ସହିତ ଅସ୍ତ୍ରୋପଚାର କରି ସମ୍ପୂର୍ଣ୍ଣ ଟ୍ୟୁମରଟିକୁ ଟୋଟୋରେ ଏକ୍ସାଇଜ୍ କରାଯାଇ ସମ୍ପୂର୍ଣ୍ଣ ଜଂଘହାଡ଼ ପ୍ରତିରୋପଣ କରାଯାଇଥିଲା। ଏଥିପାଇଁ ପ୍ରାୟ ୪ ଘଣ୍ଟା ଲାଗିଥିଲା। ଡା. ଅପରାଜିତା ପଣ୍ଡା ଓ ତାଙ୍କ ଟିମ୍ ଅସ୍ତ୍ରୋପଚାରରେ ନିଶ୍ଚେତକ ଯୋଗାଇଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ଥିବା ଡା. ତ୍ରିପାଠୀ କହିଛନ୍ତି। ତେବେ ପରବର୍ତ୍ତୀ କେମୋଥେରାପି କରିବା ସହ ନିଜର ଉତ୍ତମ ଯତ୍ନ ନେବାକୁ ଡା. ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଏପରି ସଫଳତା ପାଇଁ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ଏବଂ ମେଡିକାଲ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ସ୍ୱଳ୍ପ ସ୍ଥାନରେ ଏପରି ଅସ୍ତ୍ରୋପଚାର କରାଯାଇଥାଏ। ଏହି ଅସ୍ତ୍ରୋପଚାର ଯୋଗୁ ଯୁବକ ଜଣଙ୍କ ପଙ୍ଗୁ ହେବାରୁ ରକ୍ଷା ପାଇଥିବା ଜଣାପଡ଼ିଛି।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ, ୨ ଅଟକ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

**ବୋଲଗଡ଼,୨୬।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ଦିଘିରି ନିକଟ ବୃନ୍ଦାବନପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ବର୍ଷାରାଣୀ ନାୟକ। ତେବେ ଯୌତୁକ ପାଇଁ ବର୍ଷାରାଣୀଙ୍କୁ ମାରି ଫ୍ୟାନରେ ଝୁଲାଇ ଦିଆଯାଇଛି ବୋଲି ତାଙ୍କ ମା'ଜୟନ୍ତୀ ନାୟକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩୨/୨୨)ରୁଜୁକରି ମୃତାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୫ମାସ ପୂର୍ବେ ବୃନ୍ଦାବନପୁର ଗ୍ରାମର ରଞ୍ଜନ ମାନସିଂହଙ୍କୁ ନୟାଗଡ଼ ଜିଲା ଇଟାମାଟି ଥାନା ବଳରାମପୁର ଗ୍ରାମର ବର୍ଷାରାଣୀ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର ଏକ ମାସ ପରେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ବର୍ଷାରାଣୀଙ୍କୁ ଶାଶୁଘର ଲୋକେ କହିଥିଲେ। ଏଥିରେ ସେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଉଥିଲେ। ବୁଧବାର ସନ୍ଧ୍ୟାରେ ବର୍ଷାରାଣୀ ଆତ୍ମହତ୍ୟା କରିଥିବା ନେଇ ମା'ଜୟନ୍ତୀ ଖବର ପାଇଥିଲେ। ଏନେଇ ଅଭିଯୋଗ ପରେ ବୋଲଗଡ଼ ଆଇଆଇସି ବିଦିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ମୃତାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାକୁ ଆଣିଥିଲେ। ଗୁରୁବାର ଖୋର୍ଦ୍ଧା ଡିଏସ୍‌ପି ନିରୁପମା ମଲ୍ଲିକ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତହସିଲଦାର ସନ୍ତୋଷିନୀ ଦାସଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ କେତେକ ଯୌତୁକ ସାମଗ୍ରୀ ବାପଘର ଲୋକଙ୍କୁ ଫେରାଇଥିବା ବେଳେ ମୃତାଙ୍କ ଶ୍ୱଶୁର, ନଣନ୍ଦ, ନଣନ୍ଦେଇ ଫେରାର ଥିବା ପୋଲିସ କହିଛି।

# ଗରମ ଡାଲି ପଡ଼ି ବୋଝିଆ ଆହତ

**ପୁରୀ ଅଫିସ,୨୬।୫**

ଶ୍ରୀମନ୍ଦିର ଭୋଗ ମଣ୍ଡପ ପାହାଚ ନିକଟରେ ଗୁରୁବାର ଗରମ ଡାଲି ପଡି ଜଣେ ବୋଝିଆ ଗୁରୁତର ଆହତ ହୋଇଛନ୍ତି। ଆହତ ବୋଝିଆ ଜଣଙ୍କ ହେଉଛନ୍ତି ବାଲିକେରା ଗ୍ରାମର ବିନାୟକ ମହାପାତ୍ର(୫୦)। ବିନାୟକ ମହାପ୍ରସାଦ ନେଇ ଭୋଗ ମଣ୍ଡପରୁ ଆସୁଥିବା ବେଳେ ପାହାଚରେ ତାଙ୍କ ଗୋଡ ଖସି ଯାଇଥିଲା। ଫଳରେ ସେ ତଳେ ପଡିଯିବାରୁ ଡାହାଣ ଗୋଡରେ ଡାଲି ପଡିଯାଇଥିଲା। ଆହତ ବୋଝିଆ ମହାପାତ୍ରଙ୍କୁ ସେଠାରେ ଉପସ୍ଥିତ ପୋଲିସ, ଅନ୍ୟ ବୋଝିଆମାନେ ଉଦ୍ଧାର କରି ଶ୍ରୀମନ୍ଦିର ପ୍ରଶାସନ ଆମ୍ବୁଲାନ୍ସରେ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତଳେ ପଡିଯିବାରୁ ତାଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ବେଳେ ଗରମ ଡାଲି ପଡିଯିବା ଯୋଗୁ ଡାହାଣପାର୍ଶ୍ୱ ଗୋଡ ପୋଡିଯାଇଛି। ଚିକିତ୍ସା ପରେ ତାଙ୍କ ଅବସ୍ଥା ଭଲ ଥିବା ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ଖାଲି ଚାଉଳ...

ହିତାଧିକାରୀମାନଙ୍କୁ ରାଶନ ବାଣ୍ଟିବା ଦ୍ୱାରା ଏଭଳି ସମସ୍ୟା ଉପୁଜିଛି। କେନ୍ଦ୍ର ସରକାର ପ୍ରତି ମାସରେ ରାଜ୍ୟର କୋଟା ହିସାବରେ ଗହମ ଯୋଗାଣ କରୁଥିଲେ। ମାତ୍ର କୋଭିଡ୍ ସମୟରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ଏକକାଳୀନ ଚାଉଳ ଦେବା ନିଷ୍ପତ୍ତି ନେଇଥିଲେ। ଏ ପର୍ଯ୍ୟନ୍ତ ତାହା ବଳବତ୍ତର ରହିଛି। ଫଳରେ କେନ୍ଦ୍ର ସରକାର ଏକକାଳୀନ ଗହମ ଯୋଗାଣରେ ବିଫଳ ହେଉଛନ୍ତି। ରାଜ୍ୟ ସରକାର ରାଜ୍ୟରୁ କ୍ରୟ କରୁଥିବା ଧାନରୁ ଉତ୍ପାଦିତ ଚାଉଳକୁ ବିକ୍ରି କରି ନ ପାରି ହରଡ଼ଘଣାରେ ପଡ଼ିଛନ୍ତି। ଗୋଟିଏପଟେ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ବଳକା ଚାଉଳ ନେବାକୁ ରାଜି ହେଉ ନ ଥିବାବେଳେ ଗୋଦାମ ଖାଲି ନ ହେଲେ ରାଜ୍ୟରେ ଚାଉଳ ରଖିବାକୁ ଜାଗା ଅଭାବ ହେଉଛି। ୨୦୨୧-୨୨ରେ ରାଜ୍ୟରେ ୫୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦିତ ହୋଇଛି। ସେଥିରୁ ରାଜ୍ୟ ସରକାର ୩୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏନ୍‌ଏଫ୍‌ଏସ୍‌ଏ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ୟ ଜନକଲ୍ୟାଣ ଯୋଜନାରେ ଯୋଗାଇ ଦେଉଛନ୍ତି। ୨୨ ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ଗୋଦାମରେ ପଡ଼ିରହୁଛି। ସେହି ଚାଉଳ ଖାଲି ନ ହେଲେ ପରବର୍ତ୍ତୀ ବର୍ଷରେ ଆସୁଥିବା ଚାଉଳକୁ ରଖିବା ନେଇ ସମସ୍ୟା ଦେଖାଦେଉଛି। ଗହମ ନେଉଥିବା ହିତାଧିକାରୀ ସୁଦର୍ଶନ ଲେଙ୍କା କହିଛନ୍ତି, ଆଜିକାଲି ଅଧିକାଂଶ ଲୋକ ମଧୁମେହ ରୋଗରେ ପୀଡ଼ିତ। ରୁଟି ଖାଇବା ଜରୁରୀ ହୋଇଗଲାଣି। ଗହମ ନ ମିଳିଲେ ବଜାରରୁ କିଣି ଖାଇବା ମୁସ୍କିଲ ହୋଇଯିବ। କେନ୍ଦ୍ର ସରକାର ପୂର୍ବରୁ ଯେମିତି ଗହମ ଯୋଗାଇ ଦେଉଥିଲେ ଏବେ ସେମିତି ଯୋଗାଇ ଦିଅନ୍ତୁ। ଯେଉଁମାନେ ଚାଉଳ ନେବା କଥା ସେମାନେ ଚାଉଳ ନିଅନ୍ତୁ। ସମସ୍ତଙ୍କୁ ଚାଉଳ ନେବାକୁ ବାଧ କରିବା ଅନୁଚିତ।

## ବାବୁଙ୍କ କୁକୁର ପାଇଁ...

ଜଣେ କୋଚଙ୍କ ଅଭିଯୋଗ ମୁତାବକ, ପୂର୍ବରୁ ରାତି ୮ରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଖେଳାଳିଙ୍କୁ ଟ୍ରେନିଂ ଦିଆଯାଉଥିଲା। କିନ୍ତୁ ଆଇଏଏସ୍ ଅଫିସର ଜଣକ ତାଙ୍କ କୁକୁର ଚଲାଇବାକୁ ଆଣୁଥିବାରୁ ସେମାନଙ୍କୁ ସନ୍ଧ୍ୟା ୭ଟାରେ ବିଦା କରିଦିଆଯାଉଛି। ଏଥିଯୋଗୁ ଟ୍ରେନିଂ ଓ ଅଭ୍ୟାସ ବାଧାପ୍ରାପ୍ତ ହେଉଛି ବୋଲି ସମ୍ପୃକ୍ତ କୋଚ୍ କହିଛନ୍ତି। ତେବେ ଏହି ଅଭିଯୋଗକୁ ସଚିବ ଖିରୱାର ଖଣ୍ଡନ କରିଛନ୍ତି। ସେ ବେଳେବେଳେ ତାଙ୍କ କୁକୁରକୁ ଷ୍ଟାଡିୟମ ନେଇ ଯାଆନ୍ତି ବୋଲି ସ୍ୱୀକାର କରିଛନ୍ତି। କିନ୍ତୁ ଆଥ୍‌ଲେଟଙ୍କ ଅଭ୍ୟାସ କିମ୍ବା ଟ୍ରେନିଂ ବାଧାପ୍ରାପ୍ତ ହେଲାଭଳି ସେ କୌଣସି କାମ କରି ନ ଥିବା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କୌଶଲ କିଶୋର ଏହାକୁ କ୍ଷମତାର ଅପବ୍ୟବହାର ବୋଲି କହିବା ସହ ଅଫିସର ଏଥିପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ଖେଳାଳିଙ୍କୁ ବାହାର କରି ଷ୍ଟାଡିୟମରେ ବାବୁଙ୍କ କୁକୁରକୁ ଚଲାଇବା ଲଜ୍ଜାଜନକ ବୋଲି ମନ୍ତ୍ରୀ କହିଛନ୍ତି।

## କମିଲା ବସ୍...

ବସ୍ କିଲୋମିଟର ପିଛା ୧ ଟଙ୍କା ୩୫ରୁ ୧ଟଙ୍କା ୨୯, ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୬୩ରୁ ୧ଟଙ୍କା ୫୭ ପଇସାକୁ କମିଛି। ସେହିପରି ସୁପର ପ୍ରିମିୟମ ବସ୍ ଭଡ଼ା କିଲୋମିଟର ପିଛା ୨ଟଙ୍କା ୫୩ ପଇସାରୁ ୨ ଟଙ୍କା ୪୪ ପଇସାକୁ ହ୍ରାସ ପାଇଛି। ତୈଳ ଦର ବୃଦ୍ଧିକୁ ନେଇ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ବସ୍ ଭଡ଼ା ବୃଦ୍ଧି ଓ ହ୍ରାସ ବ୍ୟବସ୍ଥା ରହିଛି।

## ନିଯୁକ୍ତି ପ୍ରକ୍ରିୟାରେ...

ଲାଗି ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ। ଟ୍ରିବ୍ୟୁନାଲ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାକୁ କର୍ଣ୍ଣାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲେ ହେଁ ରିଟ୍ ପିଟିଶନ ଖାରଜ ହୋଇଯାଇଥିଲା। ୪୫ ଦିନ ମଧ୍ୟରେ ନିଯୁକ୍ତି ସମ୍ପୂର୍ଣ୍ଣ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।


# classifieds Everyday

0674-2580101, 2549302





**SALE**

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-574

Sum-Nuagaon Ghangapatna, Kateni-Kantabada, Khordha Pitapalli residential plot available- 9348957503. D-73251

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରଉପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

**ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଘପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495.** D-487

3BHK duplex corehouse 20,00,000/- Hanspal (Bainchua) finance available- 8093465134, 9668194157. D-73321

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250





Refreshing your mind and body with the best therapy, 7873794731. D-317

Newly open full body massage ladies and gents. 8327740003, 8093860513. D-73902

**Relax, Refresh your body, mind at Saikrupa Spa with best therapies. 8984068077.** D-488

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Institute of Astroguideର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ 30,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। 7008510005, 9437932751.** D-73805

**AFFIDAVIT**

I Priyansu Priyaranjan Pradhan (DOB 01.11.2006), S/o-Purna Chandra Pradhan of At- Balikudia, PO.- Barapalli, PS./Dist- Nayagarh by mistake in my father's service record, my name erroneously endorsed as Priyanshu Priyaranjan Pradhan instead of Priyansu Priyaranjan Pradhan and DOB noted as dt 01.11.2007 instead of dt 01.11.2006 affidavit No.- 523/22 dt 25.05.2022. D-572

**କୃତିତ୍ୱ**



ଦୀପାନନ୍ଦ ଜେନା-୫ମ, ମାତା- ସ୍ନେହଲତା ପଣ୍ଡିତ, ପିତା- ହୃଦାନନ୍ଦ ଜେନା, ଗ୍ରାମ- ମାଧିପୁର, ରେମୁଣା ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ୨୦୨୧-୨୨ ଶିକ୍ଷାବର୍ଷର ରାଜ୍ୟସ୍ତରୀୟ ପ୍ରାଦେଶିକ ମେଧାବୃତ୍ତିରେ ରୂପସା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଦୀପାନନ୍ଦ ଜେନା ୫ମ ସ୍ଥାନ ଏବଂ ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୪ର୍ଥ ସ୍ଥାନ ଅଧିକାର କରି ବିଦ୍ୟାମନ୍ଦିରର ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ପ୍ରଧାନ ଆଚାର୍ଯ୍ୟା ପ୍ରତିମା ଦାସ, ଗୁରୁମା, ଗୁରୁଜୀ ଓ ପରିବାରବର୍ଗ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧ-୫୭୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାହୁ ଯୁକ୍ତ ଚନ୍ଦ୍ର ମାନସିକ ସ୍ଥିତିକୁ ବିଚଳିତ କରିପାରେ। କୃତ୍ତିକା ନକ୍ଷତ୍ର ସମାଜକଲ୍ୟାଣ କାର୍ଯ୍ୟରେ, ଆନୁଷ୍ଠାନିକକ୍ଷେତ୍ରରେ, ସଭାସମିତିରେ ସାମିଲ ହେଲେ ସମ୍ମାନିତ ହେବେ। ଦୂରସ୍ଥ ସନ୍ତାନଙ୍କ ପାଇଁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ**
ଶୁକ୍ର ଯୁକ୍ତ ଚନ୍ଦ୍ର ପ୍ରଭାବରେ ଆଜି ଆନନ୍ଦ ଅନୁଭବ କରିବେ। ମୃଗଶିରାର ମତାନ୍ତରଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଘରୋଇ କଥାରେ ଆତ୍ମୀୟମାନଙ୍କୁ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଯୋଗାଯୋଗ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ**
ବହୁତ ଦିନରୁ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାମ୍ବାଦିକତା କ୍ଷେତ୍ରରେ ଗୌରବାନ୍ୱିତ ହେବେ। କଳା, ସାହିତ୍ୟ ଚର୍ଚ୍ଚାରେ ନିଜକୁ ହଜାଇ ଦେଇ ପାରନ୍ତି। ଆର୍ଦ୍ରା ନକ୍ଷତ୍ର ଆର୍ଥିକ ଅନଟନ ମଧ୍ୟରେ ଚଳିବାକୁ ବାଧ ହେବେ।

**କର୍କଟ**
କର୍ମଭାବରେ ଚନ୍ଦ୍ର ହେତୁ ଆପଣଙ୍କ ଉଦାର ଭାବନାଯୁକ୍ତ ସୁଚିନ୍ତିତ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କ ଦୃଷ୍ଟି ଆକର୍ଷଣ କରିବ। ପରିବାରରେ ସୌହାର୍ଦ୍ଦ୍ୟତା ମଧ୍ୟରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ।

**ସିଂହ**
ଅଭାବନୀୟ ପରିସ୍ଥିତି ଜଣେ ଉଚ୍ଚ ପଦାଧିକାରୀଙ୍କ ପରୋକ୍ଷ ସାହାଯ୍ୟରୁ ଦୂରେଇଯିବ। ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନ୍‌ସନ ଦୂର ହେବ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନେ କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା**
ଅଷ୍ଟମଭାବରେ ପାପଗ୍ରହ ଅବସ୍ଥାନ କରିଥିବାରୁ ଅସ୍ଥିରତା ମଧ୍ୟରେ ଦିନଚର୍ଯ୍ୟା କରିବାକୁ ବାଧ ହେବେ। ବ୍ୟୟବୃଦ୍ଧି, ସନ୍ତାନମାନଙ୍କ ସମସ୍ୟା, ଶତ୍ରୁତା,ବିରୋଧର ସାମନା କରିବା ଦିଗରେ ଚିନ୍ତିତ ରହିବେ। ଆତ୍ମୀୟଙ୍କ ସହଯୋଗରେ ପରିସ୍ଥିତି ହାଲୁକା ହୋଇଯିବା ସୂଚନା ରହିଛି। ତଥାପି କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**
ଅତୀତରେ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। ବିଶାଖା ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଅଫିସରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା**
ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ରର ବିଭିନ୍ନ ସମସ୍ୟା ମନଟାକୁ ଗୋଳମାଳିଆ କରିଦେଇପାରେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି।

**ଧନୁ**
ଆତ୍ମୀୟଙ୍କ ତରଫରୁ ସମସ୍ୟା କିମ୍ବା ବିରୋଧ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ନୂଆ ସ୍ଥାନ ଦର୍ଶନ, ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ମଜାଇ ରଖିବେ। ଆଧାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ ଅତିବାହିତ ହେବ। କୌଣସି ଶୁଭ କାମରେ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ମିଷ୍ଟାଳାପ କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧାଭାଷର ଆଭାସ ମାନସିକ ଅଶାନ୍ତିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହେବେ।

**କୁମ୍ଭ**
ଆଜିର ଯାତ୍ରା ସଫଳ ହେଲେ ମଧ୍ୟ ସମସ୍ୟା ଲାଗି ରହିବ। କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପର୍ଯ୍ୟଟନ, ପରିଭ୍ରମଣ, ଲୋକ ସମ୍ପର୍କ, ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ଉପକୃତ ହେବେ।

**ମୀନ**
ଦକ୍ଷତା ଓ ସମୟାନୁବର୍ତ୍ତିତା ହେତୁ କାର୍ଯକ୍ଷେତ୍ରରୁ ଅର୍ଥ, ସମ୍ମାନ ଓ ସମ୍ବର୍ଦ୍ଧନା ପାଇ ଖୁସି ରହିବେ। କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି।

## ମହଙ୍ଗା ମାଡ଼: ଲୋକେ...

ବୃଦ୍ଧି ପାଇଛି। ଦରଦାମ ବୃଦ୍ଧି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭାବ ଦେଖାଦେଇଥିବାବେଳେ କମ୍ପାନୀଗୁଡ଼ିକ ଲୋକଙ୍କ ଅସନ୍ତୋଷକୁ ଲକ୍ଷ୍ୟରେ ରଖି ଏକ ନୂଆ ନୀତି ଆପଣାଇଛନ୍ତି। ଜିନିଷର ଦାମ୍ ବୃଦ୍ଧି କରିଦେଲେ ଗ୍ରାହକଙ୍କ ମଧ୍ୟରେ କାଳେ ଅସନ୍ତୋଷ ବଢ଼ିବ ସେଥିପାଇଁ ବିଭିନ୍ନ କମ୍ପାନୀଗୁଡ଼ିକ ଏବେ ପୂର୍ବର ଦରକୁ ଅପରିବର୍ତ୍ତିତ ରଖି ଓଜନରେ ହ୍ରାସ କରିଛନ୍ତି। ଉଦାହରଣ ପୂର୍ବରୁ ୨୫ଗ୍ରାମର କୋଲ୍‌ଗେଟ ପେଷ୍ଟର ମୂଲ୍ୟ ୭ଟଙ୍କା ଥିବାବେଳେ ଏବେ ମଧ୍ୟ ସମାନ ମୂଲ୍ୟ ରହିଛି, ହେଲେ ଏହାର ଓଜନ ୧୮ଗ୍ରାମକୁ ଖସି ଆସିଛି। ସେହିପରି ପୂର୍ବରୁ ୬୪ଗ୍ରାମ ବିଶିଷ୍ଟ ପାର୍ଲେଜି ବିସ୍କୁଟ ପ୍ୟାକେଟର ଦାମ ୫ଟଙ୍କା ଥିବାବେଳେ ଏବେ ଏହା ୫୫ ଗ୍ରାମ୍‌କୁ ହ୍ରାସ ପାଇଛି। ଏପରି ଅନେକ ସାମଗ୍ରୀର ମୂଲ୍ୟକୁ ଅପରିବର୍ତ୍ତିତ ରଖି ଓଜନ ହ୍ରାସ କରି କମ୍ପାନୀଗୁଡ଼ିକ ଲାଭ ଉଠାଇବାରେ ସହାୟକ ହେଉଛନ୍ତି। ଗତ ୫ବର୍ଷ ମଧ୍ୟରେ ମଧ୍ୟପ୍ରଦେଶ ସରକାର ୨୮,୬୫୩କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଥିବା ଜଣାପଡ଼ିଛି।

# ୱାଚ୍ ଟାୱାର ଉପରୁ ରଖାଯିବ ନଜର

■ଟ୍ରେନ୍ ଦୁର୍ଘଟଣାରୁ ହାତୀଙ୍କୁ ସୁରକ୍ଷା ପାଇଁ ମାଷ୍ଟର ପ୍ଲାନ୍

■ଟାୱାର ପିଛା ଖର୍ଚ୍ଚ ହେବ ୨୦ରୁ ୨୫ ଲକ୍ଷ ଟଙ୍କା

■ହେବ ସୋଲାର ଆଲୋକ ବ୍ୟବସ୍ଥା, ଜଗିବେ ସୁରକ୍ଷା କର୍ମୀ

ଢେଙ୍କାନାଳ ଅଫିସ, ୨୬।୫

ରାଜ୍ୟରେ ହାତୀମୃତ୍ୟୁରେ ଅଙ୍କୁଶ ଲାଗିପାରୁନି। କେତେବେଳେ ଦୁର୍ଘଟଣା ତ ଆଉ କେବେ ରୋଗ ସଂକ୍ରମଣର ଶିକାର ହୋଇ ଚାଲିଯାଉଛି ଏହି ବିଶାଳକାୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଜୀବନ। ବିଶେଷ କରି ହାତୀ ଚଲାପଥ ଦେଇ ବିଛାଯାଇଥିବା ରେଳ ଧାରଣା ଗଜରାଜଙ୍କ ପାଇଁ ପାଲଟିଛି ମରଣଯନ୍ତା। ଐତିହ୍ୟ ପ୍ରାଣୀ ତାଲିକାଭୁକ୍ତ ହାତୀବଂଶ ବିପଦରେ ପଡ଼ିଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ କରାଯାଇଛି ମାଷ୍ଟର ପ୍ଲାନ୍। ହାତୀବହୁଳ ଢେଙ୍କାନାଳ ଜିଲାର ରେଳଧାରଣା ନିକଟବର୍ତ୍ତୀ ହସ୍ତୀ ଚଲାପଥ ଉପରେ ନଜର ରଖିବାକୁ ଏଣିକି ନିର୍ମାଣ ହେବ ୱାଚ୍ ଟାୱାର। ଟାୱାର ପିଛା ଖର୍ଚ୍ଚ ହେବ ୨୦ରୁ ୨୫ ଲକ୍ଷ ଟଙ୍କା। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୪ଟି ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ମଞ୍ଜୁର ହୋଇଛି ଅନୁଦାନ।

ଜିଲା ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କପିଳାସ ଅଭୟାରଣ୍ୟଠାରୁ କଟକ ଜିଲା ଆଠଗଡ଼ ଯାଏ ଏକାଧିକ ହାତୀ ଚଲାପଥ ରହିଛି। ଉକ୍ତ ଅଞ୍ଚଳ ଦେଇ ଯାଇଥିବା ରେଳ ଧାରଣା ପାର୍ ହୋଇ ଦୈନିକ ହାତୀପଲ ଉଭୟପାର୍ଶ୍ୱକୁ ଚଳପ୍ରଚଳ କରିଥାଆନ୍ତି। ତେଣୁ ଦ୍ରୁତଗାମୀ ଟ୍ରେନ୍ ଧକ୍କାରେ ହାତୀଙ୍କ ଜୀବନ ଯିବା ଭୟ ଲାଗି ରହୁଛି। ସମସ୍ୟାର ସମାଧାନ ପାଇଁ ରାଜଆଠଗଡ଼-ଯୋରନ୍ଦା ରୋଡ୍ ଷ୍ଟେଶନ ମଧ୍ୟରେ ଏକ ଓଭରପାସ୍ ନିର୍ମାଣ କରାଯିବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସେହିପରି ଜିଲାର ସମ୍ବେଦନଶୀଳ ତଥା ହାତୀ ଚଳପ୍ରଚଳ କରୁଥିବା ରେଳଧାରଣା ନିକଟରେ ୱାଚ ଟାୱାର ନିର୍ମାଣ କରାଯିବ। ଏଥିଲାଗି ହଳଦିଆବାହାଳ, ଚିନ୍ତାପୋଖରୀ, ରସାସିଂହ, ଗୁଣ୍ଡୁଦେଇ ନିକଟବର୍ତ୍ତୀ ୪ ସ୍ଥାନ ଚିହ୍ନଟ କରାଯାଇଛି। ସୋଲାର ଆଲୋକ ବିଶିଷ୍ଟ ପ୍ରତି ଟାୱାର ନିର୍ମାଣ ପାଇଁ ୨୦ରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସୁରକ୍ଷା କର୍ମୀ ମୁତୟନ ହେବେ। ଏଥିଲାଗି ବନ ବିଭାଗ ଓ ରେଳ ବିଭାଗ ମଧ୍ୟରେ ଆଲୋଚନା ସରିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଟେନ୍ ଲାଇନ୍ ନିକଟବର୍ତ୍ତୀ ହାତୀ ଉପଦ୍ରୁତ ଅଞ୍ଚଳରେ ୱାଚ୍ ଟାୱାର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ଆସିଛି। ଟ୍ରେନ୍ ଧାରଣାରେ ହାତୀମୃତ୍ୟୁ ରୋକିବା ଲାଗି ଗୁରୁତ୍ୱ ଦିଆଯାଉଛି। ହାତୀ ଚଲାପଥ ଦେଇ ଯାତାୟାତ ବେଳେ ଟ୍ରେନ୍ ବେଗ କମ୍ କରିବାକୁ ଖୋର୍ଦ୍ଧାରୋଡ୍ କଣ୍ଟ୍ରୋଲ୍ ରୁମ୍‌କୁ ଅବଗତ କରାଯାଉଥିବା ସେ ସୂଚନା ଦେଇଛନ୍ତି।



ରେଳଧାରଣା ପାର ହେଉଥିବା ହାତୀପଲ ।

## ଢେଙ୍କାନାଳରେ ୫ ବର୍ଷରେ ୭୬ ହାତୀ ମୃତ୍ୟୁ

ଢେଙ୍କାନାଳ ଜିଲାରେ ୨୦୧୭-୧୮ରୁ ୨୦୨୨ ଏପ୍ରିଲ ସୁଦ୍ଧା ବିଭିନ୍ନ କାରଣରୁ ମୋଟ ୭୬ଟି ହାତୀଙ୍କ ମୃତ୍ୟୁ ଘଟିଛି। ତନ୍ମଧ୍ୟରୁ କେବଳ ଟ୍ରେନ୍ ଧକ୍କାରେ ୩ ହାତୀ ମରିଛନ୍ତି। ୨୦୧୮ ଏପ୍ରିଲ୍ ୨୪ରେ ସଦର ରେଞ୍ଜ୍ ସୋରତ ନିକଟରେ ଏକ ମାଈ ହାତୀ (ଆନୁମାନକ ବୟସ ୪୦), ୨୦୧୯ ଫେବୃୟାରୀ ୧ରେ ଦାଣ୍ଡିମାଳ ନିକଟରେ ଏକ ମାଈ ହାତୀ (ଆନୁମାନିକ ବୟସ ୪୦)ର ମୃତ୍ୟୁ ଟ୍ରେନ୍ ଧକ୍କାରେ ହୋଇଥିଲା। ସେହିବର୍ଷ ଜୁନ୍ ୨୦ରେ କାଉଁରିଆପାଳ ଅନୁରୂପ ଦୁର୍ଘଟଣାରେ ଏକ ମାଈ ହାତୀର ଜୀବନ ଯାଇଥିଲା।

# ପୁଣି ଏକ ହାତୀର ଗଳିତ ମୃତଦେହ ଜବତ




ହାତୀର ମୃତଦେହ ପୋତା ଯାଇଥିବା ସ୍ଥାନ ।

**ବୌଦ୍ଧ ଜିଲା**

■ରାତିଅଧିଆ ମୃତଦେହ ପୋତିଲା ବନ ବିଭାଗ

■ଗଣମାଧ୍ୟମ ଜାଣିବା ପରେ ଘଟଣା ପଦାକୁ ଆସିଲା

ବୌଦ୍ଧ,୨୬।୫ (ସ୍ୱ.ପ୍ର.)

ବୌଦ୍ଧ ବନଖଣ୍ଡର ବଘିଆପଡା ସେକ୍ସନରେ ମଙ୍ଗଳବାର ଗୋଟିଏ ଦନ୍ତା ହାତୀର ମୃତଦେହ ଜବତ ହୋଇଥିବା ବେଳେ ବୁଧବାର ରାତିରେ ପୁଣି ଏକ ହାତୀର ଗଳିତ ମୃତଦେହ ଠାବ କରାଯାଇଛି । ଦାନ୍ତ ପାଇଁ ହାତୀକୁ ଶିକାର କରାଯାଇଥିବା ଚର୍ଚ୍ଚା ହେଉଛି । ବନ ବିଭାଗ ସତ୍ୟ ଲୁଚାଇବା ପାଇଁ ରାତିଅଧିଆ ଜଙ୍ଗଲରେ ଗାତ ଖୋଳି ଏହାକୁ ପୋତି ଦେଇଛି । ଦୁଇ ଦିନ ମଧ୍ୟରେ ଉକ୍ତ ଅଞ୍ଚଳରୁ ଦୁଇଟି ହାତୀ ମୃତଦେହ ଜବତ ହେବା ବୌଦ୍ଧ ଜିଲାରେ ବନ୍ୟଜନ୍ତୁ ସୁରକ୍ଷିତ ନୁହନ୍ତି ବୋଲି ସ୍ପଷ୍ଟ ହୋଇଛି । ମିଳିଥିବା ସୂଚନା ମୁତାବକ, ବଘିଆପଡା ସେକ୍ସନର ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲର କମ୍ପାଟମେଣ୍ଟ ନମ୍ବର ୮ରେ ଏକ ହାତୀର ମୃତଦେହ ବନ ବିଭାଗ ଠାବ କରିଥିଲା । ତେବେ ଘଟଣାକୁ ଲୁଚାଇବାକୁ ଯାଇ ତରବରିଆ ଭାବେ ମେଶିନ ସାହାଯ୍ୟରେ ଗାତ ଖୋଳି ପୋତି ଦିଆଯାଇଥିଲା । ଏପରି କି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଯାଇ ଯେଉଁଠି ମୃତଦେହ ପୋତାଯାଇଥିଲା, ସେହି ସ୍ଥାନ ନିକଟକୁ ଏକ ରାସ୍ତା ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି କୌଣସି ସୂତ୍ରରୁ ଖବର ପାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା । ହାତୀ ପୋତାଯିବା ସମୟରେ ବ୍ୟବହାର କରାଯାଇଥିବା ଲୁଣ, ଫିନାଇଲ ଓ କିଛି ମାଂସ ଘଟଣାସ୍ଥଳରେ ପଡିଥିଲା ବୋଲି ଜଣାପଡିଛି। ହାତୀ କେବେ ମରିଛି ଓ ଦାନ୍ତ ଥିଲା କି ନାହିଁ ସେ ନେଇ ଜଣାପଡିନାହିଁ । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଦୁଇଦିନ ଭିତରେ ଦୁଇଟି ହାତୀର ମୃତ୍ୟୁ ହୋଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି । ମଙ୍ଗଳବାର ଭୁର୍କିପଡା ସଂରକ୍ଷିତ ଜଙ୍ଗଲରୁ ଯେଉଁ ହାତୀର ମୃତଦେହ ଠାବ ହୋଇଥିଲା, ତା'ର ଦେହରେ ଗୁଳି ବାଜି ନ ଥିବା ବେଳେ ଦାନ୍ତ ନ ଥିଲା । ମାତ୍ର ବୁଧବାର ଜବତ ମୃତଦେହ ବହୁ ମାତ୍ରାରେ ପଚି ଯାଇଥିବା ଯୋଗୁ ତାର ଦାନ୍ତ ଥିଲା କି ନାହିଁ ଜଣାପଡିନାହିଁ । ଏନେଇ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି ।

## ୩ ବନ କର୍ମଚାରୀ ନିଲମ୍ବିତ

ବୌଦ୍ଧ,୨୬।୫(ସ୍ୱ.ପ୍ର.)-ହାତୀ ମୃତ୍ୟୁ ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ଫରେଷ୍ଟର ସୁଶିଳ ହୋତା, ବେରଡାବାଡି ବିଟ୍‌ର ଫରେଷ୍ଟ ଗାର୍ଡ ଶରତ ଚନ୍ଦ୍ର ନାୟକ ଓ ଜାମୁଖୋଲ ବିଟ୍‌ର ଫରେଷ୍ଟ ଗାର୍ଡ ଜ୍ୟୋତିରଞ୍ଜନ ବାରିକଙ୍କୁ ଡିଏଫଓ ଦେବପ୍ରିୟ କମ୍ପ ଗୁରୁବାର ସନ୍ଧ୍ୟାରେ ନିଲମ୍ବିତ କରିଛନ୍ତି।

# ଏମ୍‌କେସିଜିରେ ଆହତଙ୍କୁ ଭେଟିଲେ ପଶ୍ଚିମବଙ୍ଗ ଟିମ୍

**କଳିଙ୍ଗା ଘାଟିରେ ବସ୍ ଓଲଟିବା ଘଟଣା**

ବ୍ରହ୍ମପୁର ଅଫିସ,୨୬।୫

ଗଞ୍ଜାମ-କନ୍ଧମାଳ ସୀମାନ୍ତରେ ଥିବା କଳିଙ୍ଗା ଘାଟିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟୁରିଷ୍ଟ ବସ ଓଲଟି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୨ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଗୁରୁତର ୧୪ ଜଣ ଏବେ ଏମ୍‌କେସିଜି ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ରହିଛନ୍ତି। ଗୁରୁବାର ପଶ୍ଚିମବଙ୍ଗରୁ ଏକ ଟିମ୍ ଏମ୍‌କେସିଜିକୁ ଆସି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ପଶ୍ଚିମବଙ୍ଗର ହାୱଡ଼ା ଜିଲା ଉଲବେରିଆ ଉପଖଣ୍ଡୀୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଲକ୍ଷ୍ମୀକାନ୍ତ ଦେ ଓ ହାୱଡ଼ା ଡିଏସପି ସୁବ୍ରତ ବଉମିକ୍ (ସରକାରଙ୍କ ପ୍ରତିନିଧି ଦଳ) ମେଡିକାଲକୁ ଆସିଥିଲେ। ବର୍ତ୍ତମାନ ୯ଜଣ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସାଧୀନ ଥିବା ବେଳେ ସର୍ଜରି ବିଭାଗରେ ୫ଜଣ ଚିକିତ୍ସାଧୀନ ରହିଛନ୍ତି। ୧୧ଜଣଙ୍କ ଅବସ୍ଥା ଠିକ୍ ଥିବା ବେଳେ ସେମାନେ ଘରକୁ ଫେରିବା ପାଇଁ ଟିମକୁ କହିଥିଲେ। ତେଣୁ ସେମାନଙ୍କୁ ତାଙ୍କ ଘରକୁ ପଠାଇବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଉପସ୍ଥିତିରେ ୧୧ଜଣ ଆହତଙ୍କୁ ତାଙ୍କର ପଶ୍ଚିମବଙ୍ଗ ସ୍ଥିତ ତାଙ୍କର ଘର ଅଭିମୁଖେ ପଠାଯାଇଛି।



ଏମକେସିଜି ମେଡିକାଲ ପରିସରରେ ଜିଲାପାଳ ଓ ପଶ୍ଚିମବଙ୍ଗରୁ ଆସିଥିବା ଟିମ।

# ପାରାଦୀପରେ ତୈଳ ପାଇପ୍‌ଲାଇନ ଫାଟିଲା

**ବିପୁଳ ପରିମାଣର ଅଶୋଧିତ ତୈଳ ବୋହିଗଲା**



ଅଶୋଧିତ ତୈଳ ବୋହି ଗଡ଼ିଆ ଭଳି ଦେଖାଯାଉଛି।

ପାରାଦୀପ,୨୬।୫(ସ୍ୱ.ପ୍ର.)

ପାରାଦୀପ-ହଳଦିଆ-ବୌରେଣି ତୈଳ ପାଇପ୍‌ଲାଇନରେ ଗୁରୁବାର ଦୁର୍ଘଟଣା ଘଟିଛି। ସ୍ଥାନୀୟ ତୈଳ ବିଶୋଧନାଗାର ଟାଉନଶିପ୍ ସମ୍ମୁଖ ନିହାରୁଣୀ ପାଖରେ ପାଇପ୍‌ଲାଇନ ଫାଟି ବିପୁଳ ପରିମାଣର ଅଶୋଧିକ ତୈଳ ବୋହି ଗଡ଼ିଆ ଭଳି ଦେଖାଯାଉଛି। ଖବରପାଇ ପାଇପଲାଇନ ପ୍ରକଳ୍ପ ଅଧିକାରୀ ଓ ବିଶୋଧନାଗାର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଇପଲାଇନକୁ ମରାମତି କରିବା ସହ ତେଲ ଲିକ୍ ବନ୍ଦ କରି ଦେଇଛନ୍ତି। ପରେ ନିର୍ଗତ ତେଲକୁ ସ୍ପଞ୍ଜ ଜରିଆରେ ଉଦ୍ଧାର କରାଯାଉଛି। ପାଇପ୍‌ଲାଇନ ଫାଟିବାର କାରଣ ଜଣାପଡିନାହିଁ। ଇଣ୍ଡିଆନ ଅଏଲ ପାଇପ୍‌ଲାଇନ ସିଜେଏମ୍ ଅଶୋକ ସାହୁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି, ଏବେ ଆମେ ତୈଳ ଯୋଗାଣ ବନ୍ଦ ରଖିଛୁ। ଯୁଦ୍ଧକାଳୀନଭିତ୍ତିରେ ମରାମତି କାର୍ଯ୍ୟ କରାଯାଇଛି। ତେବେ ଫାଟିବାର କାରଣ ଯାଞ୍ଚ କରାଯାଉଛି। ନିର୍ଗତ ତେଲ କେତେ ହେବ ପ୍ରଶ୍ନରେ ସେ କହିଛନ୍ତି, ୧୫ ହଜାର ଲିଟରରୁ ଉର୍ଦ୍ଧ୍ୱ ତୈଳ ବୋହି ଯାଇଥିବା ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ,ବିଦେଶରୁ ଅଶୋଧିତ ତୈଳ ଆମଦାନୀ ହୋଇ ପାରାଦୀପ ପାଇପ୍‌ଲାଇନ ଭଣ୍ଡାରରେ ଗଚ୍ଛିତ ରୁହେ। ଏଠାରୁ ଉକ୍ତ ତୈଳ ପାରାଦୀପ ବିଶୋଧନାଗାର ସମେତ କଲିକତାର ହଳଦିଆ ଓ ବିହାର ବୌରେଣି ରିଫାଇନେରିକୁ ଯାଇଥାଏ। ଏହି ପାଇପଲାଇନ ପ୍ରକଳ୍ପ ୧୯୯୯ରୁ ଆରମ୍ଭ ହୋଇ ୨୦୦୯ରେ ଶେଷ ହୋଇଥିଲା। ୧୪୪୭ କିମି ପାଇପଲାଇନ ଯୋଗେ ଦୈନିକ ୨ଲକ୍ଷ ୨୦ ହଜାର ବ୍ୟାରେଲ ଓ ବାର୍ଷିକ ୧୧ ମିଲିୟନ ମେଟ୍ରିକ ଟନ ତୈଳ ଯାଇଥାଏ। ୨୦୦୯ରୁ ଏପର୍ଯ୍ୟନ୍ତ ୧୦ରୁ ଅଧିକ ଥର ଏମିତି ପାଇପ୍‌ଲାଇନ ଫାଟି ତେଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

## କୋଇଲା ବୋଝେଇ ଟ୍ରେନରେ ନିଆଁ

ଧର୍ମଶାଳା,୨୬।୫(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ହରିଦାସପୁର ଷ୍ଟେଶନ ନିକଟରେ ଗୁରୁବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ହଠାତ ନିଆଁ ଲାଗିଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖୋର୍ଦ୍ଧାରୁ-ଭୁବନେଶ୍ୱର ଯାଉଥିବା ଏହି ଟ୍ରେନ୍‌ଟି ଅପରାହ୍ନ ୨ଟା୧୦ରେ ହରିଦାସପୁର ଅତିକ୍ରମ କରୁଥିଲା। ତେବେ ଟ୍ରେନରେ ନିଆଁ ଲାଗିଥିବା ଜାଣି ପାରି ଟ୍ରେନ୍ ଚାଳକ ଗାଡ଼ିକୁ ଅଟକାଇ ଦେଇଥିଲେ। ଏହାପରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ନିଆଁ ଲିଭା ଯିବାପରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଇଥିବା ସୂଚନା ମିଳିଛି।

## ଡାଏଗ୍ନୋଷ୍ଟିକ ସେଣ୍ଟରରେ ଚଢାଉ, ୪ ଅଟକ

**ବ୍ରହ୍ମପୁର ଅଫିସ,୨୬।୫:** ଗଞ୍ଜାମ ଜିଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଅଞ୍ଚଳରେ ଅନେକ ଦିନ ଧରି ଚାଲିଥିବା ଏକ ବେଆଇନ ଡାଏଗ୍ନୋଷ୍ଟିକ ସେଣ୍ଟରରେ ଗୁରୁବାର ସନ୍ଧ୍ୟାରେ ଚଢାଉ କରାଯାଇଛି। ଏହି କ୍ଲିନିକରେ ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ କରାଯିବା ପରେ ଭ୍ରୁଣର ଲିଙ୍ଗ ନିରୂପଣ ହେଉଥିବା ଅଭିଯୋଗ ହୋଇଥିଲା । ଏଥିପାଇଁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଥିଲା। ବିନା ଲାଇସେନ୍ସରେ ଏହି ସେଣ୍ଟର ଚାଲିଥିବା ସୂଚନା ମିଳିବା ପରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ସେଠାରୁ ବିପୁଳ ପରିମାଣର ସରଞ୍ଜାମ ଜବତ ହୋଇଛି। ଏଥିସହ ୪ ଜଣଙ୍କୁ ଅଟକ ରଖାଯାଇଛି। ଏଡିଏମଓ ଡା. ଭି ସରୋଜିନୀ ଦେବୀ, ସିଟି ହସ୍ପିଟାଲର ରେଡିଓଲୋଜିଷ୍ଟ ଏବଂ ପୋଲିସ କର୍ମଚାରୀମାନେ ମିଳିତଭାବେ ଚଢାଉ କରିଥିଲେ। ଚଢାଉ ବେଳେ ଅଲଟ୍ରାସାଉଣ୍ଡ ମେଶିନକୁ ମଧ୍ୟ ଜବତ କରାଯାଇଥିବା ସିଡିଏମଓ ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି ।


**FORM NO.-14**
**OFFICE OF THE RECOVERY OFFICER -I/ II**
**DEBTS RECOVERY TRIBUNAL CUTTACK**
**C-71, Sector-7, CDA, Cuttack - 753014, Odisha**
**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/124/2019** **25-04-2022**

**HDFC BANK**
**Versus**
**TRILOCHAN SINGH AND ANOTHERS**

To
**(CD 1) Trilochan Singh** at Vedbyas near gurudwara Rourkela Sundergarh -769041
**(CD 2) KAMALJEET KAUR** W/o. Hari Singh, At- Vedbyas, Near Gurudwara, Rourkela Sundergarh-769041

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in OA/714/2015 an amount of Rs **1337365.64 (Rupees Thirteen Lakhs Thirty Seven Thousands Three Hundred Sixty Five And Paise Sixty Four Only)** along with pendentellite and future interest@ 10.00 % Simple Interest Yearly w.e.f. **22/12/2015** till realization and costs of Rs **16000 (Rupees Sixteen Thousands Only)** has become due against you (Jointly and severally/ Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **16/06/2022** at 10:30 a.m. for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due. Given under my hand and the seal of the Tribunal, on this date: **25/04/2022**

**Recovery Officer**
**DEBTS RECOVERY TRIBUNAL CUTTACK**


# ଦିଲ୍ଲୀରୁ ମହାଗ୍ରାମ କମ୍ପାନୀ ଏମ୍‌ଡି ଗିରଫ

**ଲୋନ୍ ଆପ୍ ଦ୍ୱାରା ଠକେଇ ମାମଲା**

■ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ

■ପୂର୍ବରୁ ଗିରଫ ହୋଇଥିଲେ ୨ ସହଯୋଗୀ

■ଲୋନ ଦେଇ ଅଧିକ ସୁଧ ଦାବିରେ ବ୍ଲାକମେଲ କରାଯାଉଥିଲା

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ସୁଧ ନେଉଥିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ବଡ଼ ସଫଳତା ମିଳିଛି। ଏହି ଲୋନ୍ ଆପ୍ ଦ୍ୱାରା ଠକେଇ ମାମଲାର ମାଷ୍ଟର ମାଇଣ୍ଡ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ'ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରାମ ଶ୍ରୀରାମ ପଠାଡ଼େ ଇଓଡବ୍ଲ୍ୟୁ ହାତରେ ଧରାପଡ଼ିଛନ୍ତି। ସେ ମୁମ୍ବାଇରୁ ଆସି ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ବୁଧବାର ପହଞ୍ଚିବା ବେଳେ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ରାମ ଶ୍ରୀରାମ ମୁମ୍ବାଇସ୍ଥିତ ସୋନମ ହାଇଟ୍ସରେ ରୁହନ୍ତି। ଗିରଫ ପରେ ତାଙ୍କୁ ଇଓଡବ୍ଲ୍ୟୁ ପଟିଆଲା ହାଉସ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେବାକୁ ଅନୁମତି ଦେବା ପରେ ଇଓଡବ୍ଲ୍ୟୁ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବାକୁ ଓଡ଼ିଶା ଆଣୁଛି। ରାମ ଶ୍ରୀରାମ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ' ସମେତ ୫ଟି କମ୍ପାନୀର ମାଲିକ। ଅନ୍ୟ ୪ଟି କମ୍ପାନୀ ହେଲା ସର୍‌ସେୱା ସିମ୍ପ୍ଲିଫାଏଡ୍ ଇନୋଭେଶନ୍ସ ଲିମିଟେଡ, ମହାଗ୍ରାମ ଫାଉଣ୍ଡେଶନ୍, ଫିନୋଭିଟି ଗ୍ଲୋବାଲ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ ଏବଂ ଏକ୍ସପ୍ରେସ୍ ଡିଜିଟାଲ ମନି ପ୍ରାଇଭେଟ ଲିମିଟେଡ। ଏହା ପୂର୍ବରୁ ଲୋନ୍ ଠକେଇ ମାମଲାରେ ରାମ ଶ୍ରୀରାମଙ୍କ ୨ ସହଯୋଗୀ 'ଆଇଡବ୍ଲ୍ୟୁଟି ଇଣ୍ଡିଆ'ର ମାଲିକ ଜାଭେଦ୍ ମହମ୍ମଦ ସୈଫ ଏବଂ ୬ଟି ଜାଲ୍ କମ୍ପାନୀର ପ୍ରୋପ୍ରାଇଟର୍ ତଥା ନିର୍ଦ୍ଦେଶକ ତରୁଣ ଦୁଢ଼େଜାଙ୍କୁ ଇଓଡବ୍ଲ୍ୟୁ ଗିରଫ କରି ଜେଲ ପଠାଇଛି। ଏଥିସହ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ'ର ୪ଟି ଆକାଉଣ୍ଟର ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ମଧ୍ୟ ଫ୍ରିଜ୍ କରାଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।



ରାମ ଶ୍ରୀରାମ ପଠାଡ଼େ

ସୂଚନା ଅନୁଯାୟୀ, ମାଷ୍ଟରମାଇଣ୍ଡ ରାମ ଶ୍ରୀରାମ ଜୋଜୋ ଓ କୋକୋ ନାମରେ ୨ଟି ଲୋନ ଆପ୍ ଦ୍ୱାରା ଗ୍ରାହକଙ୍କୁ ୩ ହଜାରରୁ ୫ହଜାର ଟଙ୍କା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ସୁଧ ନେଉଥିଲେ। ଜାଭେଦ୍ ଓ ତରୁଣ ଲୋକଙ୍କୁ ଜାଲରେ ଫସାଇ ତାଙ୍କ ନାମରେ ସିମ୍ ଖୋଲାଇବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଦାୟିତ୍ୱରେ ଥିଲେ। ଏଥିପାଇଁ ୨ରୁ ୩ଲକ୍ଷ ଟଙ୍କା ସିମ୍ ମାଲିକଙ୍କୁ ଦିଆଯାଉଥିଲା। ଉକ୍ତ ସିମ୍ ସବୁକୁ ସେମାନେ ନିଜ ମୋବାଇଲ ଫୋନ୍‌ରେ ଚଲାଇବା ସହ ତାଙ୍କ କମ୍ପାନୀରେ ଭିନ୍ନ ଭିନ୍ନ ଆକାଉଣ୍ଟ ଖୋଲୁଥିଲେ। 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ୍' ତରୁଣ ଓ ଜାଭେଦ୍‌ଙ୍କ ଆକାଉଣ୍ଟ ଦ୍ୱାରା ଟଙ୍କା ନେଇଥାଏ। ପୋଲିସଠାରୁ ବର୍ତ୍ତିବା ପାଇଁ ଏହିପରି ବିଭିନ୍ନ ବାଟ ଦେଇ ଅଭିଯୁକ୍ତ ରାମ ଶ୍ରୀରାମ ଟଙ୍କା ନେଉଥିଲେ। ଟଙ୍କା କାରବାର ହେଉଥିବା ୧୦୫୮ଟି ଭର୍ଚୁଆଲ୍ ବ୍ୟାଙ୍କ ଆକାଉଣ୍ଟକୁ ଇଓଡବ୍ଲ୍ୟୁ ବ୍ଲକ୍ କରିଛି। ତେବେ ରାଜ୍ୟର ବିଭିନ୍ନ ଜିଲାର ୧୦୦ରୁ ଅଧିକ ଲୋକେ ଏନେଇ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା ( ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଠାବ କରିବା ଲାଗି ଇଓଡବ୍ଲ୍ୟୁ ଟିମ୍ ରାଜ୍ୟ ବାହାରେ ଅନୁସନ୍ଧାନ ଚଳାଇଥିଲା।


**ଓଡ଼ିଶା ସମବାୟ କତା ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଜିଲ୍ଲା ଶିଳ୍ପ କେନ୍ଦ୍ର ପରିସର, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର- ୭୫୧୦୧୦
ଦୂରଭାଷ ନଂ.: ୦୬୭୪-୨୫୪୯୪୦୫, ଇ-ମେଲ୍: occcltdbbsr405@gmail.com

ଏତଦ୍ୱାରା ସର୍ବସାଧାରଣ ତଥା ସମସ୍ତ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କୁ ଜଣାଉଅଛୁ କି, ଓଡିଶା ସମବାୟ କତା ନିଗମ ଲିଃ, ଭୁବନେଶ୍ୱର ଦୀର୍ଘ ୧୬ ବର୍ଷ ହେଲା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରଶାସନ ତଥା ଓଡିଶାର ଅନ୍ୟ ଜଗନ୍ନାଥ ମନ୍ଦିରକୁ ରଥ ଦଉଡି ଯୋଗାଇ ଦେଇ ଆସୁଅଛି । ବୀରପ୍ରତାପପୁର, ପୁରୀ ଠାରେ ଥିବା କତା ପ୍ରାଣଧନ ପ୍ରକଳ୍ପରେ ରଥ ଦଉଡି ବିଭିନ୍ନ ମୋଟେଇ ଯଥା: ୮"/୬"/୪" ପ୍ରକାରର ତିଆରି ହେଉଅଛି । ଏହି ଦଉଡି କେବଳ ଅର୍ଡ଼ର ଅନୁସାରେ ତିଆରି କରାଯାଉଅଛି । ଆଗ୍ରହୀ ମନ୍ଦିର ପ୍ରଶାସନ ନିମ୍ନମତେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

**Manager(Admn.): 8637266415 / 9437423253**
**Ratha Rope In-charge: 7205297488**
**Accountant: 8249632671**

ସ୍ୱା/-ପରିଚାଳନା ନିର୍ଦ୍ଦେଶକ

“ ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ । କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ । ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ । ଅସତ୍‌ର ବିକୃତ କ୍ଲେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ । ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର । **–ଶ୍ରୀଅରବିନ୍ଦ**



# ଆଲ୍‌ଗୋରିଦମ୍ ଓ ଅପରାଧ



ଜିଓଭାନି ମାଷ୍ଟ୍ରୋବୁଓନି

ଜୀବନରେ କରୁଥିବା କାର୍ଯ୍ୟ ଓ ଅନ୍ୟ ସବୁ ବିଷୟରେ ଆମେ ସମସ୍ତେ ଅଭ୍ୟାସକୁ ଅନୁସରଣ କରିବାକୁ ଚାହୁଁ। ମୁଁ ସାଧାରଣତଃ ସକାଳେ ସବୁଠୁ ଭଲ କାମ କରେ ଏବଂ ଦିନର୍ ପରେ କାମ କରିବାକୁ ପସନ୍ଦ କରେ ନାହିଁ। ଆମର ଅଭ୍ୟାସଗୁଡ଼ିକ ବିଶେଷକରି ପ୍ରଦର୍ଶନ, ଶିକ୍ଷା କିମ୍ବା ଏ ଦୁଇଟିକୁ ମିଳିତ ଭାବେ ପ୍ରତିପାଦିତ କରିଥାଏ। କୌଣସି ଏକ କାର୍ଯ୍ୟର ପୁନରାବୃତ୍ତି ହିଁ ଏକ ରୁଟିନ ବା ନିୟମିତ କାର୍ଯ୍ୟକ୍ରମ ସୃଷ୍ଟି କରିଥାଏ ବୋଲି ଚାର୍ଲସ ଡୁହିଗ ତାଙ୍କ ପୁସ୍ତକ 'ଦି ପାୱାର ଅଫ୍ ହାବିଟ୍'ରେ ଉଲ୍ଲେଖ କରିଛନ୍ତି। ମୋ ଗବେଷଣା ମଧ୍ୟ ଦର୍ଶାଏ ଯେ, ଅପରାଧୀମାନଙ୍କ ଅଭିଜ୍ଞତା, ବିଶେଷ ଦକ୍ଷତା ହାସଲ କରିବା ଲକ୍ଷ୍ୟ ଏବଂ ସେମାନଙ୍କ ରଣନୀତିରୁ ସୃଷ୍ଟି ଏକ ରୁଟିନ୍‌କୁ ଦେଖିଲେ ସବୁ ଅପରାଧୀ ସମ୍ଭବତଃ ନିୟମରେ ବନ୍ଧା ନାଗରିକଙ୍କଠାରୁ ଭିନ୍ନ ନୁହନ୍ତି। କେବଳ ଏତିକି ନୁହେଁ ଅଭ୍ୟାସ ତଥା ରୁଟିନ ଆଧାରିତ କାର୍ଯ୍ୟକୁ ଅନୁସରଣ କରି ପୋଲିସ ବିଭାଗଗୁଡ଼ିକ ଆଲ୍‌ଗୋରିଦମ (ତଥ୍ୟ ଆଧାରିତ ଏକ ଗାଣିତିକ ନିର୍ଦ୍ଦେଶ ଯାହା କମ୍ପ୍ୟୁଟରରେ ଫିଡିଂ କରି ଏକ ପରିଣାମ ପ୍ରାପ୍ତ କରାଯାଏ) ସହାୟତାରେ ଅପରାଧୀମାନଙ୍କୁ ଧରୁଛି। କାରଣ ଆଲ୍‌ଗୋରିଦମ୍‌ରେ ଡାଟା ସଂଗ୍ରହ ଓ ତାହାକୁ ବ୍ୟବସ୍ଥିତ କରି ଭବିଷ୍ୟତ ଆଚରଣ ଆକଳନ କରିବା ସମ୍ଭବ ହୋଇଥାଏ। ଫଳରେ ଜଣେ ନେଟ୍‌ଫ୍ଲିକ୍ସରେ ପସନ୍ଦ କରୁଥିବା ଫିଲ୍ମ କିମ୍ବା ଆମାଜନରେ କେଉଁ ବହି କିଣିବାର ସମ୍ଭାବନା ରହିଛି ଏହା ତାହାର ପୂର୍ବାନୁମାନ କରିପାରେ। ଆଲ୍‌ଗୋରିଦମ୍ ପଦ୍ଧତି ବିଧି ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ଅପରାଧ ବିରୋଧରେ ଲଢେଇ କରିବାରେ ବି ସାହାଯ୍ୟ କରିପାରିବ। ଅନ୍ୟପକ୍ଷରେ ପ୍ରେଡିକ୍‌ଟିଭ ପୋଲିସିଂ ( ପୋଲିସ ମୁତୟନ କରିବା ଲାଗି କମ୍ପ୍ୟୁଟର ସିଷ୍ଟମରେ ପୁରୁଣା ଆପରାଧିକ ତଥ୍ୟ ସହ ଅନ୍ୟ ସବୁ ତଥ୍ୟର ସମୀକ୍ଷା କରାଯାଏ) ସହାୟତାରେ ପାଟ୍ରୋଲିଂ ବଢ଼ାଇବା ଉଦ୍ଦେଶ୍ୟରେ ଅପରାଧର ପୂର୍ବାନୁମାନ ବି କରାଯାଇଥାଏ। ଏଣୁ ପ୍ରେଡିକ୍‌ଟିଭ ଆନାଲିଟିକ୍ସ(ଯେଉଁଥିରେ ଭବିଷ୍ୟତର ଧାରା ଆକଳନ କରିବା ଲାଗି ଆଭ୍ୟନ୍ତରୀଣ ଏବଂ ବାହ୍ୟ ଡାଟା ସହ ପରିସାଂଖ୍ୟିକ ଆଲ୍‌ଗୋରିଦମ୍ ଗୁଡ଼ିକ ବ୍ୟବହାର କରାଯାଏ)ରେ ନିବେଶ ଯୋଗୁ ପୋଲିସ ସଂସାଧନଗୁଡ଼ିକର ପୁନଃ ଆବଣ୍ଟନ ସମ୍ଭବ ହୋଇପାରିବ। ଫଳରେ ସମ୍ଭାବ୍ୟ ଗିରଫ ଏବଂ ଅଟକ ରଖାଯିବା ଧାରାରେ ପରିବର୍ତ୍ତନ ଆସିବ। ଏହି କାରଣରୁ ଆଲ୍‌ଗୋରିଦମ୍ ପଦ୍ଧତି ଅପରାଧ ହ୍ରାସ କରିପାରିବ କି ନାହିଁ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ। ଏହା ସହ ବିନା ପକ୍ଷପାତରେ ବା ତଥ୍ୟ ସଂଗ୍ରହ କିମ୍ବା ଉପସ୍ଥାପନଗତ ତ୍ରୁଟି ନ କରି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିରୋଧରେ ଠିକ ଭାବେ କାମ କରିବ କି ନାହିଁ ତାହା ମଧ୍ୟ ଦେଖିବା ଦରକାର।

ସବୁଠୁ ବ୍ୟାପକ ଏବଂ ଜଣାଶୁଣା ପ୍ରେଡିକ୍‌ଟିଭ ପୋଲିସିଂ ସଫ୍ଟୱେର ହଟ୍‌ସ୍ପଟ୍ ଆନାଲିସିସ୍‌ରୁ ବିକାଶ କରାଯାଇଛି। ଯେଉଁ ଅଞ୍ଚଳରେ ଅଧିକ ଅପରାଧ ଘଟୁଛି କିମ୍ବା ନିକଟ ଭବିଷ୍ୟତରେ ଘଟିବାର ସମ୍ଭାବନା ରହିଛି, ସେଠାରେ ଏହି ପ୍ରୋଗ୍ରାମଗୁଡ଼ିକ କାମ କରିବ। ଏଣୁ ଅପରାଧୀ ସଂଖ୍ୟା କମାଇବା ଲାଗି ବିଧି ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ଏହି ସବୁ ଅଞ୍ଚଳଗୁଡ଼ିକ ଉପରେ ନଜର ରଖିବା ଉଚିତ। ଅନ୍ୟ ପଦ୍ଧତି ତୁଳନାରେ ଏହି ସବୁ ପରିସାଂଖ୍ୟିକ ଆଲ୍‌ଗୋରିଦମର ଆକଳନ କ୍ଷମତା ଅଧିକ ରହିଛି ବୋଲି ଗବେଷକମାନେ ଦର୍ଶାଇଛନ୍ତି। ସେମାନେ ମଧ୍ୟ କହିଛନ୍ତି ଯେ, ଏହି ସବୁ ପଦ୍ଧତିରେ ବାସ୍ତବରେ ଅପରାଧ କମାଇବା ଅତ୍ୟନ୍ତ କଷ୍ଟକର। ଅଧିକ ଅପରାଧ ଘଟିବାବେଳେ ପୋଲିସ ବିଭାଗଗୁଡ଼ିକ ପ୍ରେଡିକ୍‌ଟିଭ ପୋଲିସିଂକୁ ଗ୍ରହଣ କରିବା ଉପରେ ଧ୍ୟାନ ଦିଅନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ପୋଲିସିଂକୁ ଗୁରୁତ୍ୱ ଦିଆଯିବାର ଧାରା ଯୋଗୁ ଅନ୍ୟ କେଉଁ ଅଞ୍ଚଳକୁ ଅପରାଧ ବ୍ୟାପିବା ସମ୍ଭାବନା ଥାଏ। ଡାଟା ସଂଗ୍ରହ ଓ ପ୍ରୋସେସିଂରେ ବ୍ୟବହାର କରାଯାଉଥିବା ପଦ୍ଧତି ତଥ୍ୟ ଠିକ୍ ନ ରହିବା କିମ୍ବା ବାଦବିବାଦ ଯୋଗୁ ପ୍ରେଡିକ୍‌ଟିଭ ପୋଲିସିଂ ବିଧି ପ୍ରବର୍ତ୍ତନର ପରିଣାମଗୁଡ଼ିକୁ ଏପାଖସେପାଖ କରିବାର ସମ୍ଭାବନା ରହିଛି। ମୌଳିକ ଆବଶ୍ୟକତାରୁ ବଞ୍ଚିତ ଅଞ୍ଚଳଗୁଡ଼ିକ( ଡିପ୍ରାଇଭଡ୍ ଏରିଆ)ରେ ଅପରାଧ ହାର ବଢ଼ିପାରେ ଏବଂ ସେଠାରେ ପ୍ରେଡିକ୍‌ଟିଭ ପୋଲିସିଂ ଆରମ୍ଭ କରାଗଲେ ପାଟ୍ରୋଲିଂକୁ ତୀବ୍ର କରିବାକୁ ପଡ଼ିପାରେ।



ପ୍ରେଡିକ୍‌ଟିଭ ପୋଲିସିଂର ପ୍ରଭାବ ଓ ପକ୍ଷପାତ କିମ୍ବା ଡାଟାଗତ ତ୍ରୁଟି ଉପରେ ଉଠୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ଲାଗି ମୁଁ ଇଟାଲୀର ମିଲାନ୍‌ରେ ବ୍ୟବହାର ହେଉଥିବା ପ୍ରେଡିକ୍‌ଟିଭ ପୋଲିସିଂ ସଫ୍ଟୱେର ମୂଲ୍ୟାଙ୍କନ କରିଥିଲି। ମିଲାନର ଦୁଇ ପୋଲିସ ବିଭାଗ ମଧ୍ୟରୁ ଗୋଟିଏ ମାରିଓ ଭେଞ୍ଚୁରିଙ୍କ ଦ୍ୱାରା ବିକଶିତ 'କିକ୍ରାଇମ' ସଫ୍ଟୱେରକୁ ମିଲାନରେ ବ୍ୟବହାର କରୁଛି। ଏହା ସାଧାରଣ ପ୍ରେଡିକ୍‌ଟିଭ ପୋଲିସିଂଠାରୁ ଭିନ୍ନ, କାରଣ ଏହା ଅପରାଧୀଙ୍କୁ ଅନ୍ୟ କୌଣସିଠିକୁ ଯିବାକୁ ସୁଯୋଗ ଦେଉନାହିଁ। ଅପରାଧୀଙ୍କ ଗିରଫ ଉପରେ ଅଧିକ ଧ୍ୟାନ ଦେଉଛି। ଏହି ସଫ୍ଟୱେର ଅପରାଧୀ ଓ ବ୍ୟବସାୟିକ ଡକାୟତି ମଧ୍ୟରେ ସମ୍ପର୍କ ଜାଣିବା ଲାଗି ପ୍ରୋସିକ୍ୟୁଟରଙ୍କ ଦ୍ୱାରା ପ୍ରସ୍ତୁତ ପୀଡ଼ିତଙ୍କ ରିପୋର୍ଟ ଏବଂ ସିସିଟିଭି କ୍ୟାମେରାରୁ ସଂଗୃହୀତ ତଥ୍ୟକୁ ବ୍ୟବହାର କରୁଛି। ଏହାଦ୍ୱାରା କେଉଁଠି ଓ କେତେବେଳେ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ଗୋଷ୍ଠୀ ଡକାୟତି କରିବେ ତାହା ପୂର୍ବାନୁମାନ କରିପାରୁଛି। ପରିଣାମଗୁଡ଼ିକ ସୂଚିତ କରୁଛି ଯେ, ବାରମ୍ବାର ଅପରାଧ ଘଟାଉଥିବା ଅପରାଧୀମାନଙ୍କ ଅଭ୍ୟାସକୁ ସମୀକ୍ଷା କରିବା ଦ୍ୱାରା ସମ୍ଭାବ୍ୟ ଗିରଫ ଦୁଇଗୁଣରୁ ଅଧିକ ହୋଇପାରୁଛି। ଚୋରମାନେ ସମାନ ବାଟରେ ବାରମ୍ବାର ପଡ଼ୋଶୀ କିମ୍ବା ସମାନ ବ୍ୟବସାୟିକ ସଂସ୍ଥାରୁ ଚୋରି କରିବାକୁ ଲକ୍ଷ୍ୟ ରଖନ୍ତି। ଏପରିକି ଦିନର ନିର୍ଦ୍ଦିଷ୍ଟ ସମୟରେ ଏହା କରିବାକୁ ଚାହାନ୍ତି। ଉଦାହରଣସ୍ୱରୂପ, ଜଣେ ଯଦି ପୂର୍ବରୁ ସକାଳ ୯ଟାରେ ଗହଣାଦୋକାନରୁ ଚୋରି କରିଥିଲା, ତେବେ ସେହି ଚୋର ପ୍ରାୟ ସମାନ ସମୟରେ ବି ପଡ଼ୋଶୀକୁ ଟାର୍ଗେଟ କରିବ କିମ୍ବା ଅନ୍ୟ ଗହଣାଦୋକାନରୁ ଚୋରି କରିବ। ପୂର୍ବାନୁମାନ କରିବା ଲାଗି ଅନେକ ବିକଳ୍ପ ରହିଥିଲେ ବି ଏହି ସଫ୍ଟୱେର ଅପରାଧୀଙ୍କୁ ଟାର୍ଗେଟ କରିବା ସମ୍ଭବ ଏବଂ ପୋଲିସ ବିଭାଗ ପାଟ୍ରୋଲିଂକୁ ତୀବ୍ର କରି ଅଧିକ ଚୋରଙ୍କୁ ଧରିବାରେ ସକ୍ଷମ ହେଉଛି। ବ୍ୟକ୍ତିଗତ ଭାବେ ଅପରାଧ ଘଟାଉଥିବା ଗୋଷ୍ଠୀର ସ୍ୱଭାବକୁ ଆଧାର କରି ଆଲଗୋରିଦିମ ପଦ୍ଧତିରେ କରାଯାଉଥିବା ପୂର୍ବାନୁମାନ ଡକାୟତି ବିରୋଧରେ ଲଢେଇରେ ଭଲ କାମ କରୁଥିବା ପ୍ରମାଣିତ ହୋଇଛି। ଏବେ ସେକ୍ସ ଓ ସନ୍ତ୍ରାସବାଦୀ ଭଳି ସିରିଏଲ୍ ଅପରାଧୀଙ୍କ ପାଇଁ ଏହାକୁ ସମ୍ପ୍ରସାରିତ କରାଯାଉଛି। ତେବେ ପ୍ରେଡିକ୍‌ଟିଭ ପୋଲିସିଂ ଏହି ସବୁ ଅପରାଧୀଙ୍କୁ ଧରି ଦଣ୍ଡ ଦେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଛି। ଏ କ୍ଷେତ୍ରରେ ପୀଡ଼ିତଙ୍କ ସହ କମ୍ ଆଲୋଚନା ଏବଂ ସିସିଟିଭି ଫୁଟେଜ କମ୍ ମିଳୁଥିବାରୁ ଅପରାଧୀଙ୍କୁ ଘଟଣା ସହ ସମ୍ପର୍କିତ କରିବା କଷ୍ଟକର ହୋଇପାରେ।

ଏବକାର ପ୍ରେଡିକ୍‌ଟିଭ ପୋଲିସିଂର ବ୍ୟାପକ ପ୍ରୟୋଗ ଅପରାଧୀଙ୍କ ପ୍ରବୃତ୍ତି କମାଇପାରେ। ଏହାର ପୂର୍ବାନୁମାନ କରିବା କ୍ଷମତା କମ୍ ହୋଇପାରେ। ଏଣୁ ଏକ ଅଧିକ କ୍ଷମତା ସମ୍ପନ୍ନ ଆଲ୍‌ଗୋରିଦମ୍ ପଦ୍ଧତିର ବିକାଶ କରିବାର ଆବଶ୍ୟକତା ରହିଛି, ଯାହା ଡାଟା ସଂଗ୍ରହ ପ୍ରକ୍ରିୟା ପୋଲିସ ବିଭାଗଗୁଡ଼ିକ ମଧ୍ୟରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଅଧିକ ଅଶା ସଞ୍ଚାର କରିବା ଲାଗି ଆଧାର ଯୋଗାଇଦେବ। ଅପରାଧ ଭୟଙ୍କର ଭାବେ ପ୍ରକଟ ହେଉଛି ବୋଲି ଅଗଥା କ୍ରିଷ୍ଟି ଲେଖିଥିଲେ। ଚେଷ୍ଟା କର ଏବଂ ଯେମିତି ଚାହୁଁଛ ତୁମ ପଦ୍ଧତିଗୁଡ଼ିକ ପରିବର୍ତ୍ତନ କର ; ତୁମର ଇଚ୍ଛା, ପସନ୍ଦ, ଅଭ୍ୟାସ, ମାନସିକତା ଏବଂ ତୁମ ବ୍ୟକ୍ତିତ୍ୱ ତୁମର କାର୍ଯ୍ୟଧାରାରେ ପ୍ରକାଶ ପାଇବ। ବର୍ତ୍ତମାନ ପାଇଁ ଅପରାଧୀମାନଙ୍କ ଅଭ୍ୟାସକୁ ଆଧାର କରି ବ୍ୟକ୍ତିଗତ ଅପରାଧର ପୂର୍ବାନୁମାନ କରିବା ଲାଗି ଦକ୍ଷତା ବଢ଼ାଇବା ଏକ ଭଲ ନିବେଶ ହେବ ବୋଲି ଜଣାପଡୁଛି।

**ଅର୍ଥନୀତି ପ୍ରାଧ୍ୟାପକ, ୟୁନିଭର୍ସିଟି ଅଫ୍ ଏସେକ୍ସ।**

## ଏଇ ଭାରତରେ

ନିଜ ମା'ଙ୍କୁ ଗର୍ଭପାତ ପାଇଁ ପଡ଼ୋଶୀ ଓ ପରିବାର ବାଧ୍ୟ କରୁଥିବା ସ୍ଥିତିକୁ ପିଲାବେଳେ ଭଲ ଭାବେ ଅନୁଭବ କରିଥିବା ଝିଅ ସଞ୍ଜୋଲି ବାନାର୍ଜୀ ଏହାକୁ ରୋକିବା ଲାଗି ଅଭିଯାନ ଚଳାଇଛନ୍ତି। ସେଥିପାଇଁ ସଞ୍ଜୋଲିଙ୍କୁ ୭ ବର୍ଷ ବୟସ ହୋଇଥିବାବେଳେ ସେ କନ୍ୟାଭ୍ରୂଣ ହତ୍ୟା ବିରୋଧରେ ଅଭିନୟ ମାଧ୍ୟମରେ ଲୋକଙ୍କୁ ସଚେତନ କରି ପୁରସ୍କୃତ ହୋଇଥିଲେ। ଏଭଳି କାର୍ଯ୍ୟକୁ ପାଖରୁ ଲକ୍ଷ୍ୟ କରୁଥିବା ସାନଭଉଣୀ ଅନନ୍ୟା ବି ତାଙ୍କ ସହ ସାମିଲ ହୋଇଗଲେ। ଏବେ ସଞ୍ଜୋଲି ସୋସିଆଲ ୱାର୍କରେ ସ୍ନାତକୋତ୍ତର ଏବଂ ଅନନ୍ୟା ସାଇକୋଲୋଜିରେ ସ୍ନାତକ ଛାତ୍ରୀ। କର୍ନାଟକ କର୍ନାଲର ଏହି ଦୁଇ ଭଉଣୀ ଶିକ୍ଷା, ଋତୁସ୍ରାବ ସମୟର ସ୍ୱାସ୍ଥ୍ୟ ରକ୍ଷା, ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନ କରୁଛନ୍ତି। ଏଥିପାଇଁ ସେମାନେ ରାଲି ମଧ୍ୟ ଆୟୋଜନ କରୁଛନ୍ତି। ସାମାଜିକ ସେବା ଲାଗି ତାଙ୍କ ପିତା ଗଠନ କରିଥିବା ଏନ୍‌ଜିଓ 'ସାରଥି'ର କାର୍ଯ୍ୟ ପରିସରରେ ସେମାନେ ଏହିସବୁ ଅଭିଯାନକୁ ସାମିଲ କରିବା ପରେ ଏହା ସମ୍ପ୍ରସାରିତ ହୋଇଛି। ଦୁଇ ଭଉଣୀଙ୍କ ସହ ଏବେ ୨୫୦ ଯୁବ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ସେମାନେ ଏବେ ସୁଦ୍ଧା ୭ ରାଜ୍ୟରେ 'ସେଭ୍ ଡଟର, ସେଭ୍ ଆର୍ଥ' ମିଶନରେ ୪,୮୦୦କି.ମି. ଅତିକ୍ରମ କରିଛନ୍ତି। ଏହି ସମୟରେ ସେମାନେ 'ଆର୍ଥ ଇନ୍ ଫ୍ଲେମ୍' ଡକ୍ୟୁମେଣ୍ଟାରି ପ୍ରସ୍ତୁତ ମଧ୍ୟ କରି ପୃଥିବୀକୁ ରକ୍ଷା କରିବା ଲାଗି ସ୍କୁଲ କଲେଜଗୁଡ଼ିକରେ ସେମିନାର ଆୟୋଜନ କରୁଛନ୍ତି। ଦୁଇ ଭଉଣୀ ହରିୟାଣାର ଦରାର ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ପିଲାମାନଙ୍କ ଲାଗି 'ସୁଶିକ୍ଷା' ମୋବାଇଲ ସ୍କୁଲ ଚଳାଉଛନ୍ତି। ଏହି ସ୍କୁଲରେ ୮୦ ପିଲା ପଢୁଛନ୍ତି। କର୍ନାଲରେ ବିଭିନ୍ନ ସ୍କୁଲରେ ଗରିବ ଝିଅମାନଙ୍କୁ ୬ ହଜାରରୁ ଊର୍ଦ୍ଧ୍ୱ ପ୍ୟାଡ୍ ବଣ୍ଟନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ମେ ୧୯୯୭**

- ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପ ଅନ୍ତର୍ଗତ ବଞ୍ଜାରମାସିନର ପ୍ରାଦେଶିକ ରାଜଧାନୀ ଦକ୍ଷିଣ କାଲିମାନ୍ତାନରେ ଦଙ୍ଗା ଘଟି ୭୯ ମୃତ ।
- କୃଷି, ପର୍ଯ୍ୟଟନ, ବୈଷୟିକ ତଥା ବିଦେଶ ସେବା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ନେଇ ଭାରତ ଏବଂ ପେରୁ ମଧ୍ୟରେ ୬ଟି ଚୁକ୍ତି ସ୍ୱାକ୍ଷରିତ।
- ରମ୍ଭା ଓ ତେନ୍ତୁଳିଆପଡ଼ାରେ ଅନ୍ୟୁନ ୩୦ ବ୍ୟକ୍ତି କାଳିଜାଈ ଠାକୁରାଣୀ ଦର୍ଶନରେ ଯାଇ ଫେରୁଥିବା ବେଳେ ନୌକା ବୁଡ଼ିଯିବାରୁ ୨୦ ଜଣଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | 8 | | 5 |
| | | 1 | | | | | 2 | |
| | 9 | | | | | 6 | | |
| | 6 | | 8 | | | | | |
| | | 3 | | 2 | | | | |
| 5 | 1 | | | | | | 4 | 7 |
| 9 | 5 | | | | 4 | | | 3 |
| | | | | | | 1 | 9 | 6 |
| | | | 3 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 6 | 8 | 4 | 7 | 5 | 1 |
| 6 | 4 | 5 | 3 | 7 | 1 | 2 | 8 | 9 |
| 8 | 1 | 7 | 5 | 9 | 2 | 6 | 3 | 4 |
| 3 | 5 | 9 | 1 | 6 | 7 | 4 | 2 | 8 |
| 4 | 7 | 1 | 8 | 2 | 5 | 9 | 6 | 3 |
| 2 | 8 | 6 | 4 | 3 | 9 | 1 | 7 | 5 |
| 7 | 9 | 8 | 2 | 4 | 3 | 5 | 1 | 6 |
| 5 | 3 | 4 | 7 | 1 | 6 | 8 | 9 | 2 |
| 1 | 6 | 2 | 9 | 5 | 8 | 3 | 4 | 7 |

ଗତକାଲିର ଉତ୍ତର

# ବଜ୍ରପାତ ବିଜ୍ଞାନ ଓ ଜୀବନ ସୁରକ୍ଷା



ରିତେଶ କୁମାର ଶିଶୁ

ଆଗକୁ ବର୍ଷାଋତୁ ଆସୁଛି। ଏହି ସମୟରେ ଅନେକ ଲୋକ ଚାଷ କାମ ବେଳେ ରାସ୍ତା କଡ଼ ଗଛମୂଳରେ ଛିଡ଼ାହୋଇ ବଜ୍ରପାତର ଶିକାର ହୁଅନ୍ତି। ପାଣିପାଗ ବିଜ୍ଞାନୀଙ୍କ ଆକଳନ କହେ ବିଶ୍ୱ ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଓ ବିଶ୍ୱ ତାପନ ଯୋଗୁ ବଜ୍ରପାତ ସଂଖ୍ୟା ବଢ଼ିବ। ଏଥିରୁ ସୁରକ୍ଷା ପାଇବାକୁ ହେଲେ ବଜ୍ରପାତର ବୈଜ୍ଞାନିକ ସଂରଚନାକୁ ବୁଝିବା ଆବଶ୍ୟକ। ପାନିଆରେ ମୁଣ୍ଡ କୁଣ୍ଡାଇଲା ବେଳେ ବିଯୁକ୍ତାତ୍ମକ ଚାର୍ଜ ଓ ଯୁକ୍ତାତ୍ମକ ଚାର୍ଜ ଅଲଗା ହୋଇ ଷ୍ଟାଟିକ ବିଦ୍ୟୁତ ଶକ୍ତିର ପ୍ରଭାବରେ ଏହା ଟୁକୁରା କାଗଜକୁ ଆକର୍ଷିତ କଲାଭଳି, ବାଦଲଗୁଡ଼ିକ ମଧ୍ୟରେ ଜଳ କଣିକାଗୁଡ଼ିକ ପ୍ରବଳ ବେଗରେ ଗତି କରିବା ପ୍ରକ୍ରିୟାରେ ତୀବ୍ର ଘର୍ଷଣ ହୋଇ ବିଯୁକ୍ତାତ୍ମକ ଚାର୍ଜ ଓ ଯୁକ୍ତାତ୍ମକ ଚାର୍ଜ ଅଲଗା ହୋଇ ବିଯୁକ୍ତାତ୍ମକ ଚାର୍ଜଯୁକ୍ତ କଣିକା ବାଦଲର ତଳଭାଗରେ ଓ ଯୁକ୍ତାତ୍ମକ ଚାର୍ଜଯୁକ୍ତ କଣିକା ବାଦଲର ଉପରଭାଗରେ ଗଚ୍ଛିତ ହେବାକୁ ଲାଗନ୍ତି। ବାଦଲ ମଧ୍ୟରେ ଚାର୍ଜର ସନ୍ତୁଳନ ରକ୍ଷା ପାଇଁ ଏହି ଚାର୍ଜଯୁକ୍ତ କଣିକାଗୁଡ଼ିକ ନିକଟରେ ଥିବା ବିପରୀତ ଚାର୍ଜକୁ ଖୋଜି ତୀବ୍ର ଗତିରେ ମିଶିଯାନ୍ତି ଓ ଏହି ପ୍ରକ୍ରିୟାକୁ ଅମେ ବିଜୁଳି ବା ଲାଇଟିନିଂ କହିଥାଉ। ଆର୍ଥ ନେଟୱର୍କର ତଥ୍ୟ ଅନୁଯାୟୀ ସମୁଦାୟ ବିଜୁଳିର ପ୍ରାୟ ୨୦% ହେଉଛି ବାଦଲରୁ ଭୂପୃଷ୍ଠକୁ ବଜ୍ରପାତ କିନ୍ତୁ ପାଣିପାଗର ଓ ଭୌଗୋଳିକ ସ୍ଥିତିକୁ ନେଇ ଏହି ପରିମାଣ କମ୍ ବେଶି ହୋଇପାରେ। ତଥ୍ୟ ଅନୁଯାୟୀ ୨୦୨୦-୨୧ରେ ଓଡ଼ିଶାରେ ବାଦଲରୁ ଭୂପୃଷ୍ଠକୁ ବଜ୍ରପାତରେ ପରିଣତ ହେବାର ପ୍ରତିଶତ ୪୦% ଥିଲା ବେଳେ ଆନ୍ଧ୍ରପ୍ରଦେଶରେ ଏହା ୨୦% ଥିଲା ଯାହା ଚିନ୍ତାଜନକ।

ବାଦଲରୁ ଭୂପୃଷ୍ଠ ବିଜୁଳି ପ୍ରବାହ ପ୍ରକ୍ରିୟାରେ ବିଦ୍ୟୁତ ବିଭବର ପାର୍ଥକ୍ୟ ପାଖାପାଖି ୩୦୦ କୋଟି ଭୋଲ୍ଟ ଓ ବିଦ୍ୟୁତର ପ୍ରବାହ ପାଖାପାଖି ୩୦୦୦୦ ଆମ୍ପିୟରର ସହିତ ବାଦଲରୁ ବିଯୁକ୍ତାତ୍ମକ ଚାର୍ଜ କିମ୍ବା ଯୁକ୍ତାତ୍ମକ ଚାର୍ଜର ଏକ ବିଶାଳ ସ୍ରୋତ ବିପରୀତ ଚାର୍ଜର ସନ୍ଧାନରେ ଡାଳ ମେଲାଇଲା ପରି ପାଖାପାଖି ଆଲୋକର ଗତିରେ ଭୂପୃଷ୍ଠକୁ ମାଡି ଆସନ୍ତି, ସେହି ସମୟରେ ସମାନ ଗତିରେ ଭୂପୃଷ୍ଠର କିଛି ମିଟର ପରିଧିରୁ ବିପରୀତାତ୍ମକ ଚାର୍ଜଗୁଡ଼ିକ ଏକାଠି ହୋଇ ବାଦଲ ଆଡକୁ ସିଧାସଳଖ ଅତି ତୀବ୍ର ଗତିରେ ମାଡିଯାଇ ଭୂପୃଷ୍ଠରୁ କିଛି ଉଚ୍ଚତା ଉପରେ ମିଶିଯାଆନ୍ତି। ଏହାର ତୀବ୍ର ପ୍ରତିକ୍ରିୟା ସ୍ୱରୂପ ଏକ ବିରାଟ ଶବ୍ଦ ଓ ପାଖାପାଖି ୨୦୦୦୦ ଡିଗ୍ରୀ ସେଲସିୟସ ଉତ୍ତାପ ସୃଷ୍ଟି କରେ। ବାଦଲରୁ ଭୂପୃଷ୍ଠକୁ ବିଜୁଳି ପ୍ରବାହ ଦୁଇ ପ୍ରକାର। ବାଦଲର ତଳଭାଗରେ ଥିବା ବିଯୁକ୍ତାତ୍ମକ ଚାର୍ଜ ଅସି ଭୂପୃଷ୍ଠରୁ ନିକ୍ଷେପିତ ଯୁକ୍ତାତ୍ମକ ଚାର୍ଜ ସହିତ ମିଶି ବିଯୁକ୍ତାତ୍ମକ ବଜ୍ରପାତ ଓ ଅନ୍ୟ କ୍ଷେତ୍ରରେ ବାଦଲର ଉପର ଭାଗରୁ ଯୁକ୍ତାତ୍ମକ ଚାର୍ଜ ଆସି ବିଯୁକ୍ତାତ୍ମକ ଚାର୍ଜ ସହିତ ମିଶି ଯୁକ୍ତାତ୍ମକ ବଜ୍ରପାତ ସୃଷ୍ଟି କରେ। ବାଦଲର ଉପରଭାଗରେ ଯୁକ୍ତାତ୍ମକ ଚାର୍ଜ ରହୁଥିବାରୁ ଅଧିକ ଚାର୍ଜଯୁକ୍ତ କଣିକା ଠୁଳ ହେଲେ ଯାଇ ତାହା ଭୂମିକୁ ଆସିବାକୁ ଶକ୍ତି ଗୋଟାଇପାରେ, ତେଣୁ ଏହି କ୍ଷେତ୍ରରେ ଏକ ବଜ୍ରପାତର ଶକ୍ତି ବିଯୁକ୍ତାତ୍ମକ ବଜ୍ରପାତଠାରୁ ଅନେକ ଅଧିକ ରହେ। ଏହି କାରଣରୁ ବିଯୁକ୍ତାତ୍ମକ ବଜ୍ରପାତ ଅଧିକ ହୋଇଥାଏ ଓ ଯୁକ୍ତାତ୍ମକ ବଜ୍ରପାତ କମ୍ ସଂଖ୍ୟାରେ ହେଲେ ମଧ୍ୟ ବାଦଲ ଉପରୁ ଅଧିକ ଦୂରଯାଏ ଗତି କରିଥାଏ ଓ ଅଧିକ ଶକ୍ତି ସମ୍ପନ୍ନ ହୋଇଥାଏ। ଆକାଶରେ ବାଦଲ କିମ୍ବା



ବର୍ଷା ନ ଥାଇ ମଧ୍ୟ ବଜ୍ରପାତ ହୋଇପାରେ, ଯାହାକୁ ବୋଲ୍ଡ ଫ୍ରମ୍ ଦି ବ୍ଲୁ ବୋଲି କୁହାଯାଏ। ଏହି ପ୍ରକ୍ରିୟାରେ ବାୟୁରେ ବାରୁଦପରି ଗନ୍ଧ ହେଉଥିବା ଓଜନ ଅଣୁ ଏବଂ ମୃତ୍ତିକାର ଉର୍ବରତା ବଢାଉଥିବା ନାଇଟ୍ରୋଜେନ ଅକ୍ସାଇଡ ଆଦି ସୃଷ୍ଟି ହୁଏ।

ବାୟୁ ବିଜୁଳିର କୁପରିବାହୀ ହୋଇଥିବାରୁ ଅଧିକାଂଶ ସମୟରେ ଭୂପୃଷ୍ଠରୁ ଚାର୍ଜ କଣିକାଗୁଡିକ ଉପରକୁ ଗତି କରିବା ପାଇଁ ନିକଟରେ ଥିବା ଉଚ୍ଚ ସୁପରିବାହୀ ଯେପରିକି ଗଛ, ଧାତବ ଖମ୍ବ, ମଣିଷ ଶରୀର କିମ୍ବା ଅନ୍ୟ ଜୀବଜନ୍ତୁଙ୍କ ଶରୀରର ମାଧ୍ୟମ ଖୋଜନ୍ତି। ଏହି ପ୍ରକ୍ରିୟାରେ ଭୂପୃଷ୍ଠରୁ ଚାର୍ଜଗୁଡ଼ିକ କିଛି ମିଟର ପରିଧି ମାଧ୍ୟମରେ କ୍ଷିପ୍ର ଗତିରେ ଏକାଠି ହେଲା ବେଳେ ସେହି ପରିଧି ମଧ୍ୟରେ ଆସୁଥିବା ସମସ୍ତ ମଣିଷ, ବସ୍ତୁ ଓ ଜୀବ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୁଅନ୍ତି।

ବଜ୍ରପାତର ପୂର୍ବ ସୂଚନା ମିଳିବା ପ୍ରାୟ ଅସମ୍ଭବ, କିନ୍ତୁ କେତେକ କ୍ଷେତ୍ରରେ ବଜ୍ରପାତ ହେବା ପୂର୍ବରୁ ଲୋକଙ୍କ ଚୁଟି ଛିଡା ହୋଇଯାଉଥିବାର ନଜିର ରହିଛି। ଏପରି ଆଭାସ ପାଇଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ପଳାନ୍ତୁ କିମ୍ବା ମୁଣ୍ଡ ପଛରେ ଦୁଇ ହାତ ଦେଇ ଦୁଇ ଗୋଇଠିକୁ ଟେକି ଏକାଠି ଲଗାଇ ବଜ୍ରପାତ ସୁରକ୍ଷା ସ୍ଥିତିରେ ବସିପଡ଼ିବା ମଧ୍ୟ କିଛି ପରିମାଣରେ ସୁରକ୍ଷିତ। ମୋଟା ପ୍ଲାଷ୍ଟିକର ସୋଲ୍ ଥିବା ଆଣ୍ଠୁ ପର୍ଯ୍ୟନ୍ତ ଘୋଡାଇ ହୋଇପାରୁଥିବା ଜୋତା କିଛି ପରିମାଣରେ ବଜ୍ରପାତରୁ ସୁରକ୍ଷା ଦିଏ। ବର୍ଷାରୁ ଆଶ୍ରୟ ନେବାକୁ ଗଛ ତଳକୁ ଆଦୌ ଯିବା ଉଚିତ ନୁହେଁ। ଉଚ୍ଚ ଜାଗାକୁ ଅଧିକାଂଶ ସମୟରେ ବଜ୍ରପାତ ହୁଏ। କଳା ବାଦଲ ଘୋଟିଆସିଲେ କିମ୍ବା ପ୍ରଥମ ଘଡ଼ଘଡ଼ିର ଶବ୍ଦ ଶୁଣିଲେ, ଖୋଲା ଜାଗାରେ ଥିଲେ ଗଛ ଓ ଉଚ୍ଚ ସ୍ଥାନଠାରୁ ଦୂରରେ ରହି, ତୁରନ୍ତ ସୁରକ୍ଷିତ ଜାଗା ଯେପରି କି ଧାତବ ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି କିମ୍ବା କଂକ୍ରିଟ ଛାତ ଥିବା ଘରେ ଆଶ୍ରୟ ନେବା ଉଚିତ। କଂକ୍ରିଟ ଛାତ ଘରେ କବାଟ, ଝରକା ନିବୁଜ କରି କାଠ ନିର୍ମିତ କୁପରିବାହୀ ବସ୍ତୁ ଉପରେ ବସି, ପାଣି ଟ୍ୟାପ, ଟେଲିଫୋନ, ବୈଦ୍ୟୁତିକ ସାମଗ୍ରୀ, ଧାତବ ପଦାର୍ଥ ଓ ବାଲକୋନି ଆଦି ଠାରୁ ଦୂରରେ ରହିବା ଉଚିତ। ଘରେ ଆର୍ଥିଙ୍ଗର ସୁବନ୍ଦୋବସ୍ତ ଓ ଘର ଉପରେ ବଜ୍ରପାତ ନିରୋଧୀ ଧାତବ ଦଣ୍ଡ ଲଗାଇବା ଶ୍ରେୟସ୍କର। ଦେଖାଯାଇଛି ସବୁଠାରୁ ମାରାତ୍ମକ ଯୁକ୍ତାତ୍ମକ ଚାର୍ଜର ବଜ୍ରପାତ ବର୍ଷା ଛାଡିବାର କିଛି ସମୟ ପରେ ମାରିଥାଏ, ତେଣୁ ବର୍ଷା ଛାଡିଗଲେ ମଧ୍ୟ ଶେଷ ଘଡ଼ଘଡ଼ିର ଶବ୍ଦ ଶୁଣିବାର ଅତିକ୍ରମରେ ୨୦ ମିନିଟ ପରେ ଘରୁ ବାହାରନ୍ତୁ।

ଅନେକ କ୍ଷେତ୍ରରେ ବଜ୍ରପାତର ଶିକାର ଲୋକମାନଙ୍କର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯିବା ସହିତ ଶ୍ୱାସନଳୀ ସଂକୁଚିତ ହୋଇଯାଏ। ଏହି କ୍ଷେତ୍ରରେ ତୁରନ୍ତ ପାଖରେ ଥିବା ଲୋକମାନେ ଲୋକଟିକୁ ଚିତକରି ଶୁଆଇ ଛାତିକୁ ଦବାଇ ସଂକୋଚନ ଓ ପ୍ରସାରଣ କରାଇ ସିପିଆର ଦେବା ଜାରି ରଖିବା ସହିତ ଅତି ଶୀଘ୍ର ଆମ୍ବୁଲାନ୍ସ ଡାକି ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିବା ଆବଶ୍ୟକ। ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ। କିନ୍ତୁ ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଥାଏ ଯେ ବିଜୁଳି ମାରିଥିବା ଲୋକ ଦେହରେ ହାତ ଦେଲେ ତା' ଦେହରେ ଥିବା ବିଜୁଳି ତାଙ୍କ ଦେହକୁ ବି ମାରିବ, ଯାହା ଆଦୌ ସତ୍ୟ ନୁହେଁ।

ବଡ଼ ବଡ଼ ଗଛ ବିଜୁଳିକୁ ନିଜ ଆଡକୁ ଆକୃଷ୍ଟ କରି ଆମକୁ ବିପଦମୁକ୍ତ ରଖନ୍ତି, ତେଣୁ ଗହୀର ମଧ୍ୟରେ, ଗ୍ରାମ ତଳି ଅଞ୍ଚଳରେ, ନଦୀ ପଠାରେ ତାଳଗଛ ଓ ଅନ୍ୟାନ୍ୟ ବଡ଼ ଗଛ ଥିଲେ ସେଗୁଡ଼ିକର ସୁରକ୍ଷା କରନ୍ତୁ ଓ ଏପରି ଗଛ ଅଧିକ ଲଗାନ୍ତୁ। ପରିଶେଷରେ ଏତିକି କୁହାଯାଇପାରେ ବଜ୍ରପାତକୁ ଦୈବୀଦୁର୍ବିପାକ ବୋଲି ଭାବି ମୂଲ୍ୟବାନ ଜୀବନକୁ ବାଜି ଲଗାଇବା ଅଦୌ ଉଚିତ ନୁହେଁ, କାରଣ ଆମର ଛୋଟ ଛୋଟ ପଦକ୍ଷେପ ଦ୍ୱାରା ଏପରି ଅକାଳ ମୃତ୍ୟୁକୁ ଏଡାଯାଇପାରିବ।

**ଦଧିବାବନପୁର, କଟକ**
**ମୋ-୮୦୧୮୮୩୪୭୩୪**

# ପ୍ରାଚୀନ ଭାରତରେ ପରିଚର୍ଯ୍ୟା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଚିକିତ୍ସା କ୍ଷେତ୍ରରେ ରୋଗୀଙ୍କ ପରିଚର୍ଯ୍ୟା ଅତ୍ୟନ୍ତ ଆବଶ୍ୟକ ତଥା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏଥିରେ ରୋଗୀ ତଥା ଅସୁସ୍ଥ ମନୁଷ୍ୟର ଫଳପ୍ରଦ ସେବା-ଶୁଶ୍ରୂଷା ଏଭଳି ଭାବରେ ସମ୍ପନ୍ନ କରାଯାଏ, ଯାହାକି ସାଧାରଣ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ଉପଚାର ଅପେକ୍ଷା ତାକୁ ଅଧିକ ଫାଇଦା ମିଳିଥାଏ। ପରିଚର୍ଯ୍ୟା ବହୁସ୍ତରୀୟ, ଯଥା- ରୋଗୀଙ୍କ ଦେଖାରଖା, ଔଷଧ ପଥ୍ୟର ସୁବନ୍ଦୋବସ୍ତ, ଠିକଣା ସମୟରେ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଔଷଧ ସେବନ କରାଇବା ଏବଂ ଅନ୍ୟ ସବୁପ୍ରକାର ଚିକିତ୍ସା ସମ୍ବନ୍ଧୀୟ ସାହାଯ୍ୟ ଓ ସହଯୋଗ ଉପଲବ୍ଧ କରାଇବା ଇତ୍ୟାଦି ।

ଏହି ପରିପ୍ରେକ୍ଷୀରେ ଆଦିକାବ୍ୟ ରାମାୟଣ ପ୍ରସଙ୍ଗକୁ ବିଚାରକୁ ନିଆଯାଇପାରେ। ସାୟଂକାଳରେ ଯୁଦ୍ଧ ବିରାମ ପରେ ପରେ ପବନତନୟ ହନୁମାନ ଓ ରାକ୍ଷସରାଜ ବିଭୀଷଣ ହସ୍ତରେ ମଶାଲ ଧରି ରଣଭୂମିରେ ବୁଲିବାରେ ଲାଗିଲେ। ଯାହାଫଳରେ ସେ ଦୁହେଁଯାକ ଯୋଡଯୋଡ ବାନର ସବୁ ଜୀବିତ ଥିଲେ ସେମାନଙ୍କର ସେବାଯତ୍ନ କରି ତାଙ୍କ ଭିତରେ ଧୈର୍ଯ୍ୟର ସେତୁବନ୍ଧକୁ ସଶକ୍ତ କରିବାରେ ସମର୍ଥ ହୋଇଥିଲେ। ତଦନନ୍ତର ବାନରମାନଙ୍କୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ଜାମ୍ବବାନ ହନୁମାନଙ୍କୁ ପର୍ବତରାଜ ହିମାଳୟରୁ ଚାରିପ୍ରକାର ଔଷଧ ଯଥା- ମୃତସଂଜୀବନୀ ବା ବିଶଲ୍ୟକରଣୀ (ମୃତକକୁ ବଞ୍ଚାଇ ପାରୁଥିବା ପଥ୍ୟ), କ୍ଷତସ୍ଥାନ ଓ ଘା'କୁ ଶୁଖାଇ ଭଲକରି ପାରୁଥିବା ସାବର୍ଣ୍ଣକରଣୀ (ଘା'ର ରଙ୍ଗ ବଦଳାଇ ପୂର୍ବାବସ୍ଥାକୁ ଫେରାଇ ଆଣିବାର ଔଷଧ), ସଂଧାନକରଣୀ (ଘା'କୁ ଭରିବା ପରେ ଖାଲକୁ ଯୋଡି ସମାନ କରିପାରୁଥିବା ଔଷଧ) ଆଣିବାକୁ କହିଲେ। ତତ୍‌ପଶ୍ଚାତ ହନୁମାନ ଔଷଧ ପର୍ବତକୁ ସମୂଳେ ଲଙ୍କାକୁ ବୋହି ଆଣିଥିଲେ। ଏହା ହେଉଛି ପରିଚର୍ଯ୍ୟାର ସର୍ବୋତ୍କୃଷ୍ଟ ଉଦାହରଣ।

ସେହିପରି ମହାତ୍ମା ବୁଦ୍ଧଙ୍କ ଛଅଗୋଟି ସର୍ବଶ୍ରେଷ୍ଠ କଥା ଭିତରୁ ପରିଚର୍ଯ୍ୟା ଅନ୍ୟତମ ବୋଲି କୁହାଯାଏ। ଏକ ପ୍ରସିଦ୍ଧ କଥାନୁସାରେ ଜଣେ ଭିକ୍ଷୁଙ୍କ ଶରୀର ଏତେ ରୁଗ୍ଣ ହୋଇଗଲା ଯେ ନିଜ ଆସନରୁ ଉଠିବାରେ ଅକ୍ଷମ ହେଲେ। ଯେତେବେଳେ ଅନ୍ୟ ଜଣେ ଭିକ୍ଷୁ ସାଧୁ ତାଙ୍କୁ କୌଣସି ସାହାଯ୍ୟ କଲେ ନାହିଁ, ସେତିକିବେଳେ ଭଗବାନ ବୁଦ୍ଧ ତାଙ୍କ ସେବା ଶୁଶ୍ରୂଷା କରିବା ଲାଗି ଆଗେଇ ଆସିଲେ । ସେ ରୁଗ୍ଣ ଭିକ୍ଷୁଙ୍କୁ ଯଥା ସମୟରେ ସ୍ନାନଶୌଚ ଆଦି ନିତ୍ୟକର୍ମ କରାଇବା ସହ ପରିଷ୍କାର ଭାବେ ପୋଛାପୋଛି କରିଦେଲେ। ଅନନ୍ୟ ସେବାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରି ତଥାଗତ ବୁଦ୍ଧ ଦର୍ଶାଇଛନ୍ତି ଯେ କେବଳ ମନୁଷ୍ୟ ପରିଚର୍ଯ୍ୟା ହିଁ ସର୍ବଶ୍ରେଷ୍ଠ ସେବା।

ଅନୁରୂପ ଭାବରେ ବୈଦିକ କାଳରେ ରୁଗ୍ଣ ବ୍ୟକ୍ତିର ସେବା ଶୁଶ୍ରୂଷା କରିବା ମହତ କାର୍ଯ୍ୟକୁ ଖୁବ୍ ସମ୍ମାନ ଆଦର ଦୃଷ୍ଟିରେ ବିବେଚନା କରୁଥିଲେ। ଋଗ୍‌ବେଦରେ ବୈଦ୍ୟଙ୍କ କାର୍ଯ୍ୟ ଓ ଗୁଣଗୁଡ଼ିକ ସମ୍ପର୍କରେ ସବିଶେଷ ଉଲ୍ଲେଖ ରହିଛି। ଯାହାଙ୍କ ପାଖରେ ସବୁ ପ୍ରକାର ଔଷଧ ପଥ୍ୟ ମହଜୁଦ ଥାଏ ସେହି ବିଦ୍ୱାନଙ୍କ ନାମ ବୈଦ୍ୟ। ବୈଦ୍ୟରାଜ ରୋଗଗୁଡିକୁ ଦେହରୁ ହଟେଇ ଦିଅନ୍ତି। ସୁତରାଂ ରୋଗନିରୋଧ ପଥ୍ୟଗୁଡ଼ିକ ସଂଗ୍ରହ କରିବା ତଥା ସେଗୁଡ଼ିକର ଫଳପ୍ରସୂ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ବୈଦ୍ୟଙ୍କ ପ୍ରମୁଖ କାର୍ଯ୍ୟ। ଚରକ ସଂହିତାରେ ମହର୍ଷି ଚରକ ରୋଗୀର ପରିଚର୍ଯ୍ୟା ଓ ଶୁଶ୍ରୂଷା ସଂକ୍ରାନ୍ତରେ ଆହାର ବ୍ୟବହାର ନିୟମାବଳୀ ପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ଚିକିତ୍ସକ ବିଶୁଦ୍ଧ ଆଚରଣ ପ୍ରଦର୍ଶନ, ପବିତ୍ର, ଚତୁର ଓ କୁଶଳ ଦୟାବାନ ହେବା ସାଙ୍ଗକୁ ରୋଗୀଙ୍କ ପାଇଁ ସବୁପ୍ରକାର ସେବା ଯତ୍ନ କରିବାରେ ସୁଦକ୍ଷ, ପାକଶାସ୍ତ୍ରରେ ପାରଙ୍ଗମ, ରୋଗୀକୁ ଉଠେଇ ବୁଲେଇବାରେ ନିପୁଣ, ବିଛଣା ବିଛେଇ ସଫାସୁତରା କରିବାରେ ପ୍ରବୀଣ, ତତ୍ପର ଧୈର୍ଯ୍ୟଶୀଳ ଓ ରୋଗ ପୀଡ଼ିତଙ୍କ ପରିଚର୍ଯ୍ୟାରେ କୁଶଳ ଓ ଆଜ୍ଞାକାରୀ ହେବା ଉଚିତ।

ସପ୍ତମ ଶତାବ୍ଦୀରେ ଚାଇନାର ପିରବ୍ରାଜକ ହୁଏନ୍‌ସାଂ ତଥାଗତଙ୍କ ପବିତ୍ର ଭୂମିରେ ଆଗମନ କରିଥିଲେ ବିଦ୍ୟା ଅଧ୍ୟୟନ ନିମନ୍ତେ। ହୁଏନ୍‌ସାଂଙ୍କ ବିବରଣୀ ଅନୁସାରେ ବିଦ୍ୟାର୍ଥୀ ଆଚାର୍ଯ୍ୟଙ୍କ ନିକଟକୁ ଯାଇ ତାଙ୍କର ସେବା କାର୍ଯ୍ୟରେ ନିଜକୁ ନିମଗ୍ନ ରଖୁଥିଲେ। ଗୁରୁଙ୍କ ପ୍ରତିଟି ଆଦେଶକୁ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ। ଅପରପଟେ ଯଦି କୌଣସି ଶିଷ୍ୟ ରୋଗାକ୍ରାନ୍ତ ଓ ଅସୁସ୍ଥ ହୋଇଯାଏ ଆଚାର୍ଯ୍ୟଙ୍କ ପରମ କର୍ତ୍ତବ୍ୟ ଥିଲା ଭଲହେବା ଯାଏ ସିଏ ତା'ର ଉପଯୁକ୍ତ ସେବା-ଶୁଶ୍ରୂଷା କରିବେ ଓ ତାକୁ ଆବଶ୍ୟକ ମୁତାବକ ଔଷଧ ପଥ୍ୟ ପାନ ଦେବେ ସେବନ କରିବାକୁ।

**ମୋ-୯୪୩୮୩୩୨୧୩୮**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ମନମୁଖି ନିଷ୍ପତ୍ତି

ମହାଶୟ,

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାଉଁସଣ୍ଡା ଗ୍ରାମକୁ ବେଆଇନ ଭାବେ ଯାବରା ପଞ୍ଚାୟତରୁ ଶ୍ରୀବନ୍ତପୁର ପଞ୍ଚାୟତରେ ଅନ୍ତର୍ଭୁକ୍ତ କରାଯିବା ନେଇ ଗ୍ରାମବାସୀମାନେ ଭୋଟ ବର୍ଜନ କରିଥିଲେ। ଏହି ଗ୍ରାମକୁ ଶ୍ରୀବନ୍ତପୁରରେ ସାମିଲ କରାଯିବା ନେଇ କୌଣସି ତଥ୍ୟ କିମ୍ବା ଆଧାର ନାହିଁ। ଏଥିନେଇ କୌଣସି ପ୍ରକାର ପ୍ରଶାସନିକ ଅନୁଧ୍ୟାନ କରା ନ ଯାଇ ଏଭଳି ଗୋଟିଏ ମନମୁଖି ନିଷ୍ପତ୍ତି ନିଆଯାଇଛି। ଯେଉଁଥିପାଇଁ ସୂଚନା ଅଧିକାରରେ ତଥ୍ୟ ମାଗିଲେ ତାହା ପ୍ରଦାନ କରାଯାଉ ନାହିଁ। ବାସ୍ତବରେ ସେଭଳି କୌଣସି ତଥ୍ୟ ନ ଥିବାରୁ ତାହା ଦିଆଯାଉ ନାହିଁ। ଏବେ ବି ଏହି ଗ୍ରାମଟି ଯାବରା ପଞ୍ଚାୟତରେ ଥିବା ସରକାରୀ ତଥ୍ୟ ପ୍ରମାଣ କରୁଛି ଏବଂ ଯାବରା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏହି ଗ୍ରାମରେ ହେଉଛି। ହେଲେ ଭୋଟ ଦେବା ବେଳକୁ ଶ୍ରୀବନ୍ତପୁର ପଞ୍ଚାୟତରେ ଭୋଟ ଦେବାକୁ ବାଧ୍ୟ କରାଯାଉଛି। ଏଥିନେଇ ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲାପାଳଙ୍କୁ ନିର୍ବାଚନ କମିଶନ ଚିଠି କରିଛନ୍ତି। ଏହାପରେ ମଧ୍ୟ ଦୀର୍ଘମାସ ହେଲା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

**–ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କୋମଳ କାକୁତିଭରା ଏ ଦୃଷ୍ଟି ଦୟିନୀ
ବୁହାଇଛି ଶତ ସ୍ରୋତସ୍ୱିନୀ
କରୁଣାର, ଏ ଲୋତକ ବିନ୍ଦୁ
ଭରିଛି ଅସୀମ ମହାସିନ୍ଧୁ।
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଶୁକ୍ରବାର, ୨୭ ମେ ୨୦୨୨



## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

#### ନାବାଳିକା ବଳାତ୍କାର ମାମଲା

ଫୁଲବାଣୀ ଅଫିସ, ୨୬।୫- ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୋଟଗଡ଼ ଥାନା ଅଞ୍ଚଳର ସିତାପୁରା ବେହେରା ମାଝି।

୨୦୧୭ରେ କନ୍ଧମାଳ ଜିଲା କୋଟଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକା ଗ୍ରାମରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ନାବାଳିକା ଏକ ଦୋକାନ ସମ୍ମୁଖରେ ଠିଆ ହୋଇଥିଲେ । ସିତାପୁରା ତାଙ୍କୁ ଏକୁଟିଆ ଦେଖି ନିକଟସ୍ଥ ଏକ ଗଛ ତଳକୁ ଟେକି ନେଇ ବଳାତ୍କାର କରିଥିଲେ । ନାବାଳିକା ଅଚେତ ହୋଇଯିବାରୁ ସେଠାରେ ଛାଡି ଚାଲିଯାଇଥିଲେ। ସେଠାକାର କେତେଜଣ ଲୋକ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ଖବର ଦେଇଥିଲେ । ଏହାପରେ ପୀଡିତାଙ୍କ ପରିବାର ଲୋକେ କୋଟଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାରେ ୧୩ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ପୀଡିତାଙ୍କ ବୟାନ ଓ ପୋଲିସର ତଦନ୍ତ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ସିତାପୁରଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

### ମହିଳା ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ୨ବର୍ଷ ଜେଲ

ବାରିପଦା ଅଫିସ,୨୬।୫
ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୧)ଙ୍କ କୋର୍ଟରେ ଗୁରୁବାର ଏକ ନିଶାକାରବାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅଧୀନ ୱାର୍ଡନଂ.୨୦ ଶୁନଗଡ଼ିଆ ଅଞ୍ଚଳର କୁନି ଘଡ଼େଇ(୪୫)।

୨୦୧୩ ମାର୍ଚ୍ଚ ୨୫ରେ ଅବକାରୀ ବିଭାଗ ଚଢ଼ାଉ କରି କୁନିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୨ଗ୍ରାମ ୩ଶହ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା । ୪ଜଣ ସାକ୍ଷୀଙ୍କ ବୟାନ ଓ ଅବକାରୀ ବିଭାଗର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି । ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

### ଯୁବତୀଙ୍କ ଘରୁ ପ୍ରେମିକଙ୍କ ମୃତଦେହ ଜବତ

ବ୍ରହ୍ମଗିରି,୨୬।୫(ଡି.ଏନ୍.ଏ.): ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳରେ ପ୍ରେମ ବ୍ୟାପାରକୁ ନେଇ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କ ଘରେ ତାଙ୍କ ପ୍ରେମିକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଉକ୍ତ ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ବିଶ୍ୱାଳ। ଅନ୍ୟପଟେ ପୁଅକୁ ଡାକି ଯୁବତୀଙ୍କ ଘରେ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୧୨୯/୨୨) ରୁଜୁ କରିବା ସହ ଯୁବତୀଙ୍କ ସମେତ ୫ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତଙ୍କ ସହ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଏହାକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି କଥାକୁ ନେଇ ଯୁବତୀଙ୍କ ପରିବାର ଲୋକେ ବୁଧବାର ରାତିରେ ସୂର୍ଯ୍ୟକାନ୍ତଙ୍କୁ ଡାକିଥିଲେ। ଫଳରେ ସେ ପ୍ରେମିକାଙ୍କ ଘରକୁ ଯାଇଥିଲେ। କିନ୍ତୁ ସୂର୍ଯ୍ୟକାନ୍ତ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ସୂର୍ଯ୍ୟକାନ୍ତଙ୍କ ପରିବାର ଲୋକ ସନ୍ଦେହରେ ଉକ୍ତ ଯୁବତୀଙ୍କ ଘରକୁ ଆସିଥିବା ବେଳେ ପୁଅଙ୍କ ମୃତଦେହ ଏକ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ସୂର୍ଯ୍ୟକାନ୍ତଙ୍କ ପରିବାର ଲୋକ ପାଟି କରି ଗ୍ରାମବାସୀଙ୍କୁ ଜଣାଇବା ସହ ଯୁବତୀଙ୍କ ପରିବାର ଲୋକଙ୍କୁ ଅଟକ ରଖିଥିଲେ। ଖବରପାଇ ପୋଲିସ ସକାଳୁ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ପରେ ସାଇଣ୍ଟିଫିକ ଟିମ୍ ମଧ ଆସି ଯାଞ୍ଚ କରିଛନ୍ତି। ଅପରପକ୍ଷେ ଘର ଛାତ ଉପରେ ଆଲୋଚନା ଚାଲିଥିବା ସମୟରେ ସୂର୍ଯ୍ୟକାନ୍ତ ସେଠାରୁ ଆସି ନିଜେ ଆତ୍ମହତ୍ୟା କରିଥିବା ଯୁବତୀଙ୍କ ପରିବାର ଲୋକେ ପୋଲିସକୁ କହିଛନ୍ତି।

# ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ଫାଟ

- ଏଲ୍ ଆଣ୍ଡ୍ ଟି କନ୍‌ଷ୍ଟ୍ରକ୍ସନକୁ ନୋଟିସ
- ତାଗିଦ୍ କଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୬।୫



ରାଜ୍ୟରେ ମେଗା ପାଇପ୍ ଜଳ ଯୋଗାଣ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟ ହେଉଛି। ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବାବେଳେ ପାଇପ ବିଛା କାର୍ଯ୍ୟରେ ବିଭାଗୀୟ ଯୋଜନା ଅନୁସାରେ ସମ୍ପାଦନ କରାଯାଉନାହିଁ। ଅଣଓଡ଼ିଆ ଠିକାସଂସ୍ଥାକୁ ଏହି ଦାୟିତ୍ୱ ଦେଇ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଡୁଆରେ ପଡ଼ିଛି। ଏହି କ୍ରମରେ ଏଲ୍ ଆଣ୍ଡ ଟି କନ୍‌ଷ୍ଟ୍ରକ୍ସନ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଟର ଲିଃ ଠିକାସଂସ୍ଥାକୁ ବିଭାଗୀୟ ତାଗିଦ୍ କରାଯାଇଥିବା ସୂଚନା ମିଳିଛି।

ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬,୬୭୬ କୋଟି ଟଙ୍କାର ୯୦ଟି ମେଗା ପାଇପ ଜଳ ଯୋଗାଣ(ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ୬ଟି ଯୋଜନାରେ କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୮ଟି ପ୍ରକଳ୍ପ ରହିଛି। ୩ୟ ଓ ୪ର୍ଥ ପର୍ଯ୍ୟାୟରେ ୧୮,୪୯୮ କୋଟି ଟଙ୍କାର ୧୨୫ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିସାରିଛି। ଏହି କ୍ରମରେ ସମୁଦାୟ ୩୫ ହଜାର କୋଟି ଟଙ୍କାର ୨୧୫ଟି ପ୍ରକଳ୍ପ ରାଜ୍ୟବାସୀଙ୍କ ପାନୀୟ ଜଳ ସମସ୍ୟାକୁ ଦୂରୀଭୂତ କରିବ ବୋଲି ସରକାର ଆଶା ବାନ୍ଧିଛନ୍ତି। ତେବେ କେତେକ ପ୍ରକଳ୍ପ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିରୀକ୍ଷଣରେ ୨୦୧୬ରୁ ରାଜ୍ୟ ବାହାରର ଠିକାସଂସ୍ଥାମାନଙ୍କ ସହ ଚୁକ୍ତି ହୋଇଥିଲେ ହେଁ ତାହା ଏଯାଏ ଲୋକଙ୍କ କାମରେ ଆସିପାରିନାହିଁ। ଅନ୍ୟପକ୍ଷେ ପୂର୍ବରୁ କେତେକ ପ୍ରକଳ୍ପରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ଚିହ୍ନଟ ହୋଇ ସାରିଛି। କେତେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଥିଲେ ହେଁ ନିର୍ଦ୍ଧାରିତ ଗ୍ରାମକୁ ପାନୀୟ ଜଳ ପହଞ୍ଚି ପାରି ନ ଥିବା ଅଭିଯୋଗ ହେଉଛି। ଅଣଓଡ଼ିଆ ଠିକାଦାରମାନଙ୍କୁ ଆଖିବୁଜି ବିଭାଗୀୟ ସଂପୃକ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ବିଶ୍ୱାସ କରି ନେଉଥିବାରୁ ପ୍ରାୟ ୩୫ ହଜାର କୋଟି ଟଙ୍କାର ମେଗା ପ୍ରକଳ୍ପର ଦୀର୍ଘସ୍ଥାୟୀ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି।

ଯାଜପୁର ଜିଲାର ବିଞ୍ଝାରପୁର ଓ ଯାଜପୁର ବ୍ଲକ ପାଇଁ ନିର୍ମାଣାଧୀନ ମେଗା ପ୍ରକଳ୍ପ ଜମି ବିବାଦରେ ଫସି ରହିଛି। ଇନ୍‌ଟେକ୍ ୱେଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ପୁନଃ ଆବଶ୍ୟକ କାର୍ଯ୍ୟ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି। ଏହାସହ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଅନୁପାଳନ ଗ୍ରହଣଯୋଗ୍ୟ ନୁହେଁ ବୋଲି ଚିଫ୍ ଇଞ୍ଜିନିୟର ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏଲ୍ ଆଣ୍ଡ ଟି କନ୍‌ଷ୍ଟ୍ରକ୍ସନ ପକ୍ଷରୁ ଅନୁଗୋଳ ଜିଲା ପାଲଲହଡା ବ୍ଲକ ପାଇଁ ନିର୍ମାଣାଧୀନ ମେଗା ଜଳ ଯୋଗାଣ ପ୍ରକଳ୍ପ ଅତି ନିମ୍ନମାନର ହେଉଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଏହି ମର୍ମରେ ଭୁବନେଶ୍ୱର ଆରଡବ୍ଲ୍ୟୁଏସ୍‌ଏସ୍ ସର୍କଲର ଆଡିଶନାଲ ଚିଫ୍ ଇଞ୍ଜିନିୟରଙ୍କ ପକ୍ଷରୁ ଏଲ୍ ଆଣ୍ଡ ଟି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ନୋଟିସ ମଧ୍ୟ କରିଛନ୍ତି। ଉକ୍ତ ନୋଟିସରେ ପ୍ରକଳ୍ପର ଚ୍ୟାନେଲ କଲମ ଏବଂ କଲନ୍ଦା ଇଏସ୍‌ଆର୍ ଷ୍ଟେୟାରକେସ୍(ସୋପାନ)ରେ ଫାଟ ସୃଷ୍ଟି ହୋଇଛି। ଷ୍ଟ୍ରକ୍ଟର(ଇଏସ୍‌ଆର, ଜିଏଲଏସ୍‌ଆର, ଆଇବିପିଏସ୍)ରେ ବ୍ୟବହୃତ ହୋଇଥିବା ବିଭିନ୍ନ ସାମଗ୍ରୀ କ୍ରମଶଃ କ୍ଷୟ ହେଉଛି। ବିଭିନ୍ନ ଷ୍ଟ୍ରକ୍ଟରରେ ବ୍ୟବହୃତ ସାମଗ୍ରୀଗୁଡିକ ବିଶୃଙ୍ଖଳ ଏବଂ ପୁନଃ ବ୍ୟବହାରଯୋଗ୍ୟ ନୁହେଁ। ଏଭଳି ଅନେକ ଅନିୟମିତତା କାରଣରୁ ଏହି ପାଲଲହଡା ମେଗା ଜଳଯୋଗାଣ ପ୍ରକଳ୍ପ ଲୋକଙ୍କ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିବ ବୋଲି ସଂଶୟ ସୃଷ୍ଟି କରିଛି। ଏହାବାଦ୍ କେନ୍ଦୁଝର ଏବଂ ଅନୁଗୋଳ ଜିଲାର ତେଲକୋଇ, ପାଟଣା, ହରିଚନ୍ଦନପୁର, ଘଟଗାଁ ଏବଂ ପାଲଲହଡା ବ୍ଲକରେ ଏଲ୍ ଆଣ୍ଡ ଟି ଠିକାସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପାଇପ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ହେଉଛି। ଏନେଇ ପ୍ରକଳ୍ପ ନିରୀକ୍ଷଣ ଦାୟିତ୍ୱରେ ରହିଥିବା ଟିୟୁଭି-ଏସୟୁଡି ସାଉଥ ଏସିଆ ପ୍ରା.ଲିଃ.ର ଅଥରିଟି ଇନିଞ୍ଜିନିୟର୍ସ ରିଓଜିନାଲ ମ୍ୟାନେଜରଙ୍କୁ ବିଭାଗୀୟ ନୋଟିସ ଦିଆଯାଇଛି। ଉପରୋକ୍ତ ପ୍ରକଳ୍ପଗୁଡିକ ଉଦାହରଣ ମାତ୍ର। ଏଭଳି ଅଧିକାଂଶ ମେଗା ଜଳଯୋଗାଣ ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ସଂପୃକ୍ତ ଅଣଓଡିଆ ଠିକାସଂସ୍ଥାଗୁଡିକ ରାଜ୍ୟ ସରକାରଙ୍କ ବିପୁଳ ଅର୍ଥ ହରିଲୁଟ କରୁଥିବା ମତ ପ୍ରକାଶ ପାଇଛି। ତେବେ ଅଣଓଡିଆ ଏହି ଠିକାସଂସ୍ଥା ସହ କେତେକ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଏଭଳି କାର୍ଯ୍ୟ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରେ ସେ କହିଛନ୍ତି, ବିଞ୍ଝାରପୁର ମେଗା ପ୍ରକଳ୍ପର ଅଗ୍ରଗତି ଜମି ବିବାଦରୁ ଥମି ଯାଇଛି। ତେବେ ସେହି ପ୍ରକଳ୍ପରେ କୌଣସି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇନାହିଁ।

### ତହସିଲଦାରଙ୍କୁ ଦୁର୍ବ୍ୟବହାର: ଅଭିଯୁକ୍ତ ଗିରଫ

ଚାନ୍ଦବାଲି,୨୬।୫ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ଓ ଅନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ସରକାରୀ କାର୍ଯ୍ୟରେ ବାଧା ଦେବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଜଳେଶରପୁର ପଞ୍ଚାୟତର ପରାଜିତ ସରପଞ୍ଚ ପ୍ରାର୍ଥୀ ରମାକାନ୍ତ ଭଳଙ୍କୁ ଗୁରୁବାର ବାଂଶଡ଼ା ଥାନା ପୋଲିସ ଗିରଫ କରିଛି। ପୂର୍ବାହ୍ନରେ ଚାନ୍ଦବାଲି ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପଙ୍କ ନେତୃତ୍ୱରେ ମତୋ ବଜାରରୁ ରମାକାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜଳେଶରପୁର ଗ୍ରାମରେ ସରକାରୀ ଜମି ଜବରଦଖଲ ହୋଇଥିବା ନେଇ ରମାକାନ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାର ବିଚାର କରି କୋର୍ଟ ଏହି ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୯ ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏହି ସମୟରେ ଆବେଦନକାରୀ ରମାକାନ୍ତ ତହସିଲଦାର ପକ୍ଷପାତିତା କରୁଥିବା ଅଭିଯୋଗ ଆଣିଥିଲେ। ଏଥିସହ ତହସିଲଦାର ଓ ଅନ୍ୟ କର୍ମଚାରୀଙ୍କୁ ସେ ଗାଳିଗୁଲଜ କରିଥିଲେ। ଏପରିକି ସେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିବା ନେଇ ତହସିଲଦାର ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୮୪/୨୨) ରୁଜୁ ହୋଇଛି।

# ଭିଜିଲାନ୍ସ ଜାଲରେ ଶିକ୍ଷା ବିଭାଗ କିରାଣି

## ଏରିଅର ବିଲ୍ ପାଇଁ ନେଉଥିଲେ ୧୦ ହଜାର

କାମାକ୍ଷାନଗର, ୨୬।୫(ଡି.ଏନ୍.ଏ.)

ଗତ ଏପ୍ରିଲ୍ ୬ରେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର କିରାଣି ବିଧୁ ପ୍ରସାଦ ବେହେରା। ଏହାକୁ ଦୁଇମାସ ନ ପୂରୁଣୁ ଗୁରୁବାର ଅନୁରୂପ ଘଟଣା ଘଟିଛି କାମାକ୍ଷାନଗର ବିଇଓଙ୍କ କାର୍ଯ୍ୟାଳୟରେ। ଏରିଅର ବିଲ୍ ପାସ୍ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବିଇଓଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଜୀବନାନନ୍ଦ ଶତପଥୀ ଧରାପଡ଼ିଛନ୍ତି। ଦୁଇ ମାସ ମଧ୍ୟରେ ଦୁଇ ଜଣ କିରାଣି ଲାଞ୍ଚ ନେଇ ଗିରଫ ହେବା ଜିଲା ଶିକ୍ଷା ବିଭାଗକୁ ନିନ୍ଦିତ କରିଥିବାବେଳେ ତଳସ୍ତରୀୟ କର୍ମଚାରୀ କିଭଳି ଦୁର୍ନୀତିରେ ବୁଡ଼ି ରହିଛନ୍ତି, ତାହା ପଦାକୁ ଆସିଛି।



ଅଭିଯୁକ୍ତ କନିଷ୍ଠ କିରାଣି ଜୀବନାନନ୍ଦ ଶତପଥୀ।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କାମାକ୍ଷାନଗର ବ୍ଲକ କନ୍ତିଓକାଟେଣି ସିଦ୍ଧାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଗୋଲକ ଚନ୍ଦ୍ର ନାୟକଙ୍କ ଏରିଅର ବିଲ୍ ହେବାର ଥିଲା। ଏଥିଲାଗି ଜୀବନାନନ୍ଦ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବାବେଳେ କନିଷ୍ଠ କିରାଣିଙ୍କୁ ଧରିବାକୁ ଭିଜିଲାନ୍ସ ଜାଲ ବିଛାଇଥିଲା। ଗୁରୁବାର ପ୍ରଧାନ ଶିକ୍ଷକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଜୀବନାନନ୍ଦଙ୍କୁ ମାଡ଼ି ବସିଥିଲା। କଟକ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଅନୁଗୋଳ ଡିଏସ୍‌ପି ଅକ୍ଷୟ କୁମାର ବାରିକ ସଦଳବଳ ଚଢ଼ାଉ କରିଥିଲେ। ଅଭିଯୁକ୍ତ କନିଷ୍ଠ କିରାଣିଙ୍କୁ ଗିରଫ କରାଯିବା ସହ କାମାକ୍ଷାନଗରସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇ ବହୁ କାଗଜପତ୍ର ଜବତ କରାଯାଇଛି।

### ଟ୍ରକ୍ ପଛରେ ପିଟିଲା ଅଟୋ: ଜଣେ ମୃତ, ୬ ଆହତ

ଭଦ୍ରକ ଅଫିସ,୨୬।୫

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ଟ୍ରକ୍ ପଛରେ ଅଟୋ ପିଟି ହେବାରୁ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଯାଜପୁର ଅଞ୍ଚଳର ଏସ୍.କେ. ପେଣ୍ଟା। ସୂଚନା ଅନୁଯାୟୀ, ଯାଜପୁରରୁ ଉକ୍ତ ଅଟୋ ୬ ଯାତ୍ରୀଙ୍କୁ ନେଇ ଭଦ୍ରକ ଅଭିମୁଖେ ଆସୁଥିଲା। ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛପଟେ ଅଟୋ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କ ସମେତ ୭ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଏସ୍.କେ.ଙ୍କର ମୃତ୍ୟୁ ଘଟିଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଅଟୋକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

# କୋଟିଆରେ ଥାନା ଉଦ୍‌ଘାଟନ କଲା ଓଡ଼ିଶା, ସ୍ଥିତି ପରଖିଲା ଆନ୍ଧ୍ର



ଫାଟୁସିନେରୀରେ ଆନ୍ଧ୍ର ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ପଟ୍ଟାଙ୍ଗୀ, ୨୬।୫(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଥାନା ଉଦ୍‌ଘାଟନ କରାଯିବା ପରେ ଗୁରୁବାର ଆନ୍ଧ୍ର ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆନ୍ଧ୍ରର ପାର୍ବତୀପୁରମ୍ ଜିଲା ପଞ୍ଚାୟତ ଅଧିକାରୀ ଦାୟିତ୍ୱରେ ଥିବା ପି.କିରଣ କୁମାର, ସାଲୁର ବ୍ଲକ ପରିଷଦ ଅଧିକାରୀ ଜି. ପାର୍ବତୀ ଓ ଅନ୍ୟ ଅଧିକାରୀମାନେ କୋଟିଆରେ ପହଞ୍ଚି ପ୍ରଥମେ ନୂତନ ଥାନା ପାଖକୁ ଯାଇଥିଲେ। ସେଠାରୁ ମାଡକାର, ଫଗୁଣସିନେରୀ, ଫାଟୁସିନେରୀ ପ୍ରମୁଖ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବୁଧବାର ଫଗୁଣସିନେରୀ ଓ ଫାଟୁସିନେରୀରେ ପ୍ରଶାସନ ବଣ୍ଟନ କରିଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆନ୍ଧ୍ର ଅଧିକାରୀମାନେ ପଚାରି ବୁଝିଥିଲେ। ସୂଚନାନୁଯାୟୀ,ବୁଧବାର କୋଟିଆରେ ଥାନା ଉଦ୍‌ଘାଟନ ଅବସରରେ ଜିଲାପାଳ ଅବ୍‌ଦାଲ ଏମ୍.ଅକ୍‌ତର, ଡିଆଇଜି ରାଜେଶ ପଣ୍ଡିତ, ଏସ୍‌ପି ବରୁଣ ଗୁଣ୍ଟପାଲି, ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା, କୋଟିଆ ଥାନାର ପ୍ରଥମ ଥାନାଧିକାରୀଭାବେ ନିଯୁକ୍ତି ପାଇଥିବା ଅଶ୍ୱିନୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଗୋପନୀୟ ରଖାଯାଇଥିଲା। ଏପରିକି ଖବରଦାତାମାନଙ୍କୁ ମଧ ଘଟଣା ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା।

# କୋଇଲା ଚୋରା କାରବାରରେ କୋଟିପତି ହୋମଗାର୍ଡ

- ଗିରଫ ପରେ କୋର୍ଟଚାଲାଣ କଲା ନିଶା ଥାନା ପୋଲିସ
- ଏକାଧିକ ଟ୍ରକ୍, ବସ୍ ରହିଥିବା ପୋଲିସ ଅଧିକାରୀଙ୍କ ସୂଚନା

ଅନୁଗୋଳ ଅଫିସ, ୨୬।୫

ପୋଲିସ ଚାକିରିକୁ ଢାଲ କରି କୋଇଲା ଚୋରା କାରବାର କରୁଥିବା କଟକ ଜିଲା ନରସିଂହପୁର ଥାନାର ହୋମଗାର୍ଡ ପ୍ରମୋଦ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଅନୁଗୋଳ ଜିଲା ନିଶା ଥାନା ପୋଲିସ ବୁଧବାର ରାତିରେ ତାଙ୍କୁ ଉଠାଇ ଆଣିଥିବା ବେଳେ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ତେବେ ହୋମଗାର୍ଡ ପ୍ରମୋଦ ଜଣେ କୋଟିପତି ଓ ତାଙ୍କର ଏକାଧିକ ଟ୍ରକ୍, ବସ୍, କାର୍ ରହିଥିବା ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଏପ୍ରିଲ ୮ ତାରିଖରେ ଅନୁଗୋଳ ଜିଲା କଙ୍କରେଇରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୦୨ବିଏଲ- ୧୦୪୭) କଟକ ଜିଲା ନରସିଂହପୁର ଅଭିମୁଖେ ଯାଉଥିବା ନିଶା ଥାନା ପୋଲିସକୁ ସୂଚନା ମିଳିଥିଲା। ବିଶ୍ୱସ୍ତ ସୂତ୍ରରୁ ଏହି ଖବର ମିଳିବା ପରେ ନିଶା ପୋଲିସ ଥାନା ସମ୍ମୁଖରେ ଜଗି ରହିଥିଲା। ଉକ୍ତ ଟ୍ରକ୍ ପହଞ୍ଚିବା ପରେ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଟ୍ରକ୍‌ରେ ଚୋରା କୋଇଲା କାରବାର ହେଉଥିବା ଜଣାପଡ଼ିଥିଲା। ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରି ନଂ. ୫୬/୨୨ରେ ମାମଲା ରୁଜୁ କରିଥିଲା। ତେବେ ତଦନ୍ତ ବେଳେ ଏହି ଚୋରା କାରବାରର ମାଷ୍ଟରମାଇଣ୍ଡ ନରସିଂହପୁର ଥାନାର ହୋମଗାର୍ଡ ପ୍ରମୋଦ ବୋଲି ପୋଲିସକୁ ପ୍ରମାଣ ମିଳିଥିଲା। ଜବତ ଟ୍ରକ୍ ମଧ୍ୟ ତାଙ୍କ ନାମରେ ରହିଥିଲା। ତେଣୁ ପ୍ରମୋଦଙ୍କୁ ଧରିବା ପୂର୍ବରୁ ପୋଲିସ ଅଧିକ ପ୍ରମାଣ ଯୋଗାଡ଼ରେ ଲାଗିପଡ଼ିଥିଲା। ଏପରି କି ଉକ୍ତ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅନ୍ୟ ୬ ଜଣଙ୍କୁ ଗିରଫ କରିବା ପରେ ପ୍ରମୋଦଙ୍କ ଉପରେ ଅଧିକ ନଜର ରଖିଥିଲା। ବୁଧବାର ରାତିରେ ପୋଲିସ ନରସିଂହପୁର ଯାଇ ପ୍ରମୋଦଙ୍କୁ ଉଠାଇ ଆଣିଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଥିବା ନିଶା ପୋଲିସ କହିଛି।

# ୨୮ ବର୍ଷ ବିତିଲା, ହେଲାନି କଂସରଝରଣ ଜଳଭଣ୍ଡାର

- ଚାଷ ପାଇଁ ଝରଣା ପାଣି ଗଚ୍ଛିତ ଦାବି
- ପୁନଃ ପ୍ରକ୍ରିୟା ଆରମ୍ଭ କରାଯିବ: ବିଧାୟକ

ସମ୍ବଲପୁର,୨୬।୫(ବ୍ୟୁରୋ)

୧୯୯୪ ମସିହା ଏପ୍ରିଲ ୩୦ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗସ୍ତରେ ଆସି କୟାକୁଦ ପଞ୍ଚାୟତ ଅଫିସ ଓ ଯୁଯୁମୁରା ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ସେ ସମୟରେ ଚାଷୀ ଓ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ବିଜୁବାବୁ କଂସର ପଞ୍ଚାୟତର କଂସରଝରଣରେ ଏକ ବୃହତ୍ ଜଳଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ସ୍ୱର୍ଗତ ବସନ୍ତ ମହାନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱରରୁ ଏକ ଟିମ୍ ଆସି ସର୍ଭେ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ଫେରିଥିଲେ। ପରେ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଜଗଦୀଶ ପ୍ରଧାନ, ବଂଶୀଧର ପ୍ରଧାନ, ବୃଷଭ ପ୍ରଧାନ ପ୍ରମୁଖ ଭୁବନେଶ୍ୱରଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ବିଭାଗକୁ ବାରମ୍ବାର ଦୌଡ଼ିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ଆଜି ସ୍ମୃତି ହୋଇ ରହିଯାଇଛି ବୋଲି କଂସର ପଞ୍ଚାୟତବାସୀ କହିଛନ୍ତି।

ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ପ୍ରଧାନ, ତତ୍କାଳୀନ ସରପଞ୍ଚ ବେଦବ୍ୟାସ ପ୍ରଧାନ କହିଛନ୍ତି, ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଅଧିକାଂଶ ପଞ୍ଚାୟତ ଜଙ୍ଗଲଘେରରେ ରହିଛି। ଜରାଙ୍ଗ ଜଙ୍ଗଲରେ ଦେବଝରଣ ଜଳପ୍ରପାତ ରହିଥିବା ବେଳେ କଂସରଝରଣ, କୁଠେରଝରଣ ଓ ନାକଟିଦେଉଳ ବ୍ଲକ କଞ୍ଚନପୁରରେ ଥିବା ଝରଣାରୁ ପାଣି ପ୍ରବାହିତ ହୋଇଥାଏ। ଏହି ଜଙ୍ଗଲର ପ୍ରାକୃତିକ ଝରଣାଗୁଡିକରୁ ବର୍ଷତମାମ ପାଣି ପ୍ରବାହିତ ହୋଇଥାଏ। ଏହା ମଧ୍ୟରୁ କେବଳ ଯୁଯୁମୁରା ବ୍ଲକ ଦେବଝରଣକୁ ବିକଶିତ କରାଯାଇଛି। ଏହାକୁ ଇକୋ ଟୁରିଜମ ଭାବେ ଘୋଷଣା କରାଯାଇ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା କରାଯାଇଛି। ହଜାର ସଂଖ୍ୟାରେ ଚାଷୀ ମଧ ଉପକୃତ ହେଉଛନ୍ତି। ଠିକ୍ ସେହିଭଳି କଂସରଝରଣର ବିକାଶ କରାଯିବା ଆବଶ୍ୟକ। ଏହି ଝରଣରେ ପାଣିର ସ୍ରୋତ ବହିଥାଏ। ନିକଟରେ ଜଙ୍ଗଲ ରହିଥିବା ବେଳେ ସରକାରୀ ଓ କେତେଜଣ ବ୍ୟକ୍ତିଙ୍କ ରୟତି ଚାଷ ଜମି ରହିଛି। ଜଳଭଣ୍ଡାର ହେଲେ ଚାଷୀମାନେ ନିଜ ଚାଷ ଜମି ଛାଡିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଭୂତଳ ଜଳ ସଂରକ୍ଷଣ ପାଇଁ ଅନେକ ଯୋଜନା କରାଯାଉଛି। ତେଣୁ ସରକାର ଆଉ ବିଳମ୍ବ ନ କରି ପ୍ରକ୍ରିୟା ଆରମ୍ଭ କରନ୍ତୁ। ଜଳଭଣ୍ଡାର ହେଲେ ଗଡଗଡବାହାଲ, ମୁଷାକାନୀ, କଂସର, ଢାବୁମୁଣ୍ଡା ଗ୍ରାମବାସୀ ଉପକୃତ ହେବେ। ପ୍ରାୟ ୫ ଶହ ଚାଷୀ ପରିବାର ଧାନ ଓ ଅନ୍ୟ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ବନ ବିଭାଗ ପାଇଁ କୌଣସି ସମସ୍ୟା ହେବ ନାହିଁ, ବରଂ ପାଣି ଗଚ୍ଛିତ ହୋଇ ରହିପାରିବ। ତେଣୁ ଜିଲା ପ୍ରଶାସନ, ବନ ବିଭାଗ ମିଳିତ ଭାବେ ସର୍ଭେକରି ପ୍ରସ୍ତାବିତ ପ୍ରକଳ୍ପ ଆରମ୍ଭ କରିବାକୁ ଦାବି କରିଥିଲେ।



ସମ୍ବଲପୁର କଂସରଝରଣରେ ପ୍ରସ୍ତାବିତ ଜଳଭଣ୍ଡାର ସ୍ଥାନ ।

ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକ କହିଛନ୍ତି, ସର୍ଭେ କରାଯାଇଥିଲା, ହେଲେ ନିକଟରେ ଜଙ୍ଗଲ ଜମି ଥିବାରୁ କାମ ଆଗେଇ ପାରିଲା ନାହିଁ। ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ କହିଥିଲେ,ଏହି ପ୍ରକଳ୍ପ କିଭଳି ଆଗେଇବ ସେ ବ୍ୟବସ୍ଥା କରାଯିବ। ବନ ବିଭାଗ ଓ କ୍ଷୁଦ୍ର ଜଳସେଚନ ବିଭାଗ ସହ ଆଲୋଚନା କରି ପ୍ରକ୍ରିୟା ପୁନଃ ଆରମ୍ଭ କରିବେ ବୋଲି କହିଥିଲେ।


## ମନେ ପଡ଼ନ୍ତି

18th Death Aniversary



ସ୍ୱର୍ଗତ ଦୁର୍ଗା ଚରଣ ନାୟକ (DCN)
ତିରୋଧାନ: ୧୫।୦୫।୨୦୦୪
(ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ)
Mind- Blank
Eyes- Dry
Lips- Silent
Heart- Heavy
For you are no more
(KUNI)
ଧ-୫୬୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶୁକ୍ରବାର, ମେ ୨୭/୨୦୨୨ Berhampur, Friday, May 27/ 2022

# ମେଡ୍ଭେଡେଭ, ବାଡୋସା ତୃତୀୟ ରାଉଣ୍ଡରେ

**ପ୍ୟାରିସ, ୨୬।୫**

ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ ମେଡ୍ଭେଡେଭ ଫ୍ରେଞ୍ଚ୍ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ବିଶ୍ୱର ୩ନମ୍ବର ଖେଳାଳି ପାଓଲା ବାଡୋସା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ୮ମ ସିଡ୍ କରୋଲିନା ପ୍ଲିସକୋଭା ପ୍ରତିଯୋଗିତାରୁ ଦୁଃଖଦ ବିଦାୟ ନେଇଛନ୍ତି। ରୁଷୀୟ ଖେଳାଳି ମେଡ୍ଭେଡେଭ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସର୍ବିୟାର ଲାସ୍ଲୋ ଡିଜେରେଙ୍କୁ ୬-୩, ୬-୪ ଓ ୬-୩ ସେଟ୍ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୨ ଘଣ୍ଟା ୩୫ ମିନିଟ ଧରି ଚାଲିଥିଲା। ଦୁଇ ମାସ ବ୍ରେକ୍ ପରେ ଏଟିପି ଟୁର୍କୁ ଫେରିଥିବା ମେଡ୍ଭେଡେଭ ପୂର୍ବରୁ ଫାକୁଣ୍ଡୋ ବାଗ୍ନିସ୍ଙ୍କୁ ପରାସ୍ତ କରିଥିଲେ। ତୃତୀୟ ରାଉଣ୍ଡରେ ସେ ମିଓମିର୍ କେକ୍ମାନୋଭିଚ୍ ଓ ଆଲେକ୍ଜାଣ୍ଡର ବବ୍ଲିକ୍ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବାଡୋସା ୬୮ତମ ର୍ୟାଙ୍କିଙ୍ଗପ୍ରାପ୍ତ କାଜା ଜୁଭାନ୍ଙ୍କୁ ୭-୫, ୩-୬, ୬-୨ ସେଟ୍ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ୨ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏକ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ବାଡୋସା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ କରି ଫ୍ରେଞ୍ଚ ଓପନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୨୯ ନମ୍ବର ଖେଳାଳି ଭେରୋନିକା କୁଦରମେଟୋଭାଙ୍କୁ ଭେଟିବେ। ପୂର୍ବତନ ନମ୍ବର ୱାନ ଖେଳାଳି ଚେକ୍ ରିପବ୍ଲିକର ପ୍ଲିସ୍କୋଭା ରୋଲାଣ୍ଡ ଗାରୋସରେ ୱାଇଲ୍ଡକାର୍ଡ ପାଇଥିବା ବିଶ୍ୱର ୨୨୭ ନମ୍ବର ମାନ୍ୟତାପ୍ରାପ୍ତ ଫ୍ରାନ୍ସର ଲେଓଲିଆ ଜିନ୍ଜିନ୍ଙ୍କ ନିକଟରୁ ୬-୨, ୬-୨ ସିଧାସଳଖ ସେଟ୍ରେ ହାରିଯାଇଛନ୍ତି।


ଡାନିଲ ମେଡ୍ଭେଡେଭ।

## ବୋପାନ୍ନା, ସାନିଆ ପ୍ରି କ୍ୱାର୍ଟରରେ

**ପ୍ୟାରିସ, ୨୬।୫ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ ତାଙ୍କ ଡଚ୍ ପାର୍ଟନର ମାଟ୍ୱି ମିଡଲକୁପ୍ ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଗୁରୁବାର ସେମାନେ ଦ୍ୱିତୀୟ ରାଉଣ୍ଡରେ ଆଣ୍ଡ୍ରେ ଗୋଲୁବେଭ୍ ଓ ଫେବ୍ରିସ୍ ମାର୍ଟିନ କାଜାଖସ୍ତାନ-ଫ୍ରେଞ୍ଚ୍ ଯୋଡ଼ିଙ୍କୁ ୬-୩, ୬-୪ ସେଟ୍ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଏକ ଘଣ୍ଟା ୬ ମିନିଟ ଧରି ଚାଲିଥିଲା। କ୍ଲେ-କୋର୍ଟ ଗ୍ରାଣ୍ଡସ୍ଲାମ୍ରେ ବୋପାନ୍ନା ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ୨୦୧୧, ୨୦୧୬, ୨୦୧୮ ଓ ୨୦୨୧ରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉଠି ପାରିଥିଲେ। ପରେ ମହିଳା ଡବଲ୍ସରେ ସାନିଆ ମିର୍ଜା ଓ ତାଙ୍କ ପାର୍ଟନର ଚେକ୍ ରିପବ୍ଲିକର ଲୁସି ହ୍ରାଡେକା ୪-୬, ୬-୨, ୬-୧ ସେଟ୍ରେ ଆଣ୍ଡ୍ରେ ଗୋଲୁବେଭ୍ ଓ ଫେବ୍ରିସ୍ ମାର୍ଟିନଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

# ବର୍ଗୋହେନ୍ ଆଇବିଏ ଆଥ୍ଲେଟିକ କମିଟି ଚେୟାରମ୍ୟାନ୍

**ନୂଆଦିଲ୍ଲୀ, ୨୬।୫(ପି.ଟି.):** ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବର୍ଗୋହେନ୍ ଆଥଲେଟ କମିଟି ପାଇଁ ବୋର୍ଡ ଅଫ୍ ଡିରେକ୍ଟରରେ ଚେୟାରମ୍ୟାନ୍ ଏବଂ ଜଣେ ଭୋଟିଂ ମେମ୍ବର ଭାବେ ନିର୍ବାଚିତ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ତରଫରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ୨୦୨୨ ମହିଳା ବିଶ୍ୱ ଚାମ୍ପିୟନଶିପ୍ ବେଳେ ହୋଇଥିବା ନିର୍ବାଚନରେ ବର୍ଗୋହେନ୍ଙ୍କୁ ସର୍ବାଧିକ ଭୋଟ ମିଳିଥିଲା। ସେ କହିଛନ୍ତି, ଆଇବିଏର ଆଥ୍ଲେଟ କମିଟିର ଚେୟାରମ୍ୟାନ୍ ଭାବେ ନିର୍ବାଚିତ ହୋଇଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି। ସଦସ୍ୟ ପଦ ମିଳିଯିବ ବୋଲି ସେ ଆଶା କରୁଥିଲେ। ମାତ୍ର କମିଟିର ଚେୟାରମ୍ୟାନ୍ ହେବେ ଏହା ତାଙ୍କ କଳ୍ପନା ବାହାରେ ଥିଲା। ସୂଚନାଯୋଗ୍ୟ, ୨୦୨୧ ଆଇବିଏ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଭାରତୀୟ ବକ୍ସର ଶିବ ଥାପା ଆଇବିଏ ଆଥଲେଟ୍ସ କମିଟିର ଜଣେ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବର୍ଗୋହେନ୍ ଓ ଥାପା ଯଥାକ୍ରମେ ୨୦୨୧ ଅକ୍ଟୋବର ଏବଂ ୨୦୨୨ ମେ' ମାସରେ ଅନୁଷ୍ଠିତ ପୁରୁଷ ଓ ମହିଳା ବିଶ୍ୱ ଚାମ୍ପିୟନଶିପ୍ ବେଳେ ସେଥିରେ ଅଂଶଗ୍ରହଣ କରିଥିବା ବକ୍ସରମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ।

# ପରାଜୟ ସତ୍ତ୍ୱେ ଫାଇନାଲରେ ଭେଲୋସିଟି

**ପୁଣେ, ୨୬।୫**

ମହିଳା ଟି୨୦ ଚ୍ୟାଲେଞ୍ଜରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍ରେ ଟ୍ରେଲବ୍ଲେଜର୍ସ ୧୬ ରନ୍ରେ ଭେଲୋସିଟିକୁ ହରାଇ ଦେଇଛି। ପରାଜୟ ସତ୍ତ୍ୱେ ଭେଲୋସିଟି ଶନିବାର ହେବାକୁ ଥିବା ଫାଇନାଲରେ ସୁପରନୋଭାସକୁ ଭେଟିବ। ଲିଗ୍ ପର୍ଯ୍ୟାୟ ଶେଷ ସୁଦ୍ଧା ପ୍ରତ୍ୟେକ ଦଳ ୨ ମ୍ୟାଚ୍ରୁ ୨ ପଏଣ୍ଟ ଲେଖାଏ ହାସଲ କରିଥିବାରୁ ନେଟ୍ ରନରେଟ୍ ଆଧାରରେ ଫାଇନାଲିଷ୍ଟ ଧାର୍ଯ୍ୟ ହୋଇଥିଲା।

ଅନ୍ତିମ ଲିଗ୍ ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରିଥିବା ଟ୍ରେଲବ୍ଲେଜର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ମହିଳା ଟି୨୦ ଚ୍ୟାଲେଞ୍ଜର୍ସ ଇତିହାସରେ ଏହା ସର୍ବାଧିକ ଦଳଗତ ସ୍କୋର। ସାବିନେନି ମେଘନା ୭୩ (୭ ଚୌକା ଓ ୪ ଛକା) ଏବଂ ରୋଡ୍ରିଗୁଏଜ ୬୬ (୭ ଚୌକା ଓ ୧ ଛକା) ରନ୍ କରିଥିଲେ। ଜବାବରେ ୟାସ୍ତିକା ଭାଟିଆ (୧୯) ଓ ଶେଫାଳୀ ବର୍ମା (୨୯) ଦଳକୁ ଭଲ ଆରମ୍ଭ ଦେଇଥିଲେ। ପରେ ଦଳର ବିଜୟ ସମ୍ଭାବନାକୁ ଆଗେଇ ନେଇଥିଲେ କିରନ ନାଭଗିରେ(୩୪ ବଲରେ ୬୯ ରନ୍,୫ ଲେଖାଏ ଚୌକା ଓ ଛକା)। ସେ ୨୫ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହାକି ପ୍ରତିଯୋଗିତାର ଦ୍ରୁତତମ। ଏହାସତ୍ତ୍ୱେ ଭେଲୋସିଟି ୨୦ ଓଭରରେ ୯ ଉଇକେଟ ହରାଇ ୧୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା।


ଜେମିମା ରୋଡ୍ରିଗୁଏଜ ଓ ସାବିନେନି ମେଘନା।

**ସଂକ୍ଷିପ୍ତ ସ୍କୋର**

ଟ୍ରେଲବ୍ଲେଜର୍ସ: ୨୦ ଓଭରରେ ୧୯୦/୫ (ସାବିନେନି ମେଘନା-୭୩, ଜେମିମା ରୋଡ୍ରିଗୁଏଜ-୬୬, ସିମରନ ବାହାଦୁର-୨/୩୧)।
ଭେଲୋସିଟି: ୨୦ ଓଭରରେ ୧୭୪/୯(କିରନ ନାଭଗିରେ-୬୯, ଶେଫାଳୀ ବର୍ମା-୨୯, ପୁନମ ଯାଦବ-୨/୩୩, ରାଜେଶ୍ୱରୀ ଗାଏକ୍ୱାଡ-୨/୪୪)।

## ଲଙ୍ଗ ଜମ୍ପରେ ମୁରଲୀଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୬।୫(ପିଟି)**

ଭାରତର ଅଗ୍ରଣୀ ଲଙ୍ଗ ଜମ୍ପର ମୁରଲି ଶ୍ରୀଶଙ୍କର ଗ୍ରୀସର କାଲିଥେଆଠାରେ ଅନୁଷ୍ଠିତ ୧୨ତମ ଇଣ୍ଟରନ୍ୟାଶନାଲ ମିଟିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସର୍ବାଧିକ ୮.୩୧ ମିଟର ଲମ୍ଫ ପ୍ରଦାନ କରିଥିଲେ। ଏହି ଟୋକିଓ ଅଲିମ୍ପିଆନ ଗତ ମାସରେ ୮.୩୬ ମି. ଦୂରତା ହାସଲ କରିଥିଲେ, ଯାହାକି ଜାତୀୟ ରେକର୍ଡ। ଶ୍ରୀଶଙ୍କରଙ୍କ ଠାରୁ ୦.୪ ମି. କମ୍ ଦୂରତା ହାସଲ କରିଥିବା ସ୍ୱିଡେନର ଥୋବିଆସ ମଣ୍ଟଲର ରୌପ୍ୟ ପଦକ ହାତେଇଥିବା ବେଳେ ଫ୍ରାନ୍ସର ଜୁଲେସ ପମରି (୮.୧୭ ମି.) ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଏହି ପ୍ରତିଯୋଗିତାରେ କେବଳ ୩ ପ୍ରତିଦ୍ୱନ୍ଦ୍ୱୀ ୮ ମି. ମାର୍କ ଅତିକ୍ରମ କରିଥିଲେ।


ମୁରଲୀ ଶ୍ରୀଶଙ୍କର

## କୋଭିଡ୍ ପାଇଁ ଡବଲ୍ସରୁ ଓହରିଯିବେ କ୍ରେଜ୍ସିକୋଭା

**ପ୍ୟାରିସ, ୨୬।୫ (ଏପି)**

ଗତବର୍ଷର ଫ୍ରେଞ୍ଚ୍ ଓପନ ସିଙ୍ଗଲ୍ସ ଓ ଡବଲ୍ସ ଚାମ୍ପିୟନ ବାରବୋରା କ୍ରେଜ୍ସିକୋଭାଙ୍କର କୋଭିଡ୍ ଟେଷ୍ଟରେ ପଜିଟିଭ୍ ଆସିଛି। ତେଣୁ ଏଥର ଟୁର୍ଣ୍ଣାମେଣ୍ଟ ଅଧାରୁ ସେ ଓହରିଯିବେ ବୋଲି ବୁଧବାର ଇନଷ୍ଟାଗ୍ରାମ୍ରେ ପୋଷ୍ଟ କରି କହିଛନ୍ତି। କ୍ରେଜ୍ସିକୋଭା ଇତିମଧ୍ୟରେ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। କିନ୍ତୁ ବର୍ତ୍ତମାନ ସେ ଡବଲ୍ସରୁ ଓହରିଯିବେ। ୨୦୨୧ରେ ଓ ତାଙ୍କ ପାର୍ଟନର କାଟରିନା ସିନିଆକୋଭା ଡବଲ୍ସ ଟାଇଟଲ ବିଜୟୀ ହୋଇଥିଲେ। ସେ ଜ୍ୱର ଅନୁଭବ କରିବା ପରେ ତାଙ୍କର କୋଭିଡ ଟେଷ୍ଟ କରାଇଥିଲେ। ଫଳାଫଳ ପଜିଟିଭ ଆସିଥିଲା। ଡବଲ୍ସ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇପାରୁ ନ ଥିବାରୁ ସେ ଦୁଃଖପ୍ରକାଶ କରିଛନ୍ତି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ରବିବାର ଆରମ୍ଭ ହେବା ପରଠାରୁ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହେବାରେ ୨୬ ବର୍ଷୀୟା ଚେକ୍ରିପବ୍ଲିକ କ୍ରେଜ୍ସିକୋଭା ହେଉଛନ୍ତି ଦ୍ୱିତୀୟ ଖେଳାଳି। ଚେକ୍ ରିପବ୍ଲିକର ଅନ୍ୟ ଜଣେ ଖେଳାଳି ମ୍ୟାରି ବୋଜକୋଭା କୋଭିଡ୍ ପଜିଟିଭ ପାଇଁ କ୍ଲେ କୋର୍ଟ ଇଭେଣ୍ଟ ଦ୍ୱିତୀୟ ରାଉଣ୍ଡ ସିଙ୍ଗଲ୍ସ ମ୍ୟାଚ ପରେ ଓହରିଯାଇଛନ୍ତି।

## ରାହୁଲଙ୍କ ସ୍ୱତନ୍ତ୍ର ଆଇପିଏଲ୍ ରେକର୍ଡ

**କୋଲକାତା, ୨୬।୫:** ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ୪ ସିଜନରେ ୬୦୦ରୁ ଅଧିକ ରନ୍ କରିଛନ୍ତି। ଇଡେନ ଗାର୍ଡେନ୍ସରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍ରେ ରାହୁଲ ଏହି ସଫଳତା ହାସଲ କରିଛନ୍ତି। ଏହି ମ୍ୟାଚ୍ରେ ରାହୁଲ ୫୮ ବଲରେ ୭୯ ରନ୍ର ଇନିଂସ ଖେଳିଥିଲେ। ଡାହାଣହାତୀ ବ୍ୟାଟର ଚଳିତ ଆଇପିଏଲରେ ୧୫ ମ୍ୟାଚ୍ରେ ୬୬୧ ରନ୍ କରିଛନ୍ତି। ଏଥି ପୂର୍ବରୁ ୨୦୨୧ ସିଜନରେ ସେ ୧୩ ମ୍ୟାଚ୍ରେ ୬୨୬ ରନ୍ କରିଥିଲେ। ୨୦୨୦ରେ ୧୪ ମ୍ୟାଚ୍ରେ ୬୭୦ ଏବଂ ୨୦୧୮ରେ ୬୫୯ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ କ୍ରିସ ଗେଲ୍ ଏବଂ ଅଷ୍ଟ୍ରେଲିଆନ ଓପନର ଡେଭିଡ୍ ୱାର୍ନର ଆଇପିଏଲର ୩ ସଂସ୍କରଣରେ ୬ଶହରୁ ଅଧିକ ରନ୍ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ଗେଲ୍ ଲଗାତର ୨୦୧୧, ୨୦୧୨ ଓ ୨୦୧୩ରେ ୬୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଅନ୍ୟପକ୍ଷରେ ବାମହାତୀ ବିସ୍ଫୋରକ ବ୍ୟାଟର ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଲଗାତର ସେହି ମାଇଲଷ୍ଟୋନ ଅତିକ୍ରମ କରିଥିଲେ।

# ରାଜସ୍ଥାନର ବୋଲିଂ ଚିନ୍ତା

**ଅହମ୍ମଦାବାଦ, ୨୬।୫(ପିଟି)**

ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଚଳିତ ଆଇପିଏଲର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ। ଏହାର ବିଜେତା ରବିବାର ସମାନ ଭେନ୍ୟୁରେ ଗୁଜରାଟ ଟାଇଟନ୍ସ ସହ ଟାଇଟଲ ପାଇଁ ମୁକାବିଲା କରିବ। ଏହି ମ୍ୟାଚ୍ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ।

ଇଡେନ ଗାର୍ଡେନ୍ସରେ ଚମତ୍କାର ବିଜୟ ପରେ ପ୍ରଥମ ଥର ଆଇପିଏଲ ଟ୍ରଫି ହାତେଇବା ଆଶାରେ ଆର୍ସିବି ଦ୍ୱିତୀୟ କ୍ୱାଲିଫାୟରକୁ ଉନ୍ନୀତ ହୋଇଛି। ରଜତ ପଟିଦାର ବୁଧବାର ତାଙ୍କ ଜୀବନର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ହାଇ ପ୍ରେସର ନକଆଉଟ୍ ମ୍ୟାଚ୍ରେ ଏଭଳି ପ୍ରଦର୍ଶନ ନିଶ୍ଚିତ ରୂପେ ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ। କାରଣ ଆଇପିଏଲ୍ ମେଗା ଅକ୍ଶନରେ ତାଙ୍କ ପ୍ରତି କେହି ଇଚ୍ଛାପ୍ରକଟ କରି ନ ଥିଲେ। ବଦଳ ଖେଳାଳି ଭାବେ ସେ ଆରସିବି ସ୍କ୍ୱାଡ୍ରେ ସାମିଲ ହୋଇଥିଲେ। ଆଉ ଏହା ତାଙ୍କ ପାଇଁ କ୍ୟାରିୟର ଚେଞ୍ଜିଂ ସିଜନ ସାବ୍ୟସ୍ତ ହୋଇଛି। ଦଳର ଉଭୟ ଓପନର ଅଧିନାୟକ ଫାଫ ଡୁ'ପ୍ଲେସି ଓ ବିରାଟ କୋହଲି ବଡ଼ ମ୍ୟାଚ୍ରେ ଖେଳିବା ପାଇଁ ପରିଚିତ। କିନ୍ତୁ ଗତ ମ୍ୟାଚ୍ରେ ଦୁହେଁ କିଛି ଖାସ କରିପାରି ନ ଥିଲେ। ଉଇକେଟକିପର ଦୀନେଶ କାର୍ତ୍ତିକ ଫିନିଶର ଦାୟିତ୍ୱ ନିର୍ବାହ କରିବାରେ ସ୍ଥିରତା ବଜାୟ ରଖିଛନ୍ତି। ମଧ୍ୟକ୍ରମରେ ଗ୍ଲେନ ମ୍ୟାକ୍ସୱେଲଙ୍କଠାରୁ ଅଧିକ ରନ୍ ଆଶା ରହିବ। ଆର୍ସିବି ତା'ର ବିଜୟୀ ଏକାଦଶକୁ ଧରି ଓହ୍ଲାଇବ। ସ୍ପିନରଙ୍କୁ ସହାୟକ ହେଉ ନ ଥିବା ପିଚ୍ରେ ମଧ୍ୟ ୱାନିନ୍ଦୁ ହସରଙ୍ଗାଙ୍କ ପାଖରେ ଉଇକେଟ ନେବାର ଦକ୍ଷତା ରହିଛି। ମହମ୍ମଦ ସିରାଜ ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍କୁ ଫେରି ନୂଆ ବଲରେ ଭଲ ପ୍ରଦର୍ଶନ କରିଥିଲେ। ଡେଥ୍ ଓଭରରେ ଜୋଶ ହାଜେଲଉଡ୍ ଓ ହର୍ଷଲ ପଟେଲଙ୍କ ବୋଲିଂ ପ୍ରତିପକ୍ଷ ଦଳର ବ୍ୟାଟରଙ୍କ ପାଇଁ ସ୍କୋର କରିବା କଷ୍ଟକର କରି ଦେଉଛି। ଅନ୍ୟପକ୍ଷରେ ପ୍ରଥମ କ୍ୱାଲିଫାୟରରେ ଗୁଜରାଟଠାରୁ ପରାଜିତ ହୋଇ ଦ୍ୱିତୀୟ କ୍ୱାଲିଫାୟରେ ପହଞ୍ଚିଛି ରାଜସ୍ଥାନ। ଦଳରେ ସନ୍ତୁଳନ ରହିଥିଲେ ମଧ୍ୟ ପ୍ରଭାବହୀନ ବୋଲିଂ ଯୋଗୁ ଦଳକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ଦଳ ଓପନର ଜୋଶ ବଟଲର ଓ ଅଧିନାୟକ ସଞ୍ଜୁ ସାମସନଙ୍କ ଉପରେ ଅତ୍ୟଧିକ ନିର୍ଭଶୀଳ। ଦୁହେଁ ଗୁଜରାଟ ବିପକ୍ଷରେ ଭଲ ସ୍କୋର କରିଥିଲେ, ହେଲେ ତାହା ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। ସାମସନଙ୍କୁ ୩୦ରୁ ୪୦ ରନ୍ର ଭଲ ଷ୍ଟାର୍ଟ ମିଳୁଥିଲେ ମଧ୍ୟ ସେ ବଡ଼ ସ୍କୋର କରିପାରୁ ନାହାନ୍ତି। ଦେବଦତ୍ତ ପଡିକାଲ ଓ ଶିମରନ ହେଟମେୟରଙ୍କୁ ମଧ୍ୟ ଦାୟିତ୍ୱର ସହ ଖେଳିବାକୁ ପଡ଼ିବ। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ରବିଚନ୍ଦ୍ରନ ଅଶ୍ୱିନ ଓ ୟୁଜବେନ୍ଦ୍ର ଚହଲଙ୍କ ସ୍ପିନ ଯୋଡ଼ି ମ୍ୟାଚ୍କୁ ଯେକୌଣସି ମୁହୂର୍ତ୍ତରେ ବଦଳାଇ ଦେଇପାରନ୍ତି। କିନ୍ତୁ ଦୁହେଁଙ୍କୁ ପୂର୍ବ ମ୍ୟାଚ୍ର ବିଫଳତାକୁ ଭୁଲି ଦଳର ଫିଲ୍ଡ ଅନୁସାରେ ବୋଲିଂ କରିବାକୁ ପଡ଼ିବ। ତେବେ ଦଳ ପାଇଁ ପେସ ବିଭାଗ ମୁଖ୍ୟ ଚିନ୍ତାର କାରଣ। ଆରମ୍ଭରୁ ଟ୍ରେଣ୍ଟ ବୋଲ୍ଟ ଦଳକୁ ସଫଳତା ଆଣି ଦେଉଛନ୍ତି। ହେଲେ ଡେଥ୍ ଓଭରରେ ଦଳକୁ ଉଇକେଟ ମିଳୁ ନ ଥିବା ବେଳେ ଅତ୍ୟଧିକ ରନ୍ ମଧ୍ୟ ଖର୍ଚ୍ଚ ହେଉଛି। ଗତ ମ୍ୟାଚ୍ରେ ଡେଭିଡ୍ ମିଲରଙ୍କୁ ଲେନ୍ଥ ବୋଲିଂ କରିବାର ପରିଣାମ ପ୍ରସିଦ୍ଧ କ୍ରିଷ୍ଣା ଭୋଗିଛନ୍ତି। ଦଳ ପାଖରେ ନବଦୀପ ସଇନୀ, କୁଲଦୀପ ସେନଙ୍କ ଭଳି ବିକଳ୍ପ ଅଛନ୍ତି।

**ଆଜି କ୍ୱାଲିଫାୟାର-୨**


ସଞ୍ଜୁ ସାମସନ ଓ ଫାଫ ଡୁ'ପ୍ଲେସି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ମେ ୨୭/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Friday, May 27/2022 | Page 16 | ₹ 7.00 | ପୃଷ୍ଠା-୧



**ଦୀପସାନଙ୍କ ୫ ଗୋଲ୍**

ଇଣ୍ଡୋନେସିଆ ବିପକ୍ଷ ଏସିଆ କପ୍ ହକି ମ୍ୟାଚରେ ଭାରତୀୟ ଦଳରେ ଖେଳୁଥିବା ଓଡ଼ିଶାର ଦୀପସାନ ତିର୍କୀ ୫ ଗୋଲ ସ୍କୋର କରିଛନ୍ତି।

୦୮

୦୨

**ସଲମାନ୍‌ଙ୍କ ଫିଲ୍ମରେ ରହିବେନି ମାଲବିକା**

ଅଭିନେତ୍ରୀ ମାଲ୍‌ବିକା ମୋହନାନ୍ ଦବଙ୍ଗ ଷ୍ଟାର ସଲମାନ୍ ଖାନ୍‌ଙ୍କ 'କଭି ଇଦ୍ କଭି ଦିୱାଲି'ରେ ନଜର ଆସିବେନି ବୋଲି ଟୁଇଟ୍ ଯୋଗେ ସ୍ପଷ୍ଟ କରିଛନ୍ତି।



# ଆହୁରି ବଢ଼ିବ ତାତି

■ ୪୦ ଡିଗ୍ରୀ ଉପରେ ୮ ସହର

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ସମଗ୍ର ରାଜ୍ୟରେ ଅସହ୍ୟ ଗରମ ହେବା ସହ ଗୁଲୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଆଗକୁ ମଧ୍ୟ ଗୁଳୁଗୁଳି ସହ ଆହୁରି ଗ୍ରୀଷ୍ମ ପ୍ରବାହ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ସହ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ଗୁଳୁଗୁଳି ସମ୍ଭାବନା ଅଛି। ରାଜ୍ୟରେ ତାତି ବଢ଼ିଚାଲିଛି। ଗୁରୁବାର ରାଜ୍ୟର ୮ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୧.୨, ଟିଟିଲାଗଡ଼ ୪୧.୮, ମାଲକାନଗିରି ୪୦.୨, ସୋନପୁର ୪୨.୪, ପାରଳାଖେମୁଣ୍ଡି ୪୦, ନୂଆପଡ଼ା ୪୧ ଏବଂ ସମ୍ବଲପୁରରେ ସର୍ବାଧିକ ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# 'ମୋ ସରକାର'ରେ ମିଶିଲା ଆଉ ୩ ବିଭାଗ



'ମୋ ସରକାର' ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବରିଷ୍ଠ ଅଧିକାରୀମାନେ।

■ ଅର୍ଥ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ବିଭାଗ ସାମିଲ

■ ମୋଟ ୩୧ ବିଭାଗର ୨୫୦ ସେବା ଅନ୍ତର୍ଭୁକ୍ତ

■ ନିୟମିତ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

'ମୋ ସରକାର' ବ୍ୟବସ୍ଥାରେ ଅର୍ଥ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ବିଭାଗକୁ ସାମିଲ କରାଯାଇଛି। ଏହାପରେ ମୋଟ୍ ୩୧ଟି ବିଭାଗର ୨୫୦ ସେବା ଏହା ଅଧୀନକୁ ଆସିଛି। ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ 'ମୋ ସରକାର' ନୂଆ ମଡେଲ ଦେଇପାରିଛି। କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ସହ ନିୟମିତ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ମୋ ସରକାର ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ବ୍ୟାପକ ବିକାଶ ହୋଇଛି। ଅନେକ କ୍ଷେତ୍ରରେ ରାଜ୍ୟ ଆଦର୍ଶ ସୃଷ୍ଟି କରିଛି। ୨୦୧୯ ଅକ୍ଟୋବର ୨ରେ ଆରମ୍ଭ ହୋଇଥିବା ମୋ ସରକାର କାର୍ଯ୍ୟକ୍ରମ ଲୋକଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଛି। ଜନସାଧାରଣ ଓ ସରକାରୀ ଅନୁଷ୍ଠାନ ମଧ୍ୟରେ ଆସ୍ଥା ସୃଷ୍ଟି କରିବାରେ ସଫଳ ହୋଇପାରିଛି। କର୍ମଚାରୀଙ୍କ ବ୍ୟବହାରିକ ପରିବର୍ତ୍ତନ ଆଣିବାରେ ଅନେକ ବିଭାଗ ସଫଳ ହେଉଛନ୍ତି। ତୃଣମୂଳସ୍ତରରୁ ଯେଉଁ ଫିଡ୍‌ବ୍ୟାକ ମିଳୁଛି, ତାହା ଉତ୍ସାହଜନକ। ☞ପୃଷ୍ଠା-୬

# ନିଯୁକ୍ତି ପ୍ରକ୍ରିୟା ବନ୍ଦ କର

## ଉଚ୍ଚଶିକ୍ଷା ବିଭାଗ, ଓପିଏସ୍‌ସିକୁ ୟୁଜିସିର ତାଗିଦ

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବାରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ତାଗିଦ କରିଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଛି। ଗତ ୨୦ ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ। ଏହାସତ୍ତ୍ୱେ ଓପିଏସ୍‌ସି ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଫଳରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ରାଜ୍ୟ ସରକାରଙ୍କ ଉପରେ ୟୁଜିସି କ୍ଷୋଭ ପ୍ରକାଶ କରିଛି। ଏ ନେଇ ୟୁଜିସି ସଚିବ ପ୍ରଫେସର ରଜନୀଶ ଜୈନ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଓପିଏସ୍‌ସି ସଚିବଙ୍କୁ ପୃଥକ ପୃଥକ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତିକୁ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ ଓପିଏସ୍‌ସି ଉପରେ ୟୁଜିସି କ୍ଷୁବ୍ଧ ହୋଇଛି। ୟୁଜିସି ପକ୍ଷରୁ ପଠାଯାଇଥିବା ପତ୍ରରେ ଉଲ୍ଲେଖ ହୋଇଛି, ମେ' ୨୩ରେ ଓପିଏସ୍‌ସି ସମାଜ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ଫଳାଫଳ ଓ ମେ' ୨୪ରେ ବାଣିଜ୍ୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ୟୁମେଣ୍ଟ ଭେରିଫିକେଶନ୍ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। ସୁପ୍ରିମକୋର୍ଟରେ ଏବେ ଓଡ଼ିଶା ବିଦ୍ୟାଳୟ ସଂଶୋଧନ ଆଇନ୍ ବିଚାରାଧୀନ ରହିଛି। ତେଣୁ ଓପିଏସ୍‌ସି ଦ୍ୱାରା ଶିକ୍ଷକ ନିଯୁକ୍ତି ଏବଂ ରାଜ୍ୟ ଚୟନ ବୋର୍ଡ (ଏସ୍‌ଏସ୍‌ବି) ଦ୍ୱାରା ଅଣଶିକ୍ଷକ ନିଯୁକ୍ତିର ବିଜ୍ଞପ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ଏବଂ ଓପିଏସ୍‌ସି ପାଳନ କରିବା ସହ ନିଯୁକ୍ତି ପ୍ରକ୍ରିୟାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିରେ ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଓପିଏସ୍‌ସି ସଚିବ ଅଶୋକ ଦାସ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସଂକ୍ରାନ୍ତ କପି ଏବଂ ୟୁଜିସିର ଚିଠି ଆମେ ପାଇନାହୁଁ। ସମ୍ପୃକ୍ତ କପି ଓ ଚିଠି ଦେଖିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦ ଉପରେ ଗତ ୨୦ତାରିଖରେ ସୁପ୍ରିମକୋର୍ଟ ରୋକ୍ ଲଗାଇଥିଲେ। ଫଳରେ ରାଜ୍ୟ ସରକାରଙ୍କୁ ଝଟ୍‌କା ଲାଗିଥିଲା। ସୁପ୍ରିମକୋର୍ଟ ସେହିଦିନ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ୩ ମାସ ପାଇଁ ରହିତାଦେଶ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂଶୋଧିତ ଅଧିନିୟମରେ ରାଜ୍ୟ ସରକାର କୁଳପତି ଚୟନ, ନିଯୁକ୍ତି ପ୍ରକ୍ରିୟା ଓପିଏସ୍‌ସି ଅଧୀନକୁ ନେବା, ସିନେଟ୍ ଉଚ୍ଛେଦ, ସିଣ୍ଡିକେଟ୍‌ରେ ପ୍ରଶାସନିକ ହସ୍ତକ୍ଷେପ ସହ ବିଶ୍ୱବିଦ୍ୟାଳୟ ଆଇନରେ ଅନେକ ସଂଶୋଧନ କରିଥିଲେ। ପୂର୍ବରୁ ଏହା ବିରୋଧରେ ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ କ୍ଲିନ୍ ଚିଟ୍ ଦେଇଥିଲେ। ତେବେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ଜେଏନ୍‌ୟୁର ପୂର୍ବତନ ପ୍ରଫେସର ଅଜିତ ମହାନ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ପ୍ରଥମ ଶୁଣାଣିରେ ଏହା ଉପରେ ୩ମାସ ପାଇଁ ରହିତାଦେଶ ନିର୍ଦ୍ଦେଶ ଜାରି କରାଯାଇଛି। ୨ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ରାଜ୍ୟ ସରକାର ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି ବୋଲି ୟୁଜିସି କହିଛି।






**ସେନ୍‌ସେକ୍ସ ୫୦୦ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ସପ୍ତାହର ପ୍ରଥମ ତିନି ଦିନ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଲାଗି ରହିଥିଲେ ମଧ୍ୟ ୪ର୍ଥ କାରବାର ଦିବସ ଅର୍ଥାତ୍ ଗୁରୁବାର ମଧ୍ୟ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୫୦୩ (୦.୯୪%) ଏବଂ ନିଫ୍ଟିରେ ୧୪୪(୦.୯୦%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୨୫୩ ଏବଂ ୧୬,୧୭୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା।

## ସଂକ୍ଷେପରେ

### ଜିଡିପି ଅଭିବୃଦ୍ଧି ଆକଳନ ହ୍ରାସ




**ନୂଆଦିଲ୍ଲୀ,୨୬ା୫:** ଗ୍ଲୋବାଲ୍ ରେଟିଂ ଏଜେନ୍ସି ମୁଡିଜ୍ ଇନ୍‌ଭେଷ୍ଟର୍ସ ସର୍ଭିସ୍ ପକ୍ଷରୁ ଚଳିତ ବର୍ଷ ଅର୍ଥାତ୍ ୨୦୨୨ ପାଇଁ ଆର୍ଥିକ ବିକାଶ ରେଟ୍‌କୁ ୯.୧% ହ୍ରାସ କରି ୮.୮% କରିଦେଇଛନ୍ତି। ଦରବୃଦ୍ଧିକୁ ନଜରରେ ରଖି ଅଭିବୃଦ୍ଧି ଆକଳନରେ ହ୍ରାସ କରାଯାଇଥିବା ଗ୍ଲୋବାଲ୍ ମାକ୍ରୋ ଆଉଟ୍‌ଲୁକ୍ ୨୦୨୨-୨୩ରେ ମୁଡିଜ୍ ପକ୍ଷରୁ ଦିଆଯାଇଥିବା ଅପ୍‌ଡେଟ୍ ତଥ୍ୟରେ କୁହାଯାଇଛି। ଖାଦ୍ୟ, ଅଶୋଧିତ ତୈଳ ଏବଂ ସାର ଦର ବୃଦ୍ଧିର ପ୍ରଭାବ ଆଗାମୀ ମାସଗୁଡ଼ିକରେ ହାଉସ୍‌ହୋଲ୍ଡ ଫାଇନାନ୍ସ ଏବଂ ସ୍ପେଣ୍ଡିଙ୍ଗ୍ ଉପରେ ପଡ଼ିବ। ମୁଦ୍ରାସ୍ଫୀତି ବୃଦ୍ଧିକୁ ରୋକିବା ପାଇଁ ସୁଧହାର ବୃଦ୍ଧି କରିବା ଦ୍ୱାରା ରିକଭରି ଗତି ଧିମା ହେବ ବୋଲି ମୁଡିଜ୍ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୩ ବର୍ଷ ପାଇଁ ମୁଡିଜ୍ ପକ୍ଷରୁ ଜିଡିପି ଅଭିବୃଦ୍ଧି ଅନୁମାନ ୫.୪% ସ୍ଥିର କରାଯାଇଛି। ବିଶ୍ୱସ୍ତରରେ ଅଶୋଧିତ ତୈଳ ଏବଂ ଖାଦ୍ୟ ଦରରେ ଅଧିକ ବୃଦ୍ଧି ନ ହେବା ପର୍ଯ୍ୟନ୍ତ ଦେଶର ଅର୍ଥବ୍ୟବସ୍ଥା ସଲିଡ୍ ଗ୍ରୋଥ୍ ମୁମେଣ୍ଟମ୍ ବଜାୟ ରଖିବାକୁ ହେବ ବୋଲି ମୁଡିଜ୍ ତଥ୍ୟରେ କୁହାଯାଇଛି।

### ସିବିଓଆଇର ବ୍ୟାଙ୍କ ଧର୍ମଘଟ ସ୍ଥଗିତ

**ଭୁବନେଶ୍ୱର,୨୬ା୫:** ବିଭିନ୍ନ କାରଣକୁ ନେଇ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ) ର କର୍ମଚାରୀ ସଂଘ ପକ୍ଷରୁ ୨ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟର ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମେ ୩୦ ଓ ୩୧ରେ ସିବିଓଆଇର ସର୍ବଭାରତୀୟ ଧର୍ମଘଟ ହେବାର ଥିଲା କିନ୍ତୁ ଉକ୍ତ ଘଟଣାରେ ବିଭିନ୍ନ ପକ୍ଷ ମଧ୍ୟସ୍ଥତା କରିବାରୁ ସଂଘ ପକ୍ଷରୁ ଡାକରା ଦିଆଯାଇଥିବା ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଏପରିକି ନିକଟରେ ମୁମ୍ବାଇଠାରେ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ମଧ୍ୟସ୍ଥତାରେ ହୋଇଥିବା ଆଲୋଚନାରେ ମଧ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି ହୋଇଥିବା କର୍ମଚାରୀମାନେ ଆବେଦନ କଲେ ସେମାନଙ୍କ ବଦଳି ବିଷୟରେ ପୁନର୍ବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ସଂଘର ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇ ଆବଶ୍ୟକ ନିଷ୍ପତ୍ତି ନିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଅଖିଳ ଭାରତ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘ ମଧ୍ୟରେ ଏକ ରାଜିନାମା ହୋଇଛି। ଏଣୁ ଆସନ୍ତା ୩୦ ଓ ୩୧ର ସର୍ବଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଗଲା ବୋଲି ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନର ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଜଣାଇଛନ୍ତି।

# ୪.୯୦%କୁ ବଢ଼ିପାରେ ରେପୋ ରେଟ୍

**ନୂଆଦିଲ୍ଲୀ,୨୬ା୫**




■ ବ୍ରିଟିଶ୍ ବ୍ରୋକରେଜ କମ୍ପାନୀ 'ବାର୍‌କ୍ଲେଜ୍'ର ଆକଳନ

■ ଅଭିବୃଦ୍ଧି କ୍ଷେତ୍ରରେ ମୁଦ୍ରାସ୍ଫୀତିର ଓଲଟା ଗତି ରୋକିବାକୁ ଆର୍‌ବିଆଇର ପ୍ରୟାସ

ଜୁନ୍‌ରେ ହେବାକୁ ଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ମୁଦ୍ରା ନୀତି ସମୀକ୍ଷା (ଏମ୍‌ପିସି) ବୈଠକରେ ରେପୋ ରେଟ୍ ପ୍ରାୟ ୦.୫୦% ବୃଦ୍ଧି ହୋଇପାରେ ବୋଲି ଏକ ବ୍ରିଟିଶ୍ ବ୍ରୋକରେଜ କମ୍ପାନୀ 'ବାର୍‌କ୍ଲେଜ୍' ପକ୍ଷରୁ କୁହାଯାଇଛି। ମୁଦ୍ରାସ୍ଫୀତି ବୃଦ୍ଧି ସହିତ ମଧ୍ୟମ ଅବଧିର ଆର୍ଥିକ ସ୍ଥିରତା ରକ୍ଷା କରିବା ପାଇଁ ଆର୍‌ବିଆଇ ପକ୍ଷରୁ ଏହି ବିକଳ୍ପ ଚୟନ କରାଯାଇପାରେ ବୋଲି ବାର୍‌କ୍ଲେଜ୍ ପକ୍ଷରୁ ଆକଳନ କରାଯାଇଛି। ଏହାଛଡ଼ା ଆରବିଆଇ ନିଜ ମୁଦ୍ରାସ୍ଫୀତି ଅନୁମାନକୁ ୬.୨%-୬.୫% ପର୍ଯ୍ୟନ୍ତ ସଂଶୋଧନ କରିପାରେ ବୋଲି ବାର୍‌କ୍ଲେଜ୍‌ର ଅର୍ଥନୀତିଜ୍ଞମାନେ କହିଛନ୍ତି। ଅପରପକ୍ଷରେ ଆର୍ଥିକ ବିକାଶ ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି, ଆର୍‌ବିଆଇ ଦେଶର ଆର୍ଥିକ ଅଭିବୃଦ୍ଧି ସମୀକ୍ଷାରେ ଜିଡିପି ବୃଦ୍ଧି ଆକଳନକୁ ୭.୨%ରୁ ୭% କରିବା ନେଇ ମଧ୍ୟ ଆଶା ଦେଖାଦେଇଛି। ଆର୍‌ବିଆଇ ନିଶ୍ଚିତ ଭାବରେ ଜୁନ୍‌ରେ ଅନ୍ୟ ଏକ ବଡ଼ ସୁଧ ହାର ବୃଦ୍ଧି କରିବ ବୋଲି ବାର୍‌କ୍ଲେଜ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ରାହୁଲ୍ ବାଜୋରିଆ କହିଛନ୍ତି। ଉଚ୍ଚ ମୁଦ୍ରାସ୍ଫୀତି ଆର୍ଥିକ ସ୍ଥିରତାକୁ କମ୍‌ଜୋର କରିଦେଇପାରେ। ତେଣୁ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ରେପୋ ରେଟ୍ ବୃଦ୍ଧି କରାଯିବ ବୋଲି ବାଜୋରିଆ କହିଛନ୍ତି। ଉଚ୍ଚ ସୀମାଯୁକ୍ତ ମୁଦ୍ରାସ୍ଫୀତି ଏବଂ ନିମ୍ନ ଟ୍ରେଣ୍ଡ ମୁଦ୍ରାସ୍ଫୀତି ଆର୍‌ବିଆଇକୁ ବର୍ତ୍ତମାନର ମୁଦ୍ରାସ୍ଫୀତି ସ୍ପାଇକ୍ ଉପରେ ଦୃଷ୍ଟିବଦ୍ଧ କରିବାକୁ ବାଧ୍ୟ କରିବ। ଅଭିବୃଦ୍ଧି କ୍ଷେତ୍ରରେ ମୁଦ୍ରାସ୍ଫୀତିର ଓଲଟା ଗତି ଆର୍‌ବିଆଇ ପାଇଁ ବର୍ତ୍ତମାନ ମୁଖ୍ୟ ଆହ୍ୱାନ ପାଲଟିଥିବା ସେ କହିଛନ୍ତି। ମୁଦ୍ରାସ୍ଫୀତି ପରିଚାଳନା ଆର୍‌ବିଆଇର ନୀତିଗତ ଉଦ୍ଦେଶ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। ତେଣୁ ଆର୍‌ବିଆଇ ନିଶ୍ଚିତ ଭାବରେଏହାର ପରିଚାଳନା ଉପରେ ଗୁରୁତ୍ୱ ଦେଇ ରେପୋ ଦରରେ ୦.୫୦% ବୃଦ୍ଧି କରି ୪.୯୦% କରିବ। ସୂଚନାଯୋଗ୍ୟ, ଆର୍‌ବିଆଇ ପକ୍ଷରୁ ମେ' ୪ରେ ଅନୁଷ୍ଠିତ ହୋଇଥିବା ଏମ୍‌ପିସି ବୈଠକରେ ଆଶ୍ଚର୍ଯ୍ୟଜନକ ଭାବେ ରେପୋ ରେଟ୍‌ରେ ୦.୪୦% ବୃଦ୍ଧି କରାଯାଇଥିଲା। ଏହାଛଡ଼ା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାଶ ଚଳିତ ସପ୍ତାହ ଶେଷ କିମ୍ବା ଜୁନ୍‌ରେ ରେପୋ ଦର ବୃଦ୍ଧି ହେବାର ବହୁମାତ୍ରାରେ ସମ୍ଭାବନା ରହିଥିବା ସୂଚନା ଦେଇଥିଲେ।

# ୟୁକୋ ବ୍ୟାଙ୍କ ଇଡିଙ୍କ ୨ ଦିନିଆ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬ା୫**


ଇସରାକ ଅଲ୍ଲୀ ଖାଁ

ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଇସରାକ ଅଲ୍ଲୀ ଖାଁ ୨ ଦିନିଆ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କଗୁଡିକର ପୁରସ୍କାର ସମାରୋହରେ ସାମିଲ ମଧ୍ୟ ହୋଇଥିଲେ। ଅପରପକ୍ଷରେ ସେ ବ୍ୟାଙ୍କର ଆଞ୍ଚଳିକ ତାଲିମ କେନ୍ଦ୍ରରେ ନୂତନ ଭାବେ ଯୋଗ ଦେଇଥିବା ପ୍ରୋବେସନାରୀ ଅଫିସରମାନଙ୍କୁ ସମ୍ବୋଧନ କରିବା ସହ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଭୁବନେଶ୍ୱର ସହରାଞ୍ଚଳ ଅଧୀନ ଶାଖାଗୁଡିକର କର୍ମଚାରୀମାନଙ୍କୁ ସମ୍ବୋଧନ କରି ବିଭିନ୍ନ ମତାମତ ଓ ଉନ୍ନତମାନର ଗ୍ରାହକ ସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଛନ୍ତି। ଯେଉଁଠାରେ ଅବଶିଷ୍ଟ ଶାଖାଗୁଡିକ ଭିସି ମାଧ୍ୟମରେ ଯୋଗ ଦେଇଥିଲେ। ସେ ମଧ୍ୟ ବ୍ୟାଙ୍କର ସଚିବାଳୟ ଶାଖା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଗୁରୁଜଙ୍ଗସ୍ଥିତ ପାଇକଟିଗିରିଆ ଶାଖାର ଏକ ନୂତନ ଏଟିଏମ୍‌କୁ ଉଦଘାଟନ କରି ଗ୍ରାହକମାନଙ୍କୁ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା ଆପଣେଇବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମୁଦ୍ରା ହିତାଧିକାରୀମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ।

# ସିମ୍ଫୋନିର ସ୍ୱତନ୍ତ୍ର ଉତ୍ପାଦ ସମ୍ଭାର ଉନ୍ମୋଚିତ

**ନୂଆଦିଲ୍ଲୀ,୨୬ା୫**




ସିମ୍ଫୋନି ଲିମିଟେଡ୍ ଦେଶର ପ୍ରଥମ ଡିଜନୀ ଓ ମାର୍ବଲ୍ ଥିମର ଏୟାରକୁଲର ସମ୍ଭାରକୁ ବଜାର ପ୍ରବେଶ କରାଇଛି। ଏହି ନୂତନ ସମ୍ଭାରକୁ ସ୍ୱତନ୍ତ୍ର ଭାବେ ପିଲା ଓ କିଶୋରମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଯେଉଁମାନେ ଡିଜନୀ ଓ ମାର୍ବଲ୍ କ୍ୟାରେକ୍ଟରକୁ ବହୁତ ପସନ୍ଦ କରିଥାନ୍ତି। ଏହି କୁଲପଡ୍ କୁଲରରେ ରହିଛି ସମସ୍ତ ଆଧୁନିକ ବୈଶିଷ୍ଟ୍ୟ, ଯାହାକି ଉଚ୍ଚମାନର କୁଲିଂ ସଲ୍ୟୁସନ ପାଇଁ ଆବଶ୍ୟକ।

ଏଥିରେ ମଧ୍ୟ ରହିଛି ସ୍ଲିପ୍ ମୋଡ୍ ଓ ନାଚୁରାଲ୍ ମୋଡ୍ ବିକଳ୍ପ, ଯାହାକି ଶୋଇବା ସମୟରେ ଗ୍ରାହକମାନଙ୍କୁ ସୁବିଧା ପ୍ରଦାନ କରିଥାଏ। ଆଉ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ୧୩ଲିଟରର ପାଣି ଟାଙ୍କି କ୍ଷମତା ଓ ଖାଲି ପାଣି ଟାଙ୍କି ଆଲାରାମ ବୈଶିଷ୍ଟ୍ୟ। ଆଉ ଆପଣଙ୍କୁ ଜଳସ୍ତର ପାଇଁ ବ୍ୟସ୍ତ ହେବାକୁ ପଡ଼ିବ ନାହିଁ। କାରଣ ଜଳସ୍ତର କମ୍ ଥିବା ସମୟରେ ଏହା ଆଲରାମ ଦ୍ୱାରା ତୁରନ୍ତ ଜଣାଯାଇପାରିବ। କୁଲପଡ୍ କୁଲର ମଧ୍ୟମ ଆକାରର ରୁମ୍ ପାଇଁ ନିରାପଦ। କାରଣ ଏହା ୧୬ବର୍ଗ ମି. ପର୍ଯ୍ୟନ୍ତ ଏରିଆକୁ କଭର କରିଥାଏ।

ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଓ ଗ୍ରୁପ୍ ସିଇଓ ଅମିତ କୁମାର କହିଛନ୍ତି, ସିମ୍ଫୋନି ଡିଜନୀ ଓ ମାର୍ବଲ ଫ୍ୟାନଙ୍କ ପାଇଁ କୁଲରର ଏହି ସ୍ୱତନ୍ତ୍ର କଲେକ୍‌ସନ ଆଣିଥିବାରୁ ଆମେ ଅତ୍ୟନ୍ତ ଗର୍ବିତ। ଆମେ ଏହି ଉତ୍ପାଦଗୁଡ଼ିକୁ ଆମର ଡି୨ସି ୱେବ୍‌ସାଇଟରେ ଶୁଭାରମ୍ଭ କରିଛୁ।

ପ୍ରତି ବର୍ଷ ତାପମାତ୍ରାର ବୃଦ୍ଧି ସହିତ ଏୟାରକୁଲର ପ୍ରତି ଘର ପାଇଁ ଏକ ଅପରିହାର୍ଯ୍ୟ ସାମଗ୍ରୀ ଭାବରେ ପରିଣତ ହୋଇପାରିଛି। ଏହି ଉତ୍ପାଦଗୁଡ଼ିକ ପୋର୍ଟେବଲ୍, ସ୍ଥାୟୀ ଓ ସୁଲଭ ମୂଲ୍ୟଯୁକ୍ତ।

### ଜେଏସ୍‌ଡବ୍ଲ୍ୟୁ ପେଣ୍ଟସର ନୂତନ ଉତ୍ପାଦ ପ୍ରଚଳନ

**ନୂଆଦିଲ୍ଲୀ,୨୬ା୫**

ଭାରତର ପରିବେଶ ଉପଯୋଗୀ ପେଣ୍ଟସ କମ୍ପାନୀ 'ଜେଏସଡବ୍ଲ୍ୟୁ ପେଣ୍ଟସ' ଏହାର ହାଲୋ ଆକ୍ୱାଗ୍ଲୋ ବର୍ଗ ଉପରେ ଗୁରୁତ୍ୱ ଦେଇ ନୂତନ ଉତ୍ପାଦର ପ୍ରଚାର ଅଭିଯାନ ଆରମ୍ଭ କରିଛି। ଉଭୟ କାଠ ଓ ଧାତବ ପୃଷ୍ଠ ଭାଗ ନିମନ୍ତେ ଜେଏସଡବ୍ଲ୍ୟୁ ପେଣ୍ଟସ ଆକ୍ୱାଗ୍ଲୋ ଜର୍ମ ବ୍ଲକ ଜେଏନ୨+ଆୟନ ପ୍ରଯୁକ୍ତି ସହ ଆସୁଥିବା ଭାରତର ପ୍ରଥମ ୱାଟର ବେସ ପେଣ୍ଟସ ହୋଇଛି। ଅପରପକ୍ଷରେ ଜେଏସଡବ୍ଲ୍ୟୁ ପେଣ୍ଟସ ଆକ୍ୱାଗ୍ଲୋ ୧୦୦% ୱାଟର ବେସଡ ଉତ୍ପାଦ, ଯାହାର ଗନ୍ଧ କମ ରହିଛି, ଶୀଘ୍ର ଶୁଖିଯାଏ ଏବଂ ସମ୍ପୂର୍ଣ୍ଣ ଭାବରେ ପରିବାର ଉପଯୋଗୀ। ଶୀଘ୍ର ଶୁଖିଯାଉଥିବା ଫାଇଦା କାରଣରୁ ଏହା ଖୁବ କମ ସମୟ ମଧ୍ୟରେ ରଙ୍ଗଦେବା କାର୍ଯ୍ୟ ଶେଷ ହେବାକୁ ସମର୍ଥ କରାଉଛି। ଏହା ମଧ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ଏହାର ଚମକ ବଜାୟ ରଖୁଛି। ଆକ୍ୱାଗ୍ଲୋ ପ୍ରଚାର ଅଭିଯାନରେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟ ଗ୍ରାହକଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ସଚେତନତା କରାଉଛନ୍ତି। ଏହି ପ୍ରଚାର ଅଭିଯାନରେ ସୁପରିଚିତ କଳାକାର ଏବଂ ବିଶିଷ୍ଟ ହାସ୍ୟ ଅଭିନେତା ଅତୁଲ ଖତ୍ରୀ ମଧ୍ୟ ସାମିଲ ଅଛନ୍ତି। ନୂଆକରି ରଙ୍ଗ କରାଯାଇଥିବା ଦରଜାରେ ବ୍ୟବହାର କରାଯାଇଥିବା ସଲଭେଣ୍ଟସ ଭିତ୍ତିକ ପେଣ୍ଟସରୁ ବାହାରୁଥିବା ତୀବ୍ର ଗନ୍ଧକୁ ନେଇ ଆଲିଆଙ୍କ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରତିଫଳିତ ହେଉଛି। ଜେଏସଡବ୍ଲ୍ୟୁ ପେଣ୍ଟସର ଚିଫ ମାର୍କେଟିଂ ଅଫିସର, ଅନୁରାଧା ବୋଷ କହିଛନ୍ତି, ଆମର 'ଏନି କଲର ୱାନ ପ୍ରାଇସ' ପ୍ରୟାସର ସଫଳତା ପରେ ଆମେ ସମ୍ପ୍ରତି ଆମର ଚିନ୍ତନଶୀଳ ନବୀନତମ ଉତ୍ପାଦ ଆକ୍ୱାଗ୍ଲୋର ପ୍ରଚଳନ କରିବା ନେଇ ଆନନ୍ଦିତ ଅଛୁ। କାଠ ଓ ଧାତୁ ପାଇଁ କେବଳ 'ଅଏଲ ପେଣ୍ଟସ' ବ୍ୟବହାର କରିବାର ପାରମ୍ପରିକ ଧାରାକୁ ଏହା ବଦଳାଇବା ଲକ୍ଷ୍ୟ ରଖିଛି।

# ବିଓବିର ଆଞ୍ଚଳିକ ବ୍ୟବସାୟିକ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୬ା୫**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଏକ ଆଞ୍ଚଳିକ ବ୍ୟବସାୟିକ ସମୀକ୍ଷା ବୈଠକ ନିକଟରେ ବ୍ୟାଙ୍କର କଟକ ସ୍ଥିତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୨ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ପାଟନାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୀବ ମେନନ୍ ଓ ଉପଆଞ୍ଚଳିକ ମୁଖ୍ୟ ସଞ୍ଜୀବ ଚୌଧୁରୀ ପ୍ରମୁଖ ଯୋଗଦେଇ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଆବଶ୍ୟକ ବିଭିନ୍ନ ପଦକ୍ଷେପ ଓ ପରାମର୍ଶ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଓବିର ଓଡ଼ିଶାରେ ଥିବା ଭୁବନେଶ୍ୱର-୧, ଭୁବନେଶ୍ୱର-୨ ଏବଂ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ସମେତ ବିହାରର ମୁଜାଫରପୁର-୧, ମୁଜାଫରପୁର-୨, ଗୟା ସହ ଝାଡଖଣ୍ଡର ରାଞ୍ଚି, ଜାମସେଦପୁର ଓ ପାଟନାର କ୍ଷେତ୍ରୀୟ ମୁଖ୍ୟମାନେ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକ ବ୍ୟାଙ୍କର ଭୁବନେଶ୍ୱର-୨ କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା।

# ସୁରକ୍ଷା ଏବଂ ନିରାପତ୍ତାକୁ ଏଏମ୍-ଏନ୍ଏସ୍‌ର ଗୁରୁତ୍ୱ

**ଭୁବନେଶ୍ୱର,୨୬ା୫**



ଆର୍ସେଲର୍‌ମିତ୍ତଲ୍-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍ଏସ୍) ୨୦୧୯ରୁ ଓଡ଼ିଶାରେ ପ୍ଲାଣ୍ଟ ପରିଚାଳନା ଦିନଠାରୁ ତା'ର ବ୍ୟବସାୟିକ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସନ୍ତୁଳିତ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦେଇ ଆସୁଛି। କମ୍ପାନୀ ସର୍ବଦା ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ 'ଶୂନ୍ୟ ଆଘାତ, ଶୂନ୍ୟ ସ୍ୱାସ୍ଥ୍ୟହାନି କାର୍ଯ୍ୟକ୍ଷେତ୍ର' ସୃଷ୍ଟି କରିବାକୁ ନେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଯଥାଚିତ ପଦକ୍ଷେପ ମଧ୍ୟ ଗ୍ରହଣ କରିଆସୁଛି।

ବିଶେଷ କରି ଶୃଙ୍ଖଳା ଜନିତ ବିଭିନ୍ନ ପଦକ୍ଷେପ ସହ କାର୍ଯ୍ୟରତ କର୍ମଚାରୀଙ୍କ ନିୟମିତ ବ୍ୟବଧାନରେ ମେଡିକାଲ ପରୀକ୍ଷଣ ଇତ୍ୟାଦି କରିବା ହେଉଛି ହେଲ୍‌ଥ୍, ସେଫ୍ଟି ଆଣ୍ଡ ସସ୍‌ଟେନ୍‌ବିଲିଟି (ଏଚ୍‌ଏସ୍‌ଏସ୍) ସଂରଚନାର ଏକ ଅଂଶ ଏବଂ ଏହା ଏଚ୍‌ଏସ୍‌ଏସ୍ କମିଟି ଦ୍ୱାରା ପରିଚାଳିତ ଯାହା ଆଟ୍-ରିସ୍କ-ବିହେଭିଅର୍ ଟୁ ସେଫ୍ ବିହେଭିଅର୍‌ରେ ପରିବର୍ତ୍ତନ କରିବାର ଲକ୍ଷ୍ୟକୁ ହାସଲ କରିବ। ସେହିପରି କାରଖାନାରେ ବ୍ୟବସାୟିକ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସନ୍ତୁଳିତ ପ୍ରଦର୍ଶନର ଗୁରୁତ୍ୱ ଦିଗରେ ଏକ ମାନଦଣ୍ଡ ନିର୍ଦ୍ଧାରଣ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।

ଏହି ପରିପ୍ରେକ୍ଷୀରେ ଏଏମ୍-ଏନ୍ଏସ୍ ଇଣ୍ଡିଆ ଓଡିଶା ପ୍ଲାଣ୍ଟର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜି. ସୁରେଶା କହିଛନ୍ତି, ଆମ ପ୍ଲାଣ୍ଟରେ ଏଚ୍‌ଏସ୍‌ଏସ୍ ମ୍ୟାନେଜ୍‌ମେଣ୍ଟ ଦ୍ୱାରା ପ୍ରଦତ୍ତ ସମସ୍ତ ନିୟମାବଳୀକୁ ଯଥାଚିତ ଭାବେ ପାଳନ ସହ ସୁରକ୍ଷା ନିରାପତ୍ତାରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିବାରେ ଆମେ ଅନବରତ ଚେଷ୍ଟା ଜାରି ରଖିଛୁ।

# ଓଜିବିକୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୨୬ା୫**

ଓଡ଼ିଶାରେ ଉଭୟ ଘରୋଇ ଓ ସରକାରୀ ବ୍ୟାଙ୍କଗୁଡିକର କାରବାର ଓ ସେବା ପ୍ରଦାନ ସହ ଅନ୍ୟାନ୍ୟ ପଦକ୍ଷେପ ଉଭୟ ରାଜ୍ୟବାସୀ ଓ ସରକାରଙ୍କୁ ଆକୃଷ୍ଟ କରିପାରିଛି। ସେଥିପାଇଁ ରାଜ୍ୟ ସରକାରଙ୍କ ଅର୍ଥବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ବିଶେଷକରି ଋଣ ପ୍ରଦାନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିବା ବ୍ୟାଙ୍କଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଥିଲେ। ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସର୍ବାଧିକ ଋଣ ପ୍ରଦାନ କରିଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ବ୍ୟାଙ୍କ ପକ୍ଷରୁ ଏହାର ଅଧ୍ୟକ୍ଷ ମୋହନ. ଏମ୍ ଏବଂ ମହାପ୍ରବନ୍ଧକ ତୃପ୍ତିରଞ୍ଜନ ସ୍ୱାଇଁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ, ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, କୃଷି ବିଭାଗ ଏପିସି ତଥା ଏସିଏସ୍ ସଞ୍ଜୀବ ଚୋପ୍ରା, ମିଶନଶକ୍ତି ଆୟୁକ୍ତ ତଥା ସଚିବ ସୁଜାତା କାର୍ତ୍ତିକେୟନଙ୍କ ସମେତ ଅର୍ଥବିଭାଗର ନିର୍ଦ୍ଦେଶିକା, ଡ. ପ୍ରଜ୍ଞାସ୍ମିତା ସାହୁ ପ୍ରମୁଖ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ଫୁରସତ

# ସଲମାନ୍‌ଙ୍କ ଫିଲ୍ମରେ ରହିବେନି ମାଳବିକା


ମାଳବିକା ମୋହନାନ୍

**ମୁମ୍ବାଇ:** ଅଭିନେତ୍ରୀ ମାଳବିକା ମୋହନାନ୍ ଦବଙ୍ଗ ଷ୍ଟାର ସଲମାନ୍ ଖାନ୍‌ଙ୍କ 'କଭି ଇଦ୍ କଭି ଦିୱାଲି'ରେ ଅଭିନୟ କରିବେ ନାହିଁ ବୋଲି ଟୁଇଟ୍ ଯୋଗେ ସ୍ପଷ୍ଟ କରିଛନ୍ତି। ଫଳରେ ସଲମାନ୍‌ଙ୍କ ଏହି ମୁଭି ପାଇଁ ମାଳବିକା ଶୁଟିଂ ଆରମ୍ଭ କରିବା ନେଇ ଲାଗି ରହିଥିବା ଚର୍ଚ୍ଚା ଥମିଛି। ସଲ୍‌ମାନଙ୍କ ସହ କାମ କରିବା ନେଇ କଳ୍ପନାଜଳ୍ପନା ଏବଂ ମିଡିଆରେ ବାହାରୁଥିବା ଖବର ସତ ନୁହେଁ ବୋଲି ମାଳବିକା କହିଛନ୍ତି। ଫର୍‌ହାଦ୍ ସାମ୍‌ଜୀ 'କଭି ଇଦ୍ କଭି ଦିୱାଲି' ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ଆସନ୍ତା ଡିସେମ୍ବରରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ଭେଙ୍କଟେଶ ଦାଗୁବାଟି, ଆୟୁଷ ଶର୍ମା ଏବଂ ଜାହିର ଇକ୍‌ବାଲ୍‌ଙ୍କୁ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ବିଗ୍‌ବସ୍ ଫେମ୍ ଶେହନାଜ ଗିଲ୍ ଏଥିରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ସଲମାନ ଶୁଟିଂର ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସୂଚନାଯୋଗ୍ୟ, ମାଳବିକା ମୋହନାନ୍ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରେ ରଜନୀକାନ୍ତଙ୍କ ସହ 'ପାଟମ ପୋଲେ'ରେ ଡେବ୍ୟୁ କରିଥିଲେ। ମାଳବିକା ଏବେ ତାଙ୍କ ଅପ୍‌କମିଂ ବଲିଉଡ୍ ପ୍ରୋଜେକ୍ଟ 'ୟୁଧ୍ରା' ରିଲିଜ୍ ଅପେକ୍ଷାରେ ଅଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଦେଖିବାକୁ ମିଳିବ। ୨୦୧୭ରେ ମାଳବିକା 'ବିୟଣ୍ଡ୍ ଦ କ୍ଲାଉଡ୍'ରେ ଇଷାନ୍ ଖଟ୍ଟରଙ୍କ ସହ ନଜର ଆସିଥିଲେ।

# ସ୍ୟାଣ୍ଡୱିଚ୍ ଖାଇ ୨୩ ବର୍ଷ



**ଲଣ୍ଡନ:** ମାତ୍ର ୨ ବର୍ଷ ବୟସରୁ ଆରମ୍ଭ କରି ୨୩ ବର୍ଷ ହେଲା ଜଣେ ମହିଳା କେବଳ ସ୍ୟାଣ୍ଡୱିଚ୍ ଖାଇ ବଞ୍ଚିଛନ୍ତି। ବ୍ରିଟେନର ଜୋ ସାଣ୍ଡଲର୍ ଦୀର୍ଘ ବର୍ଷ ହେଲାଣି ସକାଳ ଜଳଖିଆଠାରୁ ଆରମ୍ଭ କରି ଲଞ୍ଚ୍ ଏବଂ ଡିନର୍‌ରେ ମଧ୍ୟ ସ୍ୟାଣ୍ଡୱିଚ୍ ଖାଇଥାନ୍ତି। ଫଳରେ ତାଙ୍କୁ ଏବେ ସାଧାରଣ ଖାଦ୍ୟ ଖାଇବା ପାଇଁ ଅସୁବିଧା ହେଉଛି। କୌଣସି ଉତ୍ସବ କିମ୍ବା ଭୋଜିରେ ମଧ୍ୟ ସେ ସ୍ୟାଣ୍ଡୱିଚ୍ ଖାଇଥାନ୍ତି। ବେଳେବେଳ ସେ ସ୍ୟାଣ୍ଡୱିଚର ଭେରାଇଟି ଖାଇବା ପାଇଁ ଇଚ୍ଛା କରିଥାନ୍ତି। ତାଙ୍କୁ ମଲ୍ଟିପଲ୍ ସେଲେରୋସିସ୍ ରୋଗ (ମସ୍ତିଷ୍କ ଏବଂ ସ୍ନାୟୁକୁ ଦୀର୍ଘଦିନ ପର୍ଯ୍ୟନ୍ତ ପ୍ରଭାବିତ କରୁଥିବା ଏକ ପ୍ରକାର ରୋଗ) ହୋଇଥିବା ଜଣାପଡ଼ିବା ପରେ ସେ ସୁସ୍ଥ ହେବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ସାଣ୍ଡଲର୍ ଜଣେ ହିପ୍‌ନୋଥେରାପିଷ୍ଟ ଡେଭିଡ୍ କିଲ୍‌ମରିଙ୍କ ନିକଟକୁ ଯାଇ ସାଧାରଣ ଖାଦ୍ୟ ଖାଇବା ନିମନ୍ତେ ପ୍ରସ୍ତୁତ କରୁଛନ୍ତି। ହିପ୍‌ନୋଥେରାପି କରିବା ପରେ ସାଣ୍ଡଲର ପ୍ରଥମ ଥର ପାଇଁ ସ୍ୟାଣ୍ଡୱିଚ୍ ବଦଳରେ ସାଧାରଣ ମିଲ୍ ଖାଇଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ଡେଭିଡ୍ ଲେଖିଛନ୍ତି, ସାଣ୍ଡଲର ନିଓଫୋବିଆରେ ପୀଡ଼ିତ। ଏଥିଯୋଗୁ ଖାଦ୍ୟ ପ୍ରତି ତାଙ୍କ ପ୍ରବଳ ଅରୁଚି ରହିଛି। ତେବେ ଅଳ୍ପ ସମୟର ଥେରାପି ପରେ ସେ ନୂଆକରି ଅଲଗା ଖାଦ୍ୟ ଖାଇବା ଆରମ୍ଭ କରିଛନ୍ତି।

# ୧୧ କୋଟିର ଭୂତ ବଙ୍ଗଳା



**ୱାଶିଂଟନ୍:** ରୋଡ୍ ଦ୍ୱୀପରେ ଥିବା ୧୭୨୬ ମସିହାର ଏକ ଭୂତ ବଙ୍ଗଳା ୧.୫ ନିୟୁତ ଡଲାର (ପ୍ରାୟ ୧୧ କୋଟି ଟଙ୍କା)ରେ ବିକ୍ରି ହୋଇଛି। ହରର୍ ମୁଭି 'ଦ କଞ୍ଜୁରିଂ' ଏହି ହଣ୍ଟେଡ୍ ହାଉସ୍‌ରୁ ପ୍ରେରିତ ହୋଇଥିଲା। ଆମେରିକାର ପ୍ରମୁଖ ଭୂତ ବଙ୍ଗଳାଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ୱାଲ ଷ୍ଟ୍ରିଟ୍ ଜର୍ନାଲ ଅନୁସାରେ, ୧୯୭୧ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଏହି ଘରେ ରହୁଥିବା ଆଣ୍ଡିଆ ପେରୋନ୍‌ଙ୍କ ପରିବାର କେତେକ ସୁପରନ୍ୟାଚୁରାଲ ବା ଅଲୌକିକ ଘଟଣାର ସମ୍ମୁଖୀନ ହୋଇଥିବା କୁହାଯାଏ। ଦୁଇ ପାରାନର୍ମାଲ ଇନ୍‌ଭେଷ୍ଟିଗେଟର ଜେନ୍ ଏବଂ କୋରି ହେନ୍‌ଜେନ୍ ୨୦୧୯ରେ ପ୍ରାୟ ୩ କୋଟି ୪୦ ଲକ୍ଷ ଟଙ୍କାରେ ଉକ୍ତ ଘରକୁ କିଣିଥିଲେ। ୨୦୨୧ ସେପ୍ଟେମ୍ବରରେ ସେମାନେ ଏହାକୁ ବିକ୍ରି ପାଇଁ ଲିଷ୍ଟ କରିଥିଲେ। ଜ୍ୟାକଲିନ୍ ନୁନେଜ୍ ନାମକ ଜଣେ ରିଅଲ ଇଷ୍ଟେଟ୍ ଡେଭେଲେପର ଏହି ଘରକୁ ଏବେ କିଣିଛନ୍ତି।

# ଗୋଟିଏ ଗୋଡ଼ରେ ସ୍କୁଲ୍ ଯିବା ନିଶା



**ପାଟନା:** ବିହାର ଜାମୁଇର ୧୦ ବର୍ଷୀୟା ସୀମା ଅନେକଙ୍କ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କ ପାଠ ପଢ଼ିବାର ଆଗ୍ରହ ଆଗରେ ହାର୍ ମାନିଛି ତାଙ୍କ ଶରୀରର ଅକ୍ଷମତା। କିଛି ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ ହେଁ ପାଠପଢ଼ି ଭବିଷ୍ୟତ ଗଢ଼ିବାକୁ ସୀମାଙ୍କ ପାଇଁ ଏହା ବାଧକ ହୋଇପାରିନି। ଡେଇଁ ଡେଇଁ ସ୍କୁଲ ଯାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚାରିଆଡୁ ତାଙ୍କ ନିକଟରୁ ପ୍ରଶଂସାର ସୁଅ ଛୁଟିଛି।

ପାଠ ପଢ଼ିବା ପାଇଁ ଗୋଟିଏ ଗୋଡ଼ରେ ସୀମା ପ୍ରାୟ ୧ କିଲୋମିଟର ଡେଇଁ ଡେଇଁ ସ୍କୁଲକୁ ଯାଉଛନ୍ତି। ସେ ସ୍କୁଲ ଯାଉଥିବାର ଭିଡିଓ ଭାଇରାଲ ହେବା ପରେ ସୀମାଙ୍କୁ ଅନେକ ଲୋକ ସହାୟତାର ହାତ ବଢ଼ାଇଛନ୍ତି। ଭିଡିଓ ଦେଖି ସ୍ଥାନୀୟ ଜିଲା ମାଜିଷ୍ଟ୍ରେଟ୍ ଅଭନୀଶ କୁମାର ସିଂ ସୀମାଙ୍କ ଘରେ ପହଞ୍ଚି ତାଙ୍କୁ ଏକ ଟ୍ରାଇ-ସାଇକେଲ ଦେଇଛନ୍ତି। ସୀମା ବଡ଼ ହୋଇ ଜଣେ ଶିକ୍ଷୟିତ୍ରୀ ହେବେ ବୋଲି ଆଶା ରଖିଛନ୍ତି। ପଢ଼ା ପ୍ରତି ସୀମାଙ୍କ ଏ ପ୍ରକାର ଆଗ୍ରହ ଦେଖି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ନାୟକ ସୋନୁ ସୁଦ ତାଙ୍କୁ ସାବାସୀ ଦେଇଛନ୍ତି। ବିହାରର ମାଓପ୍ରବଣ ଇଲାକା ଫତେହପୁରରେ ସୀମାଙ୍କ ଘର। ବାପା କିରଣ ମାଝି ଜଣେ ଦିନ ମଜୁରିଆ ହୋଇଥିବାବେଳେ ସୀମାଙ୍କ ମା' ଇଟା ଭାଟିରେ କାମ କରନ୍ତି।

**ଆଜି ପ୍ରଚାର କରିବେ ଅଖିଳେଶଙ୍କ ବିରୋଧରେ ଲଢ଼ିଥିବା ଅଭିନେତା**

ଭୁବନେଶ୍ୱର,(ବ୍ୟୁରୋ): ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଚାଲିଛି। ପ୍ରଚାର କାର୍ଯ୍ୟକୁ ଆହୁରି ଶାଣିତ କରିବା ପାଇଁ ଶୁକ୍ରବାର ବଲିଉଡ ତଥା ଭୋଜପୁରୀ ଚଳଚ୍ଚିତ୍ର ଅଭିନେତା ଦିନେଶ ଲାଲ ଯାଦବ (ନିରହୁଆ) ପ୍ରଚାର ମଇଦାନକୁ ଓହ୍ଲାଇ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କ ସପକ୍ଷରେ ପ୍ରଚାର କରିବେ। ଏନେଇ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଅଭିନେତା ତଥା ଉତ୍ତରପ୍ରଦେଶ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରହୁଆ ଗତ ସାଧାରଣ ନିର୍ବାଚନରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ।



କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଓ ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ସହ ଭୋଜନ କରୁଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାଇଦ୍ରାବାଦରେ ପରିବାରବାଦ କଥା ଉଠାଇ କେସିଆର୍‌ଙ୍କୁ ଟାର୍ଗେଟ କରିଥିବାବେଳେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିରୋଧୀ ଏକତାକୁ ମଜଭୁତ କରିବା ଲାଗି ଅଭିଯାନ ଚଳାଇଥିବା ତେଲଙ୍ଗାନା ରାଷ୍ଟ୍ର ସମିତି ମୁଖ୍ୟ କହିଛନ୍ତି, ଭାଷଣ ବହୁତ ହୋଇଗଲାଣି। ଅନେକ ପ୍ରତିଶ୍ରୁତି ଦେଲେଣି। କିନ୍ତୁ ବାସ୍ତବତା କ'ଣ ? ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି। ଜିଡିପି ଖସୁଛି, ମୁଦ୍ରାସ୍ଫୀତି ବଢ଼ୁଛି। ଚାଷୀ, ଦଳିତ ଓ ଆଦିବାସୀ ଖୁସିରେ ନାହାନ୍ତି। ଜାତୀୟ ସ୍ତରରେ ଶୀଘ୍ର ପରିବର୍ତ୍ତନ ଆସିବାକୁ ଯାଉଛି। କିଛିମାସ ଭିତରେ ଚାଞ୍ଚଲ୍ୟକର ଖବର ଶୁଣିବାକୁ ମିଳିବ।

# ମମତା ହେବେ ବିଶ୍ୱବିଦ୍ୟାଳୟ କୁଳାଧିପତି

**ନୂଆଦିଲ୍ଲୀ,୨୬।୫**

- ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ, ବିଧାନସଭାରେ ବିଲ୍ ଆସିବ
- ରାଜ୍ୟପାଳଙ୍କୁ କୋଣଠେସା ଉଦ୍ୟମ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ବିଧାନସଭାରେ ଏକ ବିଲ୍ ଆଣିବାକୁ ଯାଉଛନ୍ତି। ଉକ୍ତ ବିଧେୟକ ବଳରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜ୍ୟପାଳଙ୍କ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କୁଳାଧିପତି ହେବେ। ଏହି ପଦକ୍ଷେପ ଯୋଗୁ ମମତା ଓ ରାଜ୍ୟପାଳ ଜଗଦୀପ ଧନକରଙ୍କ ମଧ୍ୟରେ ନୂଆ ବିବାଦ ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହଇରାଣ କରିବା ପାଇଁ କେନ୍ଦ୍ର କଥାରେ ପରିଚାଳିତ ହେଉଥିବା ଶାସକ ଟିଏମ୍‌ସିର ନେତାମାନେ ଅଭିଯୋଗ ଆଣିଥାଆନ୍ତି। ଦୁହିଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଟଣାଓଟରା ଚାଲିଥିବାବେଳେ ଗୁରୁବାର ରାଜ୍ୟ କ୍ୟାବିନେଟ ଏକ ବଡ଼ ନିଷ୍ପତ୍ତି ନେଇଛି। ରାଜଭବନ ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି ଯେ, ନିୟମ ଅନୁସାରେ ରାଜ୍ୟପାଳ ହେଉଛନ୍ତି ରାଜ୍ୟରେ ଥିବା ସବୁ ବିଶ୍ୱବିଦ୍ୟାଳୟର କୁଳାଧିପତି। କିନ୍ତୁ ପଶ୍ଚିମବଙ୍ଗର ସମସ୍ତ ୧୭ ବିଶ୍ୱବିଦ୍ୟାଳୟର କୁଳାଧିପତି ରୂପେ ମମତାଙ୍କୁ ଅବସ୍ଥାପିତ କରିବା ପାଇଁ ଏକ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ବିଧାନସଭାରେ ଏହି ପ୍ରସ୍ତାବକୁ ଖୁବ୍‌ଶୀଘ୍ର ଆଗତ କରାଯିବ ବୋଲି ପଶ୍ଚିମବଙ୍ଗ ଶିକ୍ଷା ମନ୍ତ୍ରୀ ଦାୟିତ୍ୱରେ ଥିବା ବ୍ରତ୍ୟା ବସୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀରେ ୨୫ କୁଳପତିଙ୍କୁ ତାଙ୍କ ବିନା ସହମତିରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେଇଥିବା ରାଜ୍ୟପାଳ ଅଭିଯୋଗ ଆଣିଥିଲେ। ତେଣୁ କେନ୍ଦ୍ରର ବୋଲ ମାନୁଥିବା ରାଜ୍ୟପାଳଙ୍କୁ କୋଣଠେସା କରିବା ପାଇଁ ମମତାଙ୍କ ସରକାର ଏପରି ଉଦ୍ୟମ କରୁଥିବା କୁହାଯାଉଛି।



ମମତା ବାନାର୍ଜୀ



ଜଗଦୀପ ଧନକର

# 'ବିଜେଡି-ଭାଜପା ଷଡ଼ଯନ୍ତ୍ର ଯୋଗୁ ଓଡ଼ିଶାରେ ମହାନଦୀ ଶୁଖିଲା'

**ବଲାଙ୍ଗୀର ଅଫିସ, ୨୬।୫**

**ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଲେ ନରସିଂହ**

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଦିନକୁ ଦିନ ଶୁଖି ଯାଉଛି। ଏଥିପାଇଁ ଉଭୟ ବିଜେଡି ଓ ଭାଜପାର ଷଡ଼ଯନ୍ତ୍ର ଦାୟୀ। ଗୁରୁବାର ବଲାଙ୍ଗୀର ସର୍କିଟ ହାଉସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ବିଧାୟକ ନରସିଂହ ମିଶ୍ର। ସେ କହିଥିଲେ ଯେ, ଓଡ଼ିଶା ସରକାର ମହାନଦୀ ଜଳ ସମସ୍ୟାର ସମାଧାନ ଦିଗରେ ଆନ୍ତରିକତା ଦେଖାଉ ନାହାନ୍ତି। ଛତିଶଗଡର ଗତ ଭାଜପା ସରକାର ସେଠାରେ ଅନେକ ବ୍ୟାରେଜ ନିର୍ମାଣ କରିବା ଯୋଗୁ ମହାନଦୀ ପାଣିକୁ ଏବେ ସମ୍ପୂର୍ଣ୍ଣ ବାନ୍ଧି ଦିଆଯାଇଛି। ଏହି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଏହାର ରାଜନୀତିକରଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ରଜରାଜନଗର ଉପନିର୍ବାଚନ ସମୟରେ ପ୍ରତିପକ୍ଷ ଦଳକୁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଆକ୍ଷେପ କରିଛନ୍ତି। ଏହା ଏକ ଶସ୍ତା ରାଜନୀତି। ମହାନଦୀ ଜଳ ବିବାଦକୁ ନେଇ ବାଚସ୍ପତିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ସେତେବେଳେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କ ଏହି ସମସ୍ୟାକୁ ଅଗ୍ରାହ୍ୟ କରିଥିଲେ। ଏଥିରୁ ଲୋକେ ବୁଝିଯିବା ଦରକାର ଯେ, କୁମ୍ଭୀର କାନ୍ଦଣା କଂଗ୍ରେସ ନା ଭାଜପା କରୁଛି। ପ୍ରକୃତରେ ମହାନଦୀ ସମସ୍ୟାକୁ ନେଇ କେବଳ ଭାଜପା ନୁହେଁ ବିଜେଡି ମଧ୍ୟ ହାତ ମିଳାଇ ହୀନ ରାଜନୀତି କରୁଛି। ଓଡିଶାରେ ମହାନଦୀକୁ ଶୁଖେଇ ଦେବା ପାଇଁ ଷଡଯନ୍ତ୍ର କରୁଛନ୍ତି ବୋଲି ସେ ଗୁରୁତର ଅଭିଯୋଗ କରିଥିଲେ। ସମସ୍ୟାକୁ ନେଇ କଂଗ୍ରେସ ଦଳ ପ୍ରଥମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଚିଠି ଦେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ପରେ ବିରୋଧୀଦଳ ନେତା ଭାବେ ସେତେବେଳେ ସେ ନିଜେ ସର୍ବଦଳୀୟ ବୈଠକ ଆହ୍ୱାନ କରିଥିଲେ। ଉକ୍ତ ବୈଠକରେ ବିଜେଡି, ଭାଜପା ସହ ୧୬ଟି ରାଜନୈତିକ ଦଳ, ବିଶେଷଜ୍ଞ, ବୁଦ୍ଧିଜୀବୀ ଏବଂ ଏନଜିଓ ପ୍ରତିନିଧି ଭାଗନେଇ ଏକତାର ବାର୍ତ୍ତା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦୁଇଟି କମିଟି ଗଠନ କରାଯାଇଥିଲା। କିନ୍ତୁ ଦିନ ପରେ ଦିନ ଗଡିବା ପରେ ମଧ୍ୟ ଉକ୍ତ କମିଟି ବୈଠକ ଡକାଗଲା ନାହିଁ। ଓଡିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ କଂଗ୍ରେସର ଏକ ପ୍ରତିନିଧି ଦଳ ଛତିଶଗଡ ଯାଇଥିଲା। ତେବେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ବର୍ତ୍ତମାନ ମଧ୍ୟ ସମୟ ଅଛି ଓଡିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ମହାନଦୀ ଜଳ ସମସ୍ୟାକୁ ନେଇ କେନ୍ଦ୍ର ସରକାର, ଛତିଶଗଡ ସରକାର ଏବଂ ରାଜ୍ୟର ସମସ୍ତ ରାଜନୈତିକ ଦଳଙ୍କୁ ବିଶ୍ୱାସକୁ ନେଇ ଆଲୋଚନା ବାଟ ଫିଟାନ୍ତୁ।



ଖବରଦାତା ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର।

# ମୁକ୍ତ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ




**କଟକ ଅଫିସ, ୨୬।୫**

**ବ୍ରଜରାଜନଗର ଉପନିର୍ବାଚନ ପାଇଁ ଡିଜିପିଙ୍କ ସମୀକ୍ଷା**

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଉପନିର୍ବାଚନ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ସୁନୀଲ ବଂଶଲ ଅଧ୍ୟକ୍ଷତା କରି ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ନିର୍ବାଚନ ଆଚରଣବିଧି ଏବଂ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ କରିବାକୁ ସେ କହିଥିଲେ। ନିର୍ବାଚନ ପ୍ରଚାର କରିବାକୁ ଆସୁଥିବା ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଡିଜିପି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୧୧୦/୧୦୭ ସିଆର୍‌ପିସିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ, ବେଆଇନ ଅସ୍ତ୍ରଶସ୍ତ୍ର ଓ ମଦ ଜବତ ଏବଂ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏଡିଜି (ଆଇନଶୃଙ୍ଖଳା) ଆର୍. କେ. ଶର୍ମା ଯୋଗଦେଇ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି, ଫୋର୍ସ ମୁତୟନ, ମୋବାଇଲ ସ୍କ୍ୱାଡ, ଫ୍ଲାଇଂ ସ୍କ୍ୱାଡର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ସମ୍ବେଦନଶୀଳ ସ୍ଥାନରେ ନାକାବନ୍ଦୀ କରି ଯାଞ୍ଚ କରିବାକୁ କହିଥିଲେ। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଯୋଗଦେଇ ଉପନିର୍ବାଚନ ସହିତ ସମ୍ପୃକ୍ତ ଥିବା ଗୋଇନ୍ଦା ତଥ୍ୟ ସମ୍ପର୍କରେ କହିଥିଲେ। ସୂଚନାଯୋଗ୍ୟ, ଉପନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପ୍ତ କରିବାକୁ ୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ, ୧୨ ପ୍ଲାଟୁନ୍ ଓଏସ୍‌ଏପି, ୨୫ ମୋବାଇଲ ପାଟ୍ରୋଲିଂ ପାର୍ଟି, ୬ ଫ୍ଲାଇଂ ସ୍କ୍ୱାଡ, ୧୦ ଏସ୍‌ଏସ୍‌ଟି ସମେତ ଜିଲାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା କହିଥିଲେ।

# ସବୁଠାରୁ ବଡ଼ ଦୁର୍ନୀତି ବିଦ୍ୟୁତ୍: ଭାଜପା

**ଭୁବନେଶ୍ୱର,୨୬।୫(ବ୍ୟୁରୋ):**

ମାର୍ଚ୍ଚ ଶେଷ ସୁଦ୍ଧା ୧୬୮ ମିଲିୟନ ଟନ୍ କୋଇଲା ଉତ୍ପାଦନ କରି ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ହେଲେ ଓଡ଼ିଶାର ସବୁଠାରୁ ବଡ଼ ଦୁର୍ନୀତି ହେଉଛି ବିଦ୍ୟୁତ୍। ବିଦ୍ୟୁତ ସଂସ୍କାର ଆଣିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ମାତ୍ର ବର୍ତ୍ତମାନ ଏହି ସଂସ୍କାର ନାମରେ କୋଟି କୋଟି ଟଙ୍କା ଉପଭୋକ୍ତାଙ୍କଠାରୁ ଲୁଟ୍ କରାଯାଉଛି ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି, ଓଡ଼ିଶାରୁ ଜମି, କୋଇଲା, ପାଣି ନେବା ସହ ରାଜ୍ୟକୁ ପ୍ରଦୂଷିତ ମଧ୍ୟ କରାଯାଉଛି। ବିଭିନ୍ନ କମ୍ପାନୀ ଓଡ଼ିଶାରୁ ସବୁ ସମ୍ପଦ ନେଇ ମଧ୍ୟ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଉ ନାହାନ୍ତି। ୧୯୯୯ରେ ଯେତେବେଳେ ନବୀନ ବାବୁ କ୍ଷମତାକୁ ଆସିଲେ ସେବେଠାରୁ ଆଜି ପର୍ଯ୍ୟନ୍ତ ସାଧାରଣ ଗ୍ରାହକଙ୍କ ପାଇଁ ୧୩୭% ବିଦ୍ୟୁତ ଶୁଳ୍କ ବୃଦ୍ଧି ଘଟିଛି। ଏପ୍ରିଲ-ମେ ମାସରେ ଗ୍ରାମାଞ୍ଚଳରେ ୪ ଘଣ୍ଟା ୧୦ ମିନିଟ୍ ଏବଂ ସହରାଞ୍ଚଳରେ ୧ ଘଣ୍ଟା ୧୦ମିନିଟ୍ ବିଦ୍ୟୁତ୍ କାଟ ହେଉଛି। ବିଜେଡି ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସୃଷ୍ଟି କରିଥିବା ଏହି କୃତ୍ରିମ ବୈଷମ୍ୟ ଉପରେ ମତଦିଅନ୍ତୁ ବୋଲି ସେ କହିଛନ୍ତି।

# ୪ର୍ଥ ରାଜ୍ୟ ସଭା ଆସନ ଲାଗି ବିଜ୍ଞପ୍ତି

**ବିଜେଡିର ୧୨କୁ ମିଶାଇ ମୋଟ୍ ଗଲାଣି ୧୫ ସେଟ୍ ନାମାଙ୍କନ ପତ୍ର**

**ଭୁବନେଶ୍ୱର,୨୬।୫ (ବ୍ୟୁରୋ):** ରାଜ୍ୟ ସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁବାସ ସିଂ କଟକ ମେୟର ହେବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହି କାରଣରୁ ଖାଲି ପଡ଼ିଥିବା ଏହି ଆସନ ସକାଶେ ଗୁରୁବାରଠାରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବା ବେଳେ ଏହା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ରେ ଯାଞ୍ଚ ହେବ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଆବଶ୍ୟକ ପଡ଼ିଲେ ୧୩ ତାରିଖରେ ଭୋଟିଂ ହେବ। ଏହା ପୂର୍ବରୁ ୩ଟି ରାଜ୍ୟ ସଭା ଆସନରେ ଭୋଟ୍ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ୩ ଆସନ ଲାଗି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ତାହା ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ। ସୂଚନା ମୁତାବକ, ବିଜେଡି ୪ଟି ଆସନ ପାଇଁ ୧୨ ସେଟ୍ ନାମାଙ୍କନ ପତ୍ର ନେଇସାରିଛି। ସେହିପରି ସ୍ୱାଧୀନ ଭାବେ ଭୁବନେଶ୍ୱର ମଧୁସୂଦନ ନଗର ଅଞ୍ଚଳର ଡ. ଅକ୍ଷୟ କୁମାର ବାରିକ ୨ ସେଟ୍ ନାମାଙ୍କନ ପତ୍ର ନେଇଥିବା ବେଳେ ଦେବୀପ୍ରସାଦ ବାହାଲିଆ ଗୋଟିଏ ସେଟ୍ ନାମାଙ୍କନ ପତ୍ର ଗ୍ରହଣ କରିଛନ୍ତି।

# ବିଜେଡିର ମହିଳା ସମାବେଶ



**ବ୍ରଜରାଜନଗର, ୨୬।୫(ଡି.ଏନ.ଏ.)**

ସ୍ଥାନୀୟ ଠାକୁର ପଡାଠାରେ ଗୁରୁବାର ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ଜିଲା ମହିଳା ମୋର୍ଚ୍ଚା ସଂଯୋଜିକା ଦୀପାଳି ଦାସଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଓ ମନ୍ତ୍ରୀ ପ୍ରତାପ ଜେନା ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ଉପରେ ଦେଉଥିବା ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଜନାବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପ୍ରମିଳା ମଲ୍ଲିକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ ବ୍ରଜରାଜନଗର ଅଞ୍ଚଳର ଦଳୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ଏହି ଉପନିର୍ବାଚନରେ ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ଜିତାଇବା ପାଇଁ ନେତାମାନେ ନିବେଦନ କରିଥିଲେ।

# ୫ ଜୋନ୍, ବିଭିନ୍ନ ଜିଲାର ପ୍ରଭାରୀଙ୍କ ନାଁ ଘୋଷଣା କଲା ଭାଜପା

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ୫ଟି ଜୋନ୍ ଏବଂ ବିଭିନ୍ନ ଜିଲା ପାଇଁ ପ୍ରଭାରୀଙ୍କ ନାଁ ଘୋଷଣା କରିଛନ୍ତି। ପୂର୍ବ ଓଡ଼ିଶା ପାଇଁ ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ଉତ୍ତର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ଦକ୍ଷିଣ ଓଡ଼ିଶା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ମଧ୍ୟ ଓଡ଼ିଶା ଦୁର୍ଗାପ୍ରସନ୍ନ ନାୟକ ଏବଂ ପଶ୍ଚିମ ଓଡ଼ିଶା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତା ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲା ପ୍ରଭାରୀ ଭାବେ କଟକ ସିଟି- ମହେଶ୍ୱର ଦାସ, କଟକ ସଦର- ନୃସିଂହ ସାହୁ, କେନ୍ଦ୍ରାପଡ଼ା-ଜଗନ୍ନାଥ ସ୍ୱାଇଁ, ଜଗତସିଂହପୁର- ଅମ୍ବିକା ସାମଲ, ପୁରୀ- ପ୍ରଶାନ୍ତ ନାୟକ (ବନି), ନୟାଗଡ଼ - ସଂଗ୍ରାମ କେଶରୀ ନାୟକ, ଖୋର୍ଦ୍ଧା - ସୁକୁମାର ସାହୁ, ଭୁବନେଶ୍ୱର-ସୁବାସ ଜେନା, ଯାଜପୁର-ଦୁର୍ଗା ପ୍ରସନ୍ନ ନାୟକ, ବାଲେଶ୍ୱର-ଉମାକାନ୍ତ ଦାସ, ଭଦ୍ରକ- ଜଗଦୀଶ ପ୍ରଧାନ, ବାରିପଦା-ସିଦ୍ଧାର୍ଥ ଶଙ୍କର ପତି, ରାଇରଙ୍ଗପୁର - ଚର୍ଚ୍ଚିଲ ମହାକୁଡ, କେନ୍ଦୁଝର - ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, କଳାହାଣ୍ଡି - ରାମଚନ୍ଦ୍ର ବେହେରା, କୋରାପୁଟ - ବୀରଭଦ୍ର ଆଚାରି, ମାଲକାନଗିରି- ବଳରାମ ସୁବୁଦ୍ଧି, ରାୟଗଡ଼ା- ମୃତ୍ୟୁଞ୍ଜୟ ମହାରଣା, ନବରଙ୍ଗପୁର - ବିଜୟ ସାମଲ, ଗଞ୍ଜାମ- ଗୋପାଳକୃଷ୍ଣ ଗୌଡ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପ୍ରଚାରରେ ହଜିଯାଉଛି ସମସ୍ୟା

**ଝାରସୁଗୁଡ଼ା ଅଫିସ୍,୨୬।୫**

**ବ୍ରଜରାଜନଗର ଉପନିର୍ବାଚନ**

ସମସ୍ୟା ବହୁଳ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଆସନ୍ତା ୩୧ତାରିଖରେ ଉପନିର୍ବାଚନ ହେବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରଚାର ଜୋରଦାର ଚାଲିଛି। ବିଭିନ୍ନ ଦଳର ନେତା, ମନ୍ତ୍ରୀ, ଷ୍ଟାର ପ୍ରଚାରକ ରୋଡ୍ ଶୋ, ସଭାସମିତି କରୁଛନ୍ତି। ଅଞ୍ଚଳରେ ବହୁବିଧ ସମସ୍ୟା ଲାଗିରହିଥିବାବେଳେ ପ୍ରଚାର ମଧ୍ୟରେ ଏହା ଯେପରି ହଜିଯାଉଥିବା ଦେଖିବାକୁ ମିଳୁଛି।

ନିର୍ବାଚନ ଆସିଲେ ଲୋକେ ଜନପ୍ରତିନିଧିଙ୍କୁ ଜବାବ ମାଗିବେ ବୋଲି ମନରେ ଭାବନା ରଖିଥିଲେ। ହେଲେ ନେତାମାନେ ଫମ୍ପା ପ୍ରତିଶ୍ରୁତି ଦେଇ ଲୋକଙ୍କ ଭାବନାକୁ ଦୂରେଇ ଦେବାପାଇଁ ସକ୍ଷମ ହେଉଛନ୍ତି। ଫଳରେ ସମସ୍ୟା ସମାଧାନ ହେବା ଆଶା ମଉଳିଯାଉଛି। ନିର୍ବାଚନ ଆସିଲେ ଲୋକେ ନିଜର ସମସ୍ୟାକୁ ନେଇ ଭୋଟ୍ ବର୍ଜନ ଧମକ ଦେଇଥାନ୍ତି। ଏପରି ସମୟରେ ନେତା ଓ ପ୍ରଶାସନିକ ଅଧିକାରୀ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ସମାଧାନର ପ୍ରତିଶ୍ରୁତି ଚତୁରତାର ସହ ଆନ୍ଦୋଳନ ଟାଳିଦେଇଥାନ୍ତି। ପରେ ନେତାମାନେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରନ୍ତି ନାହିଁ କି ଅଞ୍ଚଳର ସମସ୍ୟା ସମାଧାନ ହୁଏନାହିଁ। ଅଞ୍ଚଳରେ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଲୋକଙ୍କ ସମସ୍ୟା, ଏମ୍‌ସିଏଲ୍ କୋଇଲା ଖଣି ଓ ଓପିଜିସି ଆଦି ବିଭିନ୍ନ କଳକାରଖାନା ଦ୍ୱାର ବାରମ୍ବାର ବିସ୍ଥାପିତ, ଲଖନପୁର ବ୍ଲକ୍ ବିଭାଜନ, ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ଆଦି ବହୁ ସମସ୍ୟା ରହିଛି। ଏ ନେଇ ଭୋଟ୍ ବର୍ଜନ ପାଇଁ ଲୋକେ ଚେତାବନୀ ଦେଇଥିବା ନଜିର ରହିଛି। ଏଥିମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ନିକଟରେ ବଖାଣି ଭୂଆଁ ବୁଲାଉଛନ୍ତି। ଫଳରେ ନେତାମାନେ ପ୍ରଚାର କରୁଥିବାବେଳେ ଲୋକଙ୍କ ପ୍ରଶ୍ନବାଣରେ ଶିକାର ହେଉଥିବା ଦେଖିବାକୁ ମିଳୁଛି।



## ସଂକ୍ଷେପରେ

### କୋଭିଡ୍ ଯୋଦ୍ଧାଙ୍କ ପରିବାରଙ୍କୁ ମିଳିଲା ଆର୍ଥିକ ସହାୟତା



ବ୍ରହ୍ମପୁର ଅଫିସ,୨୬।୫-ବ୍ରହ୍ମପୁର ପୋଲିସ ଜିଲାରେ କୋଭିଡ୍ -୧୯ ସଂକ୍ରମଣ ସମୟରେ କାର୍ଯ୍ୟରତ ଜଣେ ପୋଲିସ କର୍ମଚାରୀଙ୍କର କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ଘଟିଥିଲା। ସେ ହେଲେ ବ୍ରହ୍ମପୁର ପୋଲିସ ଜିଲା ଅଧୀନରେ ଥିବା ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ତତ୍କାଳୀନ ଗୃହରକ୍ଷୀ ଏସ୍.ଆର. ନରସିଂହ ଦାସ। ରାଜ୍ୟ ସରକାର ଘୋଷଣା କରିଥିଲେ, ଯଦି କୌଣସି ସରକାରୀ କର୍ମଚାରୀଙ୍କର କୋଭିଡ୍ ଡ୍ୟୁଟିରେ ଥାଇ ମୃତ୍ୟୁ ଘଟେ ତେବେ ତାଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହି ଆଧାରରେ ଗୁରୁବାର ବ୍ରହ୍ମପୁର ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରବଣା କୁମାର ଏମ. ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରଦାନ କରାଯାଇଥିବା ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି କୋଭିଡ୍ ଯୋଦ୍ଧାଙ୍କ ପରିବାରବର୍ଗ ଯଥା ଏସ.ଆର . ନରସିଂହ ଦାସଙ୍କ ସ୍ତ୍ରୀ ଅନୁରାଧା ଦାସ ଓ ପୁତ୍ର ବିକ୍ରମ ଦାସଙ୍କୁ ପ୍ରଦାନ କରିଛନ୍ତି।

### ଦୁର୍ଘଟଣାରେ ବାଇକ ଚାଳକ ମୃତ

ଦିଗପହଣ୍ଡି,୨୬।୫(ଡି.ଏନ.ଏ.)-ଦିଗପହଣ୍ଡି - ତପ୍ତପାଣି ୩୨୬ ନଂ ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମ ଆଦର୍ଶ ବିଦ୍ୟାଳୟ ନିକଟରେ ଗୁରୁବାର ଏକ ଯାତ୍ରୀବାହୀ ବସ (ନଂ ଓଡି ୦୨ ବିଟି - ୨୫୪୦) ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗଜପତି ଜିଲା ରାମଗିରି ପାତ୍ର ସାହିର ଗୋପୀନାଥ ପ୍ରଧାନ। ସରକାରୀ ବସ୍‌ଟି ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ଗୋପୀନାଥ ବାଇକ (ନଂ ଓ ଡି ୦୭ ଏଲ ୧୮୩୮) ଯୋଗେ ଗାଁକୁ ଫେରୁଥିଲେ। ବସ ଧକ୍କାରେ ଘଟଣାସ୍ଥଳରେ ଗୋପୀନାଥଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ସରକାରୀ ବସ ଏବଂ ବାଇକକୁ ଜବତ କରି ତଦନ୍ତ ଚଳାଇଛି। ବସ ଚାଳକ ଫେରାର ଥିବା ପୋଲିସ କହିଛି।

### ମରଣାନ୍ତକ ଆକ୍ରମଣ ମାମଲାରେ ୪ ଗିରଫ

ଗୋପାଳପୁର,୨୬।୫(ଡି.ଏନ.ଏ.)-ଜଣେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଗୋପାଳପୁର ଥାନା ପୋଲିସ ଗୁରୁବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ମେଡିକାଲ କଲୋନୀର ସ୍ୱାଧୀନ ମହାପାତ୍ର, କାହ୍ନୁଚରଣ ସ୍ୱାଇଁ, ଅନନ୍ତ କୁମାର ବେହେରା ଓ ଶିବ ଶଙ୍କର ରେଡ୍ଡୀ ବୋଲି ପୋଲିସ ସୂଚନା ଦେଇଛି। ଖବର ଅନୁସାରେ ଆସ୍କା ଥାନା ଅଞ୍ଚଳର ଦୀପକ କୁମାର ପାଣିଗ୍ରାହୀ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। ଗତ ୨୫ରେ ସେମିଷ୍ଟର ପରୀକ୍ଷା ନିମନ୍ତେ ଡୁରା କଲେଜରେ ପରୀକ୍ଷା ଦେଇ ଫେରୁଥିବା ବେଳେ ପୂର୍ବାହ୍ନରେ ହଠାତ ସ୍ୱାଧୀନ, ଶିବ, ଅନନ୍ତ ଓ କାହ୍ନୁ ତାଙ୍କୁ ରାସ୍ତାରେ ଅଟକାଇ ଖର୍ଚ୍ଚ ପାଇଁ ଟଙ୍କାଦେବାକୁ ବାଧ କରିଥିଲେ। ଏଥିରେ ଦୀପକ ରାଜି ନ ହେବାରୁ ୪ ଜଣ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଭାବେ କାଠ ଫାଳିଆରେ ଆକ୍ରମଣ କରି ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇ ନିସ୍ତୁକ ମାଡ଼ ମାରି ଚମ୍ପଟ ମାରିଥିଲେ। ଏନେଇ ଦୀପକ ବୁଧବାର ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ନମ୍ବର ୯୭/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସ୍ୱାଧୀନ, ଶିବ, କାହ୍ନୁ ଓ ଅନନ୍ତକୁ ଗିରଫ କରି ଅପରାହ୍ନରେ ପୋଲିସ କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

### ଅଧିକାରୀଙ୍କୁ ମାଡ଼ ମାରି ପିଅନ ଗିରଫ

ଆସିକା,୨୬।୫(ଡି.ଏନ୍.ଏ.)-ଆସିକା ପ୍ରାଣୀଧନ ଚିକିତ୍ସାଳୟର ଜଣେ ପିଅନ ବିଭାଗୀୟ ପ୍ରାଣୀ ଚିକିତ୍ସକଙ୍କୁ ଗାଳିଗୁଲଜ କରିଥିବା ଓ ମାଡ଼ ମାରିଥିବା ଅଭିଯୋଗରେ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରବିନ୍ଦ୍ର ବେହେରା। ତାଙ୍କ ବିରୋଧରେ ଆସିକା ଥାନାରେ ନଂ,୨୫୧/୨୨ରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ଅଭିଯୁକ୍ତ ଜଣକ ସଂପୃକ୍ତ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା।

# ସିଲ୍ ହେଉନି ବିପଦପୂର୍ଣ୍ଣ ପେଟ୍ରୋଲ ପମ୍ପ, ଗ୍ୟାସ୍ ଡିପୋ

## ନୋଟିସ୍‌ରେ କାର୍ଯ୍ୟାନୁଷ୍ଠାନ ସୀମିତ

ଛତ୍ରପୁର,୨୬।୫(ଡି.ଏନ.ଏ)

ଗଞ୍ଜାମ ଜିଲାରେ କେତେକ ପେଟ୍ରୋଲ ପମ୍ପ ଓ ଗ୍ୟାସ ଡିପୋ ଏବଂ ଗୋଦାମ ବିପଦପୂର୍ଣ୍ଣ ଭାବେ ରହିଛି । ଉକ୍ତ ସ୍ଥାନଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଫଳରେ କେତେବେଳେ ଯେ ବିପଦ ଘଟିବ ତାହା କହିହେବନି। ଅଗ୍ନିଶମ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହିଁ। କେବଳ ବିପଦପୂର୍ଣ୍ଣ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ପେଟ୍ରୋଲ ପମ୍ପ ଓ ଗ୍ୟାସ ଡିପୋ ଓ ଗୋଦାମଗୁଡିକୁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ଅଗ୍ନି ନିରାପତ୍ତା ବ୍ୟବସ୍ଥା କରା ନ ଯିବା ପର୍ଯ୍ୟନ୍ତ ଉକ୍ତ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଗୋଦାମଗୁଡ଼ିକୁ ସିଲ୍ କରାଯିବା କଥା। ମାତ୍ର ସେଭଳି କିଛି ପଦକ୍ଷେପ ନିଆଯାଇନି। ଦୈନିକ ଲୋକେ ସେଠାକୁ ଯାଉ ଥିବାରୁ ବିପଦ ଆଶଙ୍କା ରହୁଛି । ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ସବୁକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ମିଳିବା ଯାଏଁ ବନ୍ଦ ରଖିବା ଆବଶ୍ୟକ ବୋଲି ଦାବି ହେଉଛି । ନିୟମିତ ଅଗ୍ନିଶମ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ, ଗ୍ୟାସ୍ ଡିପୋ ଓ ମଲ୍‌ଗୁଡ଼ିକର ଯାଞ୍ଚ ମଧ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲାରେ ଏସବୁ ସ୍ଥାନରେ ଯାଞ୍ଚ ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଛତ୍ରପୁର ଅଗ୍ନିଶମ ଜିଲା ଅଧୀନରେ ଥିବା ସମସ୍ତ ଗ୍ୟାସ୍ ଡିପୋ, ପେଟ୍ରୋଲ ପମ୍ପ ଗୁଡିକର ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ୮ଟି ପେଟ୍ରୋଲ ପମ୍ପ ଓ ୬ଟି ଗ୍ୟାସ୍ ଡିପୋର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିଲା କି ସେମାନଙ୍କ ନିକଟରେ କୌଣସି ପ୍ରମାଣପତ୍ର ନଥିଲା । ଏନେଇ ସମ୍ପୃକ୍ତ ପେଟ୍ରୋଲ ପମ୍ପ ଓ ଗ୍ୟାସ ଡିପୋର ମାଲିକଙ୍କୁ ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି ହୋଇଥିଲା । ମାତ୍ର ଏହି ନୋଟିସ୍‌କୁ ୧୫ ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ହେଁ ବିପଦ ଦୂର ହୋଇ ନଥିବା ଜଣାପଡିଛି । ଏ ସମ୍ପର୍କରେ ଛତ୍ରପୁର ଫାୟାର ଅଫିସର ବିଶ୍ୱନାଥ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ଦୁଇଟିକୁ ଛାଡି ଅନ୍ୟମାନେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ଆବେଦନ କରିଥିବା କହିଛନ୍ତି। ଅଗ୍ନି ନିରାପତ୍ତା ପାଇଁ ନିୟମ ଅନୁସାରେ ସମସ୍ତ ବ୍ୟବସ୍ଥା ଥିବା ଯାଞ୍ଚରେ ମିଳିଲେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଗାଁକୁ ରାସ୍ତା ନ ଥିବାରୁ ଦୋଳାରେ ବୁହା ହେଲେ ରୋଗୀ



ରୋଗୀଙ୍କୁ ଦୋଳାରେ ବୋହି ନିଆଯାଉଛି।

ଆର.ଉଦୟଗିରି,୨୬।୫(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକର ସ୍ଥାନୀୟ ପଞ୍ଚାୟତଠାରୁ ମାତ୍ର ୪ କି.ମି. ଦୂରରେ ଥିବା ଗ୍ରାମକୁ ଦୁଇ କି.ମି. ରାସ୍ତା ନ ଥିବାରୁ ଗ୍ରାମବାସୀ ବହୁବାର ଅଭିଯୋଗ କରି ଆସିଛନ୍ତି । ହେଲେ କୌଣସି ସୁଫଳ ମିଳିନି। ଯାହା ଦ୍ୱାରା ଗତ ବର୍ଷ ଡିସେମ୍ବରରେ ଝିପି ଝିପି ବର୍ଷାରେ ପ୍ରସବ ମହିଳା ଓ ନବଜାତ ଶିଶୁକୁ ଖଟିଆରେ ବୋହି ଆଣିଥିଲେ ଲୋକେ। ତା ସତ୍ତ୍ୱେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗିଲା ନାହିଁ। ବୁଧବାର ଗ୍ରାମର ସେବତୀ ମଳିକ (୫୫) ଘରେ ପଡି ଯାଇ ଅଣ୍ଟାରେ ଆଘାତ ଲାଗିବାରୁ ଗ୍ରାମବାସୀ ଦୋଳା କରି ପାହାଡିଆ ରାସ୍ତାରେ ଦୁଇ କି.ମି. ବୋହି ଆଣି ଏକ ଅଟୋରେ ମୋହନା ମେଡ଼ିକାଲକୁ ଆଣିଥିଲେ। ସେବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି।

# ୧୯ ଓ ୨୦ ନଂ. ୱାର୍ଡ ଦେଖିଲେ ମେୟର ଓ କମିଶନର

ବ୍ରହ୍ମପୁର ଅଫିସ୍,୨୬।୫

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ୧୯ ଓ ୨୦ ନଂ ୱାର୍ଡକୁ ଗୁରୁବାର ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ୧୯ ନଂ. ୱାର୍ଡରେ ଥିବା ରାସ୍ତା ଓ ଡ୍ରେନ୍ ଦେଖିଥିଲେ। ଉକ୍ତ ୱାର୍ଡସ୍ଥିତ ପାତ୍ରପେଟା ସାହିଠାରେ କଲ୍ୟାଣ ମଣ୍ଡପ ନିମନ୍ତେ ବହୁ ଦିନରୁ ଦାବି ହୋଇ ଆସୁଥିବା ବେଳେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଉଭୟ ମେୟର ଓ କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ୱାର୍ଡର କର୍ପୋରେଟର କାଦମ୍ବିନୀ ଦାଶ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଏ ନେଇ କମିଶନର ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇ ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ଏହାପରେ ମେୟର ଓ କମିଶନର ୨୦ ନଂ. ୱାର୍ଡ ବୁଲି ଦେଖିଥିଲେ। ଏହି ୱାର୍ଡ ସ୍ଥିତ ମହାମାୟୀ ମହାବିଦ୍ୟାଳୟ ରାସ୍ତା, ରାଧାକୃଷ୍ଣ ମନ୍ଦିର ସ୍ଥିତ ରାସ୍ତା ନିର୍ମାଣ ଓ ନଳକୂପଗୁଡିକର ମରାମତି ନିମନ୍ତେ କର୍ପୋରେଟର ରଞ୍ଜିତା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ସରିଛି, କାର୍ଯ୍ୟ ଆରମ୍ଭ ହେବ ବୋଲି କମିଶନର କହିଥିଲେ। ଏଥିସହ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦେବା ପାଇଁ କର୍ପୋରେଟର ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ, ନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧିଙ୍କ ସମେତ ରୋହିତ ଦାଶ, ତେଜେଶ୍ୱର ସ୍ୱାମୀ ଓ ବିଏମସିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମେୟର ଓ କମିଶନର ୱାର୍ଡ ବୁଲି ଦେଖୁଛନ୍ତି।

## କାର ଧକ୍କାରେ ଗାଈ ମୃତ ଯାତ୍ରୀ ସୁରକ୍ଷିତ, କାର ଚୂରମାର

ବ୍ରହ୍ମପୁର ଅଫିସ,୨୬।୫

ବ୍ଲାକସ୍ପଟ ଭାବେ ପରିଚିତ ଜାତୀୟ ରାଜପଥ – ୧୬ ଲାଞ୍ଜିପଲ୍ଲୀରେ ଗୁରୁବାର ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଏକ ଗାଈର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଡ୍ରାଇଭର ସମେତ ୩ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଗୋ ସୁରକ୍ଷା ସମିତିର କର୍ମୀମାନେ ସେଠାରେ ପହଞ୍ଚି ପୋଲିସ ଓ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍‌କୁ ଖବର ଦେଇଥିଲେ। ଟିମ ପହଞ୍ଚି ରାସ୍ତାରୁ ଗାଈଟିକୁ ଉଠାଇ ନେଇଥିଲେ। ଅନ୍ୟପଟେ ଟ୍ରାଫିକ ପୋଲିସ ଦୁର୍ଘଟଣା ପରେ ଚୁରମାର ହୋଇଥିବା କାରଟିକୁ ଥାନାକୁ ନେଇଥିଲା। ପ୍ରକାଶ ଯେ, କାର ଚାଳକ ବାବୁଲା ଗୌଡ଼ ଗାଡି (ନଂ ଓଡ଼ି ୦୨ ବିଏଲ –୫୬୭୮)ରେ ପୁରୁଷୋତ୍ତମପୁର ବୁଡାଆମ୍ବରୁ ଦୁଇଜଣ ଲୋକଙ୍କୁ ନେଇ ଚିକିତ୍ସା ପାଇଁ ବିଶାଖାପାଟଣା ଯାଉଥିଲେ। ଉକ୍ତ କାର ଭିତରେ ଚାଳକ ବ୍ୟତୀତ କାହ୍ନା ରାଉଳ ଓ ହରିଷ ପାତ୍ର ବସିଥିଲେ। ଜାତୀୟ ରାଜପଥରେ ଅତି ବେଗରେ ଯାଉଥିବା କାର ପ୍ରଥମେ ଏକ ଗାଈକୁ ଧକ୍କା ଦେଇଥିଲା। ପରେ ନିକଟସ୍ଥ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟଟି ଦୁଇ ଖଣ୍ଡ ହୋଇଯାଇଥିଲା। ପରେ ରାସ୍ତା କଡ଼କୁ ଖସି କାରଟି ଚୁରମାର ହୋଇଯାଇଥିଲା। ହେଲେ କାର ଭିତରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଥିବା ବେଲୁନ ଯୋଗୁଁ ସମସ୍ତ ଯାତ୍ରୀ ଏକ ନଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ବୋଲି ପୋଲିସ କହିଛି। ଅନ୍ୟପଟେ ଥାନାରେ ଏନେଇ ଏକ ଷ୍ଟେଶନ ଡାଇରୀ କରାଯାଇଛି ବୋଲି ଥାନାଧିକାରୀ ସୁନୀଲ ବେହେରା କହିଛନ୍ତି।

# ନାବାଳିକା ଅପହରଣ ଘଟଣା, ଯୁବକ କୋର୍ଟଚାଲାଣ

କାଶୀନଗର,୨୬।୫

ଗଜପତି ଜିଲା କାଶୀନଗର ଥାନା ହାଡୁଭାଙ୍ଗି ପଞ୍ଚାୟତ ଅଞ୍ଚଳର ଜନୈକ ନାବାଳିକ ତାଙ୍କ ଆଈ ପାଖରେ ରହି ଆସୁଥିଲେ। ଆନ୍ଧ୍ରପ୍ରଦେଶ ଦାଭିଲି ଥାନା ନୋକାଲଯୋଡୁ ଗ୍ରାମର ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। କାଶୀନଗର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକାଙ୍କ ଆଈ ଏସ. କାନ୍ତାମ୍ମାଙ୍କ ଏତଲା ପ୍ରକାରେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନଂ ୫୫/୨୨ରେ ଅପହରଣ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ସୋଲାର ଶକ୍ତି ସମ୍ପର୍କରେ ମୁମ୍ବାଇ ଆଇଟିଆଇ ପ୍ରଫେସରଙ୍କ ପରାମର୍ଶ

ବ୍ରହ୍ମପୁର ଅଫିସ୍,୨୬।୫

ବ୍ରହ୍ମପୁର ଆଇଟିଆଇକୁ ଗୁରୁବାର ମୁମ୍ବାଇ ଆଇଟିଆଇ ପ୍ରଫେସର ତଥା ସୋଲାର ମ୍ୟାନ ଚେତନ ସିଂ ସୋଲାଙ୍କି ଗସ୍ତ କରିଛନ୍ତି। ସମଗ୍ର ଭାରତବର୍ଷରେ କିପରି ସୋଲାର ଶକ୍ତିର ସଞ୍ଚାର ହୋଇପାରିବ ଓ ଅଙ୍ଗାରକାମ୍ଳ ଗ୍ୟାସକୁ କିପରି ବାୟୁମଣ୍ଡଳରୁ ବିଲୁପ୍ତ ସହଜ ହେବ ସେହି ପ୍ରୟାସରେ ଏକ ସ୍ୱତନ୍ତ୍ର ଅଭିଯାନରେ ୭ ଜଣିଆ ଟିମ୍ ଆଇଟିଆଇକୁ ଆସିଥିଲା। ଏହି ଟିମ୍ ଆଇଟିଆଇର ମୁକ୍ତାକାଶ ମ୍ୟୁଜିୟମ ପରିଦର୍ଶନ କରିଥିଲା। ଏଥିସହ ଅଡିଟୋରିୟମ୍ ହଲ ପରିସରରେ ଛାତ୍ରୀଛାତ୍ରଙ୍କୁ ଏକ ଭିଡିଓ ମାଧ୍ୟମରେ ଅଙ୍ଗାରକାମ୍ଳ ଗ୍ୟାସ କିଭଳି ବାୟୁମଣ୍ଡଳରେ କମ ପ୍ରଭାବିତ ହେବ ଓ ସୋଲାର ଶକ୍ତି ସମ୍ପର୍କରେ କହିଥିଲେ। ଏଥିରେ ଆଇଟିଆଇ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ଯୋଗ ଦେଇ ଆଇଟିଆଇ, ୟୁସିପି ଓ ପଲିଟେକ୍‌ନିକର ଛାତ୍ରୀଛାତ୍ରଙ୍କୁ ସୋଲାର ଶକ୍ତି ସମ୍ପର୍କରେ ମଧ୍ୟ ବୁଝାଇଥିଲେ। ଏହାପରେ ଟିମ୍ ଆଇଟିଆଇର ସ୍କ୍ରାପ୍ ମ୍ୟୁଜିୟମ୍ ଓ କୋଭିଡ ଇନୋଭେସନ କେନ୍ଦ୍ର ବୁଲି ଦେଖିଥିଲେ। ଆଇଟିଆଇର ସମସ୍ତ କାରୁକାର୍ଯ୍ୟକୁ ଦେଖି ଟିମ୍ ପ୍ରଶଂସା କରିବା ସହ ଏହି ଶିକ୍ଷାନୁଷ୍ଠାନ ଦେଶର ଏକ ଗର୍ବ ଓ ଗୌରବ ବୋଲି କହିଥିଲେ।



ପ୍ରଫେସର ଆଇଟିଆଇର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ବ୍ରହ୍ମପୁର ଆଇଟିଆଇ**

## ପ୍ରିୟଦର୍ଶୀ ପଟ୍ଟନାୟକ ସ୍ମୃତି କ୍ରିକେଟ

# ବ୍ରହ୍ମପୁର ଅଶୋକ ନଗର ଚାମ୍ପିୟନ

ହିଞ୍ଜିଳିକାଟୁ,୨୬।୪(ଡ଼ି.ଏନ୍.ଏ):

ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମ ପରିସରରେ ପ୍ରେସ କ୍ଲବ ହିଞ୍ଜିଳିକାଟୁ ସହଯୋଗରେ ଏମସିସି କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଦିବାରାତ୍ର ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ବ୍ରହ୍ମପୁର ଅଶୋକ ନଗର ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଟିମ୍‌କୁ ପୁରସ୍କାର ରାଶି ସହ ଚାମ୍ପିୟନ ଟ୍ରଫି ଓ ବେଗୁନିଆପଡ଼ା ଏମସିସି ଟିମ୍‌କୁ ରନର୍ସ ଅପ୍ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ବିଜୟୀ ଦଳର ବିଟୁ ମ୍ୟାନ ଅଫ ଦି ଫାଇନାଲ ହୋଇଥିଲେ। ପି. ଗଣେଶ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଙ୍କ ସହ ସମ୍ମାନିତ ଅତିଥି ଭାବେ ନଗରପାଳ ସୁବାସ ଚନ୍ଦ୍ର ପଳେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ, ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡ଼ିଓ ସୁବ୍ରତ କୁମାର ଜେନା, ବିଜେଡ଼ି ନଗର ସଭାପତି ଭୀମସେନ ବେହେରା, ପୂର୍ବତନ ଉପାଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଏମସିସି ସଭାପତି ନିଶିକାନ୍ତ ସାହୁ, ଆସିକା ଏମପିଙ୍କ ରାଜନୈତିକ ସହାୟକ ନୀଳମଣି ପଟ୍ଟନାୟକ, କାଉନସିଲର ବିଭୂପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ। କେଶବ ମହାରଣା ଓ ସତ୍ୟ ପାଣିଗ୍ରାହୀ ମ୍ୟାଚ ପରିଚାଳନା କରିଥିଲେ।



ଜିଲାପାଳ ଓ ଅନ୍ୟ ଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

## ହୁମ୍ମାରୁ ଛାତ୍ର ନିଖୋଜ

ଗଞ୍ଜାମ,୨୬।୫(ଡି.ଏନ.ଏ.)

ଗଞ୍ଜାମ ଜିଲାର ରମ୍ଭା ଥାନା ଅନ୍ତର୍ଗତ ହୁମ୍ମା ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ର ଚନ୍ଦନ ବିଶ୍ୱାଳ ନିଖୋଜ ହୋଇଯାଇଥିବା ଜଣାପଡିଛି। ଏ ନେଇ ଛାତ୍ରଙ୍କ ବାପା ସ୍ଥାନୀୟ ପୋଲିସରେ ପୁଅ ନିଖୋଜ ନେଇ ଲିଖିତ ଭାବେ ଜଣାଇଛନ୍ତି। ଛାତ୍ର ଜଣଙ୍କ ବୁଧବାର ଅପରାହ୍ନ ୪ଟାରେ ହୁମ୍ମା ନୂଆସାହିରୁ ବାହାରି ଆସ୍କା ରୋଡ଼କୁ ଟିଉଶନ ପଢିବା ପାଇଁ ଘରୁ ବାହାରିଥିଲା। କିନ୍ତୁ ଚନ୍ଦନ ଟିଉଶନ ଯାଇ ନ ଥିବା ଶିକ୍ଷକ ଫୋନ କରି ତାର ବାପାଙ୍କୁ ଜଣାଇଥିଲେ। ତାହା ପରଠୁ ଚାରିଆଡ଼େ ଖୋଜାଖୋଜି କରାଯାଉଛି କିନ୍ତୁ ଛାତ୍ର ଜଣଙ୍କର ପତ୍ତା ମିଳୁନି। ସକାଳେ ସ୍ଥାନୀୟ ଲୋକ କହିବା ଅନୁଯାୟୀ ପୁରୀ–ଗୁଣୁପୁର ଟ୍ରେନରେ ବ୍ରହ୍ମପୁର ଅଭିମୁଖେ ସେ ଯାଇଥିବା ତାଙ୍କୁ ଦେଖିଛନ୍ତି।

# ଦୁଇ ଘରୁ ୧୦୪୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଶେରଗଡ,୨୬।୫(ଡି.ଏନ୍.ଏ.)

ଶେରଗଡ ପୋଲିସ ବାଦଗଡ଼ ଗ୍ରାମରେ ଚାଲିଥିବା ଚୋରା ଗଞ୍ଜେଇ କାରବାର ଉପରେ ଚଢ଼ାଉ କରିଛି। ପୋଲିସ ଦୁଇ ଜଣଙ୍କ ଘରୁ ୧୦୪୩ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଦୀପ ପ୍ରଧାନ। ଗୁରୁବାର ଶେରଗଡ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ ଏହି ସୂଚନା ଦେଇଛନ୍ତି। ବାଦଗଡ଼ ଗ୍ରାମର ପ୍ରଦୀପ ପ୍ରଧାନ ଓ ମଣ୍ଟୁ ବିଷୋୟୀଙ୍କ ଘରେ ବିପୁଳ ପରିମାଣର ଗଞ୍ଜେଇ ଥିବା ସୂଚନା ପାଇ ବୁଧବାର ଶେରଗଡ ଥାନାଧିକାରୀ ମନୋଜ କୁମାର ପ୍ରଧାନ ଖବରପାଇ ଏସ୍‌ଡିପିଓ ଓ ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶେରଗଡ ଥାନା ଏସଆଇ ସତ୍ୟବାଦୀ ବେଣିଆ ନେତୃତ୍ୱରେ ଏକ ଟିମ ପ୍ରଦୀପ ଓ ମୁନାଙ୍କ ଘରେ ଚଢ଼ାଉ କରି ଜଣଙ୍କ ଘରୁ ୪୦୬ କିଗ୍ରା ଓ ଆଉ ଜଣଙ୍କ ଘରୁ ୬୩୭ କିଗ୍ରା ଗଞ୍ଜେଇ ଜବତ କରିଥିଲେ। ପ୍ରଦୀପଙ୍କୁ ପୋଲିସ କାବୁ କରିଥିବା ବେଳେ ମଣ୍ଟୁ କେଉଁଆଡ଼େ ପଳାଇଥିଲେ। ତହସିଲଦାରଙ୍କ ଉପସ୍ଥିତରେ ୪୦ବସ୍ତାରେ ଥିବା ମୋଟ ୧୦୪୩କିଗ୍ରା ଗଞ୍ଜେଇକୁ ଜବତ କରାଯାଇଛି। ଏ ନେଇ ନଂ.୧୫୨/୨୨ରେ ମାମଲା ରୁଜୁ କରାଯାଇ ପ୍ରଦୀପଙ୍କୁ ଶେରଗଡ଼ କୋର୍ଟ ଓ ପରେ ଆସିକା ଜେଲକୁ ପଠାଇ ଦିଆଯାଇଛି।

# ଆବର୍ଜନାରେ ବସି ଖାଉଛନ୍ତି ଛାତ୍ରୀଛାତ୍ର

## ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା

ବଲସକୁମ୍ପା,୨୬।୫

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଦେଖା ଦେଇଛି। ଏହି ବିଦ୍ୟାଳୟର ବାସ୍ତବ ଚିତ୍ର ଭିନ୍ନ। ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ବସି ଖାଇବା ପାଇଁ ଭଲ ସୁବିଧା ନ ଥିବାରୁ ଏଣେ ତେଣେ ଖୋଲା ପଡ଼ିଆ ଗଛ ମୂଳେ, ଗୋଡ଼ି ଗଦା ଉପରେ, ଅଳିଆ ଆବର୍ଜନା ପାଖରେ, ଗାଈ ଗୋରୁ କୁକୁର ମେଳରେ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି। ଖରା ବର୍ଷା, ଶୀତ, କାକରରେ ସ୍କୁଲର ଛାତ୍ରୀଛାତ୍ର ଏହି ଭଳି ଖୋଲା ଆକାଶ ତଳେ ବସି ଖାଇବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ସ୍କୁଲର ଅବ୍ୟବସ୍ଥା ଉପରେ ସୁଧାର ଆଣିବାକୁ ଅଞ୍ଚଳବାସି ସମେତ ଅଭିଭାବକମାନେ ଦାବି କରିଛନ୍ତି।



ଖୋଲା ପଡ଼ିଆରେ ଅଳିଆ ଆବର୍ଜନାରେ ବସି ଖାଉଛନ୍ତି ଛାତ୍ରୀଛାତ୍ର।

# ଅନ୍‌ଲାଇନ୍‌ରେ ୱାଶିଙ୍ଗମେଶିନ ବିକ୍ରି, ଠକେଇର ଶିକାର ହେଲେ ମହିଳା

ବ୍ରହ୍ମପୁର ଅଫିସ,୨୬।୫

ଅନ୍‌ଲାଇନରେ ନିଜର ପୁରୁଣା ୱାଶିଙ୍ଗ ମେଶିନ ବିକ୍ରି କରିବାକୁ ଯାଇ ଜଣେ ମହିଳା ୮୮ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ନିଜକୁ ସେନା କର୍ମଚାରୀ ବୋଲି ପରିଚୟ ଦେଇ ସାଇବର ଠକ ଜଣଙ୍କ କୌଶଳକ୍ରମେ ମହିଳାଙ୍କଠାରୁ ଟଙ୍କା ଠକି ନେଇଛି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ଘଟଣା ସାମ୍ନାକୁ ଆସିଛି। ପୋଲିସ ଏବେ ଘଟଣାର ତଦନ୍ତ କରୁଛି।

ସୂଚନାପ୍ରକାରେ, ଶକ୍ତିନଗର ଦ୍ୱିତୀୟ ଲାଇନରେ ରହୁଥିବା ଜନୈକା ମହିଳା ଜଣଙ୍କ ନିଜର ପୁରୁଣା ୱାଶିଙ୍ଗ ମେଶିନକୁ ୧୨ ହଜାର ଟଙ୍କାରେ ବିକ୍ରି କରିବାକୁ ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ସେହି ବିଜ୍ଞାପନ ଦେଖି ଜଣେ ବ୍ୟକ୍ତି ମହିଳାଙ୍କୁ ଯୋଗାଯୋଗ କରିଥିଲା। ବ୍ୟକ୍ତି ଜଣଙ୍କ ହିନ୍ଦିରେ କଥାବାର୍ତ୍ତା କରୁଥିବା ବେଳେ ନିଜକୁ ଜଣେ ସେନା କର୍ମଚାରୀ ବୋଲି ପରିଚୟ ଦେଇଥିଲା। ସେ ପୁରୁଣା ୱାଶିଙ୍ଗ୍ ମେଶିନଟି ୧୨ହଜାର ବଦଳରେ ୧୧୫୦୦ ଟଙ୍କାରେ ମାଗିଥିଲେ। ଏଥିରେ ମହିଳା ଜଣଙ୍କ ବିକ୍ରି କରିବାକୁ ରାଜି ହୋଇଥିଲେ। ତେବେ ଯେହେତୁ ସେ ସେବାବାହିନୀରେ କାମ କରୁଛନ୍ତି ତେଣୁ ସରକାରଙ୍କ ପକ୍ଷରୁ ୱାଶିଙ୍ଗ ମେଶିନ କିଣିବାକୁ ତାଙ୍କୁ ୨୩ ହଜାର ଟଙ୍କାର ଚେକ ମିଳିବ ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ। ସେହିକ୍ରମରେ ମହିଳାଙ୍କୁ ଆଗୁଆ ୧୧୫୦୦ ଟଙ୍କା ମାଗିଥିଲେ। ଏପରିକି ମହିଳାଙ୍କ ସନ୍ଦେହ ଦୂର କରିବାକୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ସିଆରପିଏଫରେ କାର୍ଯ୍ୟରତ ଥିବାର ଏକ ପରିଚୟ ପତ୍ର ଓ ତାଙ୍କ ଆଧାର କାର୍ଡ ମହିଳାଙ୍କ ନିକଟକୁ ପଠାଇଥିଲେ। ଏଥିରେ ମହିଳା ଜଣଙ୍କ ବିଶ୍ୱାସ କରି ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କଆକାଉଣ୍ଟକୁ ଆଗୁଆ ୧୧୫୦୦ ଟଙ୍କା ପଠାଇଥିଲେ। ଏହାପରେ ବ୍ୟକ୍ତି ଜଣଙ୍କ ବିଭିନ୍ନ ବାହାନା କରି ମହିଳାଙ୍କ ଠାରୁ ମୋଟ ୮୮୦୦୦ ଟଙ୍କା ନେଇ ଯାଇଥିଲେ। ତେବେ ବାରମ୍ବାର ଟଙ୍କା ନେଉଥିଲେ ମଧ୍ୟ ତା' ବଦଳରେ ଟଙ୍କା କିମ୍ବା ଚେକ ପଠାଉନଥିବାରୁ ମହିଳା ଜଣଙ୍କ ସନ୍ଦେହ କରିବା ସହ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବା ପରେ ନଂ ୫/୨୨ରେ ଏକ ମାମଲା ରୁଜୁ ହୋଇଛି। ସାଇବର ଥାନା ପୋଲିସ ଘଟଣାର ତଦନ୍ତ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବା ନେଇ ଛାନଭିନ ଜାରି ରଖିଛି ବୋଲି କହିଛି।

## ସଂକ୍ଷେପରେ

### ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ବୈଠକ

ପାରଳାଖେମୁଣ୍ଡି,୨୬।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ଆରଏମ୍‌ସି କନଫରେନ୍ସ ହଲ୍ ଠାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସ୍ଥାୟୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଶ୍ରମିକ ସମସ୍ୟା ସହିତ ଆଉଟସୋର୍ସ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ବାବଦରେ ଆଲୋଚନା କରିଥିଲେ। ଏମାନେ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ କାମ କରି ଆସୁଥିଲେ ମଧ ଦରମା ଠିକ ଭାବରେ ଓ ନିର୍ଦ୍ଦିଷ୍ଟ ତାରିଖରେ ମିଳୁନି। ଇପିଏଫ ଓ ଇଏସଆଇ ଦରମା ସ୍ଲିପ ଆଦି ପ୍ରଦାନ କରାଯାଉନି। ଏଥିପାଇଁ କର୍ମଚାରୀଙ୍କ ମଧରେ ଆଶଙ୍କା ସୃଷ୍ଟି କରିଛି। ଆଗାମୀ ଦିନରେ ଆଉଟ ସୋର୍ସ କର୍ମଚାରୀଙ୍କ କଥା ବୁଝା ନଗଲେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ସାରା ରାଜ୍ୟକୁ ଅନ୍ଧକାର କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛିସା। ସେହି ପରି ପଡି ରହିଥିବା ଆନୋମଲି ଓ ଜରୁରୀ ନିର୍ଦ୍ଧାରଣକୁ ଓପିଟିସିଏଲ ମ୍ୟାନେଜମେଣ୍ଟ ତରଫରୁ ସମାଧାନ କରାଯାଏ ତେବେ ଆସନ୍ତା ୮ ତାରିଖରେ ବିନା ନୋଟିସରେ ଏନର୍ଜି ସେକ୍ରେଟାରୀଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ଥିର କରାଯାଇଛି। କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ଉପ ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋଇ, କୋଷାଧକ୍ଷ ସଞ୍ଜୀବ କୁମାର ବେହେରା, ସର୍କଲ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସଂଗଠନ ସମ୍ପାଦକ ବିଜୟ କୁମାର ପଣ୍ଡା, ଡ଼ିଭିଜନ ସମ୍ପାଦକ ଗୁଣପୁର ଅଜିତ କୁମାର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଗୁଣପୁର ମୁନା ପାଢ଼ୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଡିଭିଜନ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ସଭାକୁ ପରିଚାଳନା କରିଥିଲେ ।

### ରନ୍ଧାମଦ ଜବତ, ୬ ଗିରଫ

ଆସିକା,୨୬।୫(ଡି.ଏନ୍.ଏ.)-ଆସିକା ଏନଏସିର ପାକଲାପଲ୍ଲୀ, ସନ୍ତୋଷୀ ମା ମନ୍ଦିର ଓ ଡାକବଙ୍ଗଳା ନିକଟରେ ଥିବା ଏରୋଗୋଲା କ୍ୟାମ୍ପ ଉପରେ ପୋଲିସ ଗୁରୁବାର ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୧୪୦ ଲିଟର ରନ୍ଧାମଦ ଜବତ ହୋଇଛି। ଏହି ମାମଲାରେ ଏମ. ଜଗା, ଏମ.ଶ୍ରୀନୁ, ଜେ. ଶଙ୍କର, ଏମ.ରାଜୁ, ଏ. ନରେଶ ଓ ଏ. ଆପ୍ପାରାଓଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ପୃଥକ ୬ଟି ମାମଲା (ନଂ.୨୫୩ ରୁ ୨୫୮/୨୨) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ବ୍ଲେଡ୍‌ରେ ଦୋକାନୀଙ୍କୁ ଆକ୍ରମଣ : ଅଳ୍ପକେ ବର୍ତ୍ତିଲେ, ଥାନାରେ ଏତଲା

ଦିଗପହଣ୍ଡି,୨୬।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର କାଠ ସାମଗ୍ରୀ ଦୋକାନ କରିଥିବା ତ୍ରିନାଥ ପାତ୍ରଙ୍କୁ ତାଙ୍କ କର୍ମଚାରୀ କୃଷ୍ଣ ବେହେରା ଏକ ବ୍ଲେଡ୍‌ରେ ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତ୍ରିନାଥ ଗାଁରେ କାଠ ସାମଗ୍ରୀ ଦୋକାନ କରି ଗ୍ରାହକଙ୍କୁ ବିକ୍ରି କରୁଥିଲେ। ଦୋକାନରେ ଦିନ ମଜୁରିଆ ଭାବେ କାଠ କାମ କରୁଥିବା କୃଷ୍ଣ ଗ୍ରାହକମାନଙ୍କୁ ବାରମ୍ବାର ଖରାପ ବ୍ୟବହାର କରିବା ଯୋଗୁ ଦୋକାନୀ ତ୍ରିନାଥ ତାଙ୍କୁ ତାଗିଦ କରିଥିଲେ। ତାଙ୍କ ଅନୁପସ୍ଥିତିରେ କୃଷ୍ଣ ଦୋକାନରୁ ୯ ଖଣ୍ଡ ଶାଗୁଆନ କାଠ ପଟା ଚୋରି କରି ନେଇ ଯାଇଥିଲେ। ତ୍ରିନାଥ ଏହା ଜାଣିବା ପରେ କାଠପଟା ତୁରନ୍ତ ଆଣିବାକୁ କହିଥିଲେ ଏବଂ କାମରୁ ବାହାର କରିଦେଇଥିଲେ। କୃଷ୍ଣ ତାଙ୍କ ମଜୁରି ବାବଦକୁ ବକେୟା ଥିବା ୮ ହଜାର ଟଙ୍କା ଦେଲେ କାଠପଟା ଫେରାଇ ଦେବେ ବୋଲି କହିଥିଲେ। ଉଭୟଙ୍କ ମଧ୍ୟରେ ଏନେଇ ବଚସା ହେବାରୁ କୃଷ୍ଣ ଏଥିରେ ଉତ୍ତେଜିତ ହୋଇ ଏକ ବ୍ଲେଡ୍‌ରେ ତାଙ୍କ ବେକକୁ ଅତର୍କିତ ଆକ୍ରମଣ କରିଥିଲେ। ପରେ କୃଷ୍ଣ ଏବଂ ତାଙ୍କ ଭାଇ ପୂର୍ଣ୍ଣ ତାଙ୍କ ଘର ପାଖକୁ ଆସି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସେ ଥାନାରେ ଏତଲା ଦେଇଛନ୍ତି।

# ବଡ଼ବରଗାଁ ଲୋକେ ପୋଖରୀ ପାଣି ପିଉଥିବା ଅଭିଯୋଗ

ପୁରୁଷୋତ୍ତମପୁର,୨୬।୫(ଡି.ଏନ.ଏ.)

### ପୁରୁଷୋତ୍ତମପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ପକ୍ଷରୁ ପାନୀୟ ଜଳ ଯୋଗାଣ ଓ ପରିମଳକୁ ନେଇ ସ୍ୱତନ୍ତ୍ର ବୈଠକ ଗୁରୁବାର ବିଡିଓ ବିଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ପିଙ୍କି ବେହେରା ପୌରୋହିତ୍ୟ କରିଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ସହକାରୀ ଯନ୍ତ୍ରୀ ତୁଷାର କାନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପାଢୀ, ବ୍ଲକ ସହକାରୀ ଯନ୍ତ୍ରୀ ନାଗଭୂଷଣ ଯାଦବ ଯୋଗଦେଇଥିଲେ। ଏଥିରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟମାନେ ନିଜ ନିଜର ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଲାଗି ରହିଥିଲେ ମଧ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ନେଇ ଅଭିଯୋଗ କରିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ବଡ଼ବରଗାଁ ପଞ୍ଚାୟତ ବଡବରଗାଁ ଗ୍ରାମରେ ବିଦ୍ୟୁତ ବିଚ୍ଛିନ୍ନ ଘଟିଥିବାରୁ ମୋଟର ବନ୍ଦ ଯୋଗୁ ଜଳଯୋଗାଣ ବନ୍ଦ ରହିଛି। ଯାହାଦ୍ୱାରା ଲୋକେ ପୋଖରୀ ପାଣି ପିଇବାକୁ ବାଧ ହେଉଛନ୍ତି । ସରପଞ୍ଚ ଏନ୍.ଭାସ୍କର ଦୋରା ଅଭିଯୋଗ କରି ତୁରନ୍ତ ସମସ୍ୟାର ସମାଧାନ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ଦାବି କରିଥିଲେ।

ଆଛୁଲି ପଞ୍ଚାୟତରେ ପାଇପ୍‌ଲାଇନ ବିଛା ଓ ବୋର୍ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତାହାକୁ ରଦ୍ଦ କରାଯିବାକୁ ନେଇ ସରପଞ୍ଚ ସୁଧାକର ଗୌଡ ପ୍ରତିବାଦ କରି କେଉଁ କାରଣରୁ ଏହାକୁ ବନ୍ଦ କରାଗଲା ବୋଲି କୈଫିୟତ ମାଗିଥିଲେ। ମାତ୍ର ଏହାକୁ ନେଇ ବିଡିଓ ଏବଂ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଏହା ଜାଣିନଥିବା କହିଥିଲେ। ତୁରନ୍ତ ଏହି ପ୍ରୋଜେକ୍ଟକୁ କାର୍ଯ୍ୟକାରୀ କରିବା ଲାଗି ସରପଞ୍ଚ ଦାବି କରିଥିଲେ। ଭାଟକୁମରଡା ପଞ୍ଚାୟତରେ ପାଣି ମିଳୁ ନ ଥିବା ବେଳେ ଟ୍ୟୁବୱେଲଗୁଡିକରେ ହେଡ୍ ଲାଗି ନ ଥିବାରୁ ସମସ୍ୟା ଦେଖାଦେଇଥିବା ନେଇ ସମିତି ସଭ୍ୟ କୋରାନାଥ ସ୍ୱାଇଁ ଅଭିଯୋଗ କରିଥିଲେ।

ସେହିପରି ସିହେଚ ନୂଆଁ ଗାଁ, ବଡଖରିଡା, ଜାମୁନି, ଗାଙ୍ଗଦହଣି, ସମା, ଶିକୁଳା, ରଣଝାଲି, କେଏନ ପୁର, ଝାଡବାଇ, ଆଛୁଲି, ଭୂତ ସରସିଙ୍ଗି ଆଦି ବହୁ ପଞ୍ଚାୟତରେ ପାନୀୟ ଜଳର ଘୋର ଅଭାବ ରହିଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ତୁରନ୍ତ ସମସ୍ୟାର ସମାଧାନ କରିବା ଲାଗି ବିଡିଓ ବିଜୟ କୁମାର ବେହେରା ଜଳଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଜ୍ୟବସ୍ତୁକୁ ଭାଟକୁମରଡା ଓ ଶିକୁଳାଠାରେ ନିର୍ମାଣ କରାଯାଇଥିବା ଏମ୍‌ସିସି ଓ ଏମ୍‌ଆରଏଫ ପ୍ଲାଣ୍ଟକୁ ପଠାଇବା ସହ ଜଳଦିବସ ମାଧ୍ୟମରେ ପ୍ରତ୍ୟେକ ପୋଖରୀକୁ ପରିଷ୍କାର କରିବା ଲାଗି ବିଡିଓ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ସରପଞ୍ଚ ସୁଧାକର ଗୌଡ, ସଙ୍ଗିତ ମହାପାତ୍ର, ନମିତା ସେଠୀ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ନାହାକ ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାଟି, ମୋରମ ଗାଡ଼ି ଜବତ, ୪ ବିଲଡର ଗିରଫ

ଆସିକା,୨୬।୫(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ କଲେଜ ଛକ ନିକଟରୁ ବେଆଇନ ଭାବେ ମାଟି ମୋରମ ଉଠାଇବା ଅଭିଯୋଗରେ ପୋଲିସ ଗୁରୁବାର ୪ ଜଣ ବିଲଡରଙ୍କୁ ଗିରଫ କରିଛି । ସେମାନେ ହେଲେ ଜୟପୁର ଗ୍ରାମର ସୁଶାନ୍ତ କୁମାର ମହାନ୍ତି, କାହ୍ନୁଚରଣ ଡାକୁଆ, କଲେଜ ଛକର ଦାମୋଦର ସାହୁ ଏବଂ ବୋଲସର ଗ୍ରାମର ସଞ୍ଜୟ କୁମାର ସ୍ୱାଇଁ। ପୋଲିସ ୨ଟି ହାଇୱା ଓ ଗୋଟିଏ ହିଟାଚି ମେଶିନ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ସଂପୃକ୍ତ ଥାଇ ଫେରାର ଥିବା ଅନ୍ୟ ୮ଜଣଙ୍କୁ ଗିରଫ ଲାଗି ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# କାର୍ ପୋଡି ଘଟଣାରେ ୬ ଗିରଫ

ପାରଳାଖେମୁଣ୍ଡି,୨୬।୫(ଡି.ଏନ୍.ଏ.)– ପାରଳାଖେମୁଣ୍ଡି ଟାଉନ୍ ହଲ୍ ପରିସରରେ ଗତ ୨୨ ତାରିଖ ରାତିରେ ୬ଟି କାର ପୋଡି ଘଟଣାର ପର୍ଦ୍ଦାଫାସ କରିଛି ପାରଳା ଆଦର୍ଶ ଥାନା ପୋଲିସ । ସାମାନ୍ୟ ବଚସାକୁ ନେଇ ଏହି ଘଟଣା ଘଟିଥିଲା। କାର୍ ପୋଡିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି ବୋଲି ଗୁରୁବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାରଳାଖେମୁଣ୍ଡି ସହର ସୁଇପର କଲୋନୀର ଭୀମ ନାଗବଂଶ, ଦିବାକର ପଡାଲ, ଜଗଦିଶ ପଡାଲ, ତ୍ରିପତି ଜଙ୍ଗମ, ଅର୍ଜୁନ ଲିଆରି ଏବଂ ସୁଦେଶ ବାଦା।

ଅଭିଯୋଗକାରୀ ସିଲା ଅରୁଣ କୁମାରଙ୍କ ଏତଲାରୁ ପ୍ରକାଶ ଯେ, ଘଟଣା ଦିନ ଆର୍‌ଏମଏସି ପରିସରରେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା । ଅଭିଯୁକ୍ତମାନେ ଅରୁଣଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ଅରୁଣଙ୍କ କାରକୁ ସେମାନେ ନଷ୍ଟ କରିବାପାଇଁ ମଧ ଧମକ ଦେଇଥିଲେ। ତଦଅନୁଯାୟୀ ସମସ୍ତ ଅଭିଯୁକ୍ତ ମଦ୍ୟପାନ କରି ମଧ ରାତିରେ ଏହିକାଣ୍ଡ ଭିଆଇଥିଲେ । ଅରୁଣ



ଗିରଫ ଅଭିଯୁକ୍ତ ।

ନିଜ ଫୋର୍ଡକାର (ଡବ୍ଲ୍ୟୁବି ୧୨ ଏସ ୧୦୪୬)କୁ ଟାଉନ ହଲ ପରିସରରେ ଥିବା ପାର୍କିଂ ସ୍ଥଳରେ ରଖିଥିଲେ । ସେହି କାରରେ ଅଭିଯୁକ୍ତମାନେ ନିଆଁ ଲଗାଇ ଦେଇଥିଲେ ଏବଂ ସନ୍ଦେଶ ନ ହେବା ପାଇଁ ପାର୍କିଂ ସ୍ଥଳରେ ଥିବା ଅନ୍ୟ ସମସ୍ତ କାରକୁ ନିଆଁ ଲାଗାଇବା ସହ ୨ଟି କାର୍ ଭାଙ୍ଗି ଦେଇଥିଲେ। ଏଥିରେ ମୋଟ ୪କାରରେ ନିଆଁ ଲାଗିଥିବା ବେଳେ ୨ଟି କାରକୁ ଭାଙ୍ଗି ଦେଇଥିଲେ। କ୍ଷତିଗ୍ରସ୍ତ କାର୍‌ର ମାଲିକମାନେ ହେଲେ ସିଲା ପାରଳା ସହର ଅନ୍ତର୍ଗତ ସୁବାସ ନଗରର ଅରୁଣ କୁମାର, ମାଲକାନାଗିରିର ଡି. ପ୍ରମିଳା, ପାରଳାଖେମୁଣ୍ଡିର ମାଠିଆ ସାହିର ଟାଙ୍କାଲା ଶ୍ରୀନୁ, ବାଟଗୌଡ ସାହିର ଜି. ଚନ୍ଦ୍ର ରାଓ, ଜଙ୍ଗମ ସାହିର ମନ୍ମଥ କୁମାର ଶତପଥୀ, କାମ୍ପ ସାହିର ଏନ. ମୋହନ ଓ ବାଟଗୌଡ ସାହିର ବାବୁଲା ବେହେରା ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସୱାଇଁ ସୂଚନା ପ୍ରଦାନ କରିଛନ୍ତି ।

### ଆର. ଉଦୟଗିରି ବ୍ଲକରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲାପାଳ

ଆର.ଉଦୟଗିରି,୨୬।୫(ଡି.ଏନ.ଏ.)– ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଗୁରୁବାର ଆର.ଉଦୟଗିରି ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ନିର୍ମାଣାଧୀନ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ଉଦ୍‌ଘାଟନ କରିଥିଲେ। ଏହାପରେ ରଣ୍ଡିବା, କେ.ଏମ.ଭାଲିଆ ସାହି ଓ ମହେନ୍ଦ୍ରଗଡରେ ୫–ଟି ରୂପାନ୍ତରଣ ବିଦ୍ୟାଳୟ, ରଣ୍ଡିବା ଗ୍ରାମରେ ନିର୍ମାଣ ହୋଇଥିବା ପୋଖରୀ କାର୍ଯ୍ୟ ପରିଦର୍ଶନ ଏବଂ ଛେଲିଗଡ ଗ୍ରାମର ମହିଳା ମଣ୍ଡଳ ନିର୍ମାଣ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହାସହ ଶିକ୍ଷକ ଏବଂ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ନାରାୟଣ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ସାନୁଜ କୁମାର, ବିଭିନ୍ନ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆର.ଉଦୟଗିରି ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ଉଦ୍‌ଘାଟନ ଉତ୍ସବରେ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଓ ସରପଞ୍ଚ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା। ତେବେ ସେମାନେ ପହଞ୍ଚିବା ପୂର୍ବରୁ ଜିଲାପାଳ ଉଦ୍‌ଘାଟନ କରିସାରିଥିଲେ।

### କମ୍ୟୁନିଷ୍ଟ ପାର୍ଟିର ତହସିଲ,ବ୍ଲକ ଘେରାଉ

## ତହସିଲଦାର ଓ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ




ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତହସିଲ ଓ ବ୍ଲକ ଘେରାଉ ।

ନୂଆଗଡ଼,୨୬।୫

ଗଜପତି ଜିଲା ନୂଆଗଡ଼ ସଦର ମହକୁମାଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଦିବାସୀ ସଂଘର୍ଷ ମୋର୍ଚ୍ଚା, ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ଏବଂ ସିପିଆଇ(ଏମଏଲ) ଲିବରେଶନ ତରଫରୁ ୧୯ ଦଫା ଦାବି ନେଇ ଗୁରୁବାର ବିଶାଳ ଶୋଭାଯାତ୍ରା ସହ ତହସିଲ ଏବଂ ବ୍ଲକ ଘେରାଉ କରାଯାଇଥିଲା। ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ ଏବଂ ବିଡିଓ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରଥମେ ଅଞ୍ଚଳର ଶତାଧିକ ଆଦିବାସୀ ମାଣିକେଶ୍ୱରୀ ମନ୍ଦିର ନିକଟରେ ଏକତ୍ରିତ ହୋଇ ବିଶାଳ ଶୋଭାଯାତ୍ରାରେ ବାହାରି ଆଦିବାସୀମାନଙ୍କ ଅଧିକାରକୁ ନେଇ ବିଭିନ୍ନ ନାରାବାଜି, ସ୍ଲୋଗାନ ସହିତ ବଜାର ଦେଇ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରି ଧାରଣାରେ ବସିଥିଲେ। ପରେ ଆଦିବାସୀମାନଙ୍କର ଜମି, ଜଳ, ଜଙ୍ଗଲ ଅଧିକାର ୧୯ଟି ଦାବି ନେଇ ତହସିଲଦାର ଏବଂ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସର୍ବଭାରତୀୟ ନେତା ଅନାସିମ ଶବର, ସିପିଆଇ(ଏମ୍‌ଏଲ) ଲିବରେଶନର ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ, ଜିଲା ସମ୍ପାଦକ ବିଦ୍ୟାଧର ପାତ୍ର, ନୂଆଗଡ଼ ବ୍ଲକ ସମ୍ପାଦକ ଜାକବ କାର୍ଜୀ ଉପସ୍ଥିତ ଥିଲେ। ନୂଆଗଡ଼ ବ୍ଲକ ସଭାପତି ନରସିଂହ ମଣ୍ଡଳ ଏହାର ନେତୃତ୍ୱ ନେଇଥିଲେ।

# ନିଖୋଜ ନାବାଳକ ଉଦ୍ଧାର

ଛତ୍ରପୁର,୨୬।୫(ଡି.ଏନ୍.ଏ.):

ଦୁଇଦିନ ହେଲା କେଉଁଆଡ଼େ ଚାଲି ଯାଇଥିବା ଭଣଜାଙ୍କୁ ଖୋଜୁ ଖୋଜୁ ଅନ୍ୟ ଜଣେ ନିଖୋଜ ୧୭ ବର୍ଷିୟ କଲେଜ ଛାତ୍ରଙ୍କୁ ଛତ୍ରପୁର ନୂଆ ବସଷ୍ଟାଣ୍ଡ ନିକଟରୁ ସ୍ଥାନୀୟ ଖବରଦାତା ତଥା ସାମାଜିକକର୍ମୀ ସୁଧିର କୁମାର ନାହାକ ଗୁରୁବାର ଉଦ୍ଧାର କରିଛନ୍ତି। ଶେରଗଡର ପାଟପଲ୍ଲୀ ଗାଁର ଛାତ୍ର ଜଣଙ୍କ ୩ ଦିନ ହେଲା ଘରୁ ନିଖୋଜ ଥିଲେ । ଉଦ୍ଧାର ପରେ ମଧ ଉକ୍ତ ଛାତ୍ର ତାଙ୍କ ପରିଚୟ ଦେଇନଥିବାରୁ ସାମାଜିକ କର୍ମୀ ସୁଧିରଙ୍କ ପକ୍ଷରୁ ବ୍ରହ୍ମପୁରସ୍ଥିତ ଚାଇଲ୍ଡଲାଇନ୍‌କୁ ଖବର ଦିଆଯାଇଥିଲା । ଚାଇଲ୍ଡ ଲାଇନ୍‌ର କର୍ମୀ ଛତ୍ରପୁର ଆସିବାରୁ ଉଦ୍ଧାର ନାବାଳକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଛାତ୍ରଙ୍କ ମାଙ୍କୁ ଖବର ଦିଆଯାଇଛି । ଅନ୍ୟପକ୍ଷରେ ଉକ୍ତ ଛାତ୍ରଙ୍କୁ ଉଦ୍ଧାର କରିଥିବା ସୁଧିରଙ୍କ ଭଣଜା ଦୁଇ ଦିନ ହେଲା ନିଖୋଜ ଅଛନ୍ତି।


**ODISHA HYDRO POWER CORPORATION LTD**
OFFICE OF THE SENIOR GENERAL MANAGER (ELECTRICAL),
UPPER KOLAB H. E. PROJECT,
AT/P.O.: BARINIPUT; DIST.: KORAPUT(ODISHA) -764006,
Telephone: 06854 - 242 001, Fax: 06854 - 242 092,
Email ID: sgmel.ukhep@gmail.com, CIN: U40101OR1995SGC003963

**TENDER CALL NOTICE NO:UKHEP: 10/2022-23 Dated:26.05.2022**

**No.CAD-643:** Sealed Tenders in duplicate are invited from the Reputed Suppliers for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non refundable) in Rs. | EMD |
|---|---|---|---|
| 1 | Supply of Consumable Electrical materials for UKHEP, Bariniput | 2360/- inclusive of GST | Bid declaration form |
| The sale of Tender Paper will be from | | :-07.06.2022 to 13.00 Hrs.of 21.06.2022 | |
| The last date & time of receipt of tender | | :- Upto 16.00 Hrs. of 21.06.2022 | |
| The date and time of opening of tender | | :- At 16.30 Hrs. of 21.06.2022 | |

For details of tender documents, Terms & Conditions please visit our website www.ohpcltd.com.

C&P Head
Upper Kolab HEP, OHPC Limited, Bariniput
OIPR-04002/11/0022/2223



GOVERNMENT OF ODISHA No. O-363
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
email: serwsbd2003@yahoo.com

**e-Procurement Notice for PMGSY-III, Batch-III (2021-22) Packages**

1. Name of the work : Construction/Upgradation of Roads under Pradhan Mantri Gram Sadak Yojana and their Maintenance for Five years (03 Nos.)
2. Class of Contractor : "B", "A", Special & Super Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.219.74 lakhs to Rs.1232.75 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2022-23 | 27.05.2022 at 11.00 A.M. | 10.06.2022 upto 5.00 P.M. | 09.06.2022 upto 1.00 P.M. | 13.06.2022 at 11.00 A.M. | To be intimated separately |

5. The details of works can be seen from the website **https://www.pmgsytenders.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0012/2223 Sd./- Chief Construction Engineer, Rural Works Circle, Sunabeda



**QUOTATION CALL NOTICE (FOR HIRING OF VEHICLES)**

**Ref.No: SO/VII/2022-23/33/099 Date: 25.05.2022**

No. CAD-642: Sealed quotations / tenders are invited from interested reputed Travel Agencies / Tour Operators with valid GSTIN and Income Tax Clearance Certificates for providing vehicles in various categories for official use in Startup Odisha. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available for download from Startup Odisha Website **www.startupodisha.gov.in** from Dt 26.05.2022 to 04.06.2022. The Quotation completed in all respect should reach the undersigned on or before 04.06.2022 by 3:00 P.M and shall be opened on the same day at 4:30 P.M in presence of the bidders or their authorized representatives.

**(Evangelist, Startup Odisha)**
OIPR-43007/11/0002/2223



**Government of Odisha "e" Procurement Notice**
**WORKS DEPARTMENT** No. B-227
Bid Identification No. C.C.E.K.C., Keonjhar No. 04/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 2046 Dt. 21.05.2022

1. Name of the Work : Construction of Parking No. Phase-V (06 Acre) for the Hockey World Cup - 2023 at Rourkela infront of Gate No. - IV under DMF for the year 2022-23
2. Estimated Cost : Rs.226.09 lakhs
3. Period of Completion : 4 (Four) Calendar Months
4. Date and time of availability of Bid document in the portal : From 11.30 hours of 31.05.2022 to 16.00 hours of 16.06.2022
5. Last date/time for receipt of bids in the portal : 16.00 hours of 16.06.2022
6. Date of Opening of Bid from Portal : 11.30 hours on 17.06.2022
7. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0006/2223



GOVERNMENT OF ODISHA E-mail: rw_rourkela@yahoo.co.in
**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**
No. O-336
**TENDER CALL NOTICE**
**BID IDENTIFICATION NO. ONLINE-SERKL-03 of 2022-23**

1. Name of the Work : Road Works
2. Total No. of Works : 20 (Twenty) Nos.
3. Estimated Cost : Rs.10.62 Lakhs to 47.89 Lakhs
4. Class of Contractor : "D", "C", "B" & "A" Class
5. Period of Completion : 02 (Two) to 04 (Four) Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-03 of 2022-23 | 01.06.2022 from 10.00 A.M. | 09.06.2022 upto 5.00 P.M. |

Further details can be seen from the website **www.tendersorissa.gov.in**.
OIPR-25067/11/0003/2223 Sd./- Superintending Engineer, RW Division, Rourkela



**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**
At: Ichhapur, Post: Shree Baladevjew, Email: eerwsskendrapara@gmail.com
Identification No.RWS/ 109 /2021-2022, Letter No. 3907 / Dated. 25.05.2022

**5th Corrigendum**

**No.O-358:** This corrigendum has been made for the NIT-109 invited online vide this office letter No. 1757 / Dated. 10.03.2022 with date for selling, closing, clarification and opening which was on dt. 31.05.2022 (selling date), 18.06.2022 (closing date), 02.06.2022 (clarification date), 20.06.2022 (opening date) as per 4" corrigendum has been amended and to be read as 13.06.2022, 28.06.2022,17.06.2022 and 29.06.2022 respectively and estimated cost of tender and class of bidder also changed as follows. All other terms and condition remain unaltered.

| Sl. No. | Name of Work | Revised Estimated Cost (Apprx.) Rs. in Lakhs | Cost of Tender Paper | Period of Completion | Class of Bidder |
|---|---|---|---|---|---|
| 1 | Execution of New 70 LPCD RPWS Scheme to Doligaon, Ratapanga and Guludia on clubbed up mode under Mahakalapada Block in the District of Kendrapara. (JJM Funds) | Rs. 265.50 | Rs. 10000 | 360 days | "B" and "A" |
| 2 | Execution of New 70 LPCD RPWS Scheme to Kaltunga, Kantilo of Mahakalapada Block and Mundilo of Derabish Block on clubbed up mode in the District of Kendrapara. (JJM Funds) | Rs.311.68 | Rs.10000 | 360 days | "A" and "Specials" |

Sd./- Executive Engineer, RWS&S Division, Kendrapara
OIPR-25004/11/0049/2223



GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION - II, JAJPUR**
No. O-350 rwdivision_jaraka@yahoo.co.in
Lr. No. 1498 Date: 20.05.2022

**"E" PROCUREMENT NOTICE NO. Tender Online JJPR-II-01 of 2022-23**

1. Name of work : Road Work
2. Total No. of Work : 1 No.
3. Estimated Cost (Approx.) : As indicated in the NIT
4. Period of Completion : As indicated in the NIT
5. Class of Contractors : As indicated in the NIT

Other details as follows:
a) Procurement Officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 01.06.2022 at 11.00 A.M. to 18.06.2022 upto 5.00 P.M.
c) Last date & time of seeking of tender clarification : 17.06.2022 upto 5.00 P.M.
d) Opening of Technical Bid : 20.06.2022 at 11.00 A.M.
e) Opening of Financial Bid : 28.06.2022

Further details can be seen from the Govt. website **www.tendersodisha.gov.in**.

Sd./- Superintending Engineer
Rural Works Division-II, Jajpur at Jarka
OIPR-25080/11/0001/2223



GOVERNMENT OF ODISHA No. B-225
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com

**e-Procurement Notice**
**BID IDENTIFICATION No. CCE(R&B) BGR/01/2022-23**
No. 1917 Dtd.21.05.2022

1. The **Chief Construction Engineer, Bolangir (R&B) Circle, Bolangir** on behlaf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **B/A Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road Work
3. No. of tender : Road Work - 1 No.
4. Tender Cost : Rs.10,000/-
5. Class of Contractor : B/A
6. Date & time of sale & receipt of Bids : From Dt.27.05.2022, 10.00 A.M. to Dt.10.06.2022 upto 05.00 P.M.
7. Date of Opening Bid : Dt.13.06.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir
OIPR-34131/11/0002/2223



**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**
At: Ichhapur, Post: Shree Baladevjew, Email: eerwsskendrapara@gmail.com
Identification No.RWS/ 04 /2022-23, Letter No. 3914 / Dated. 25.05.2022

**4th Corrigendum**

**No.O-357:** This corrigendum has been made for the NIT-04 invited online vide this office letter No. 2851 / Dated. 07.04.2022 with date for selling, closing, clarification and opening which was on dt. 04.06.2022 (selling date), 22.06.2022 (closing date), 07.06.2022 (clarification date), 23.06.2022 (opening date) as per 3rd corrigendum has been amended with estimated cost of tender respectively as follows. All other terms and condition remain unaltered.

| Sl. No. | Name of Work | Estimated Cost (Apprx.) Rs. in Lakhs | Class of Bidder | Cost of Tender Paper | Period of Completion |
|---|---|---|---|---|---|
| 1 | Execution of 40 LPCD Retrofitting RPWS Scheme to Chandol under Derabish Block in the District of Kendrapara. (JJM Funds) | Rs.400.96 | "A" and "Special" | Rs.10000 | 360 days |

Sd./- Executive Engineer, RWS&S Division, Kendrapara
OIPR-25004/11/0047/2223

# କଳାହାଣ୍ଡିରେ ପୁଣି ମାଓବାଦୀଙ୍କ ପୋଡ଼ାଜଳା

## ରାସ୍ତା କାମ ବିରୋଧ, ଜାଳିଦେଲେ ୪ ଗାଡ଼ି



ମାଓବାଦୀମାନେ ଜାଳି ଦେଇଥିବା ଗାଡ଼ି।

**ଭବାନୀପାଟଣା,୨୬।୫ (ସ୍ୱ.ପ୍ର.)**

କିଛି ଦିନର ନୀରବତା ପରେ ପୁଣି ଥରେ କଳାହାଣ୍ଡି ଜିଲାରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ରାସ୍ତା କାମକୁ ବିରୋଧ କରି ୪ଟି ଗାଡ଼ି ପୋଡ଼ିଦେଇଥିବା ବେଳେ ପୋଷ୍ଟର ଲଗାଇ ମାଓବାଦୀମାନେ ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣା ପୋଖରୀ ଘାଟ ମନସ୍କା ପ୍ରଧାନମନ୍ତ୍ରୀ ରାସ୍ତା କାମକୁ ବିରୋଧ କରି ମାଓବାଦୀମାନେ ଏହି ପୋଡ଼ାଜଳା କରିଛନ୍ତି। ପିପଲଗୁଡାଠାରେ ଥିବା ୨ଟି ଟ୍ରାକ୍ଟର, ଗୋଟିଏ ଟିପ୍ପର ଓ ଗୋଟିଏ ଜେସିବି ଗାଡ଼ିକୁ ଜାଳି ଦେଇଛନ୍ତି। ଘଟଣାସ୍ଥଳରେ ପୋଷ୍ଟର ଲଗାଇ ମାଓବାଦୀମାନେ ରାସ୍ତା କାମ ବିରୋଧ କରିଛନ୍ତି। ଗତ କିଛି ଦିନ ତଳେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଏରିଆ କମାଣ୍ଡର ଲାଲ ସୁରଙ୍କୁ ପୋଲିସ ଗିରଫ କରି ଆତ୍ମ ସମର୍ପଣର ନାଁ ଦେଉଛି ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଖବର ପାଇ ଗୁରୁବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଓବାଦୀ ପୋଷ୍ଟର ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ରାସ୍ତା କାମ ଭବାନୀପାଟଣାର ଠିକାଦାର ପ୍ରମୋଦ ପଟ୍ଟନାୟକ କରୁଥିବା ଜଣାପଡ଼ିଛି। ଘଟଣା ପରେ ଉକ୍ତ ଅଞ୍ଚଳରେ ସିଆରପିଏଫ ଓ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ୨୦୧୮ ପରେ ମାଓବାଦୀ ସଙ୍ଗଠନର ଏହା ଏକ ବଡ଼ ହିଂସାକାଣ୍ଡ ବୋଲି କୁହାଯାଉଛି।

# ଯାତ୍ରାକୁ ଯାଇ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଚନ୍ଦ୍ରପୁର,୨୬।୫(ଡି.ଏନ୍.ଏ.)–**

- ଯୁବକଙ୍କ ସହ ରାତିରେ ବାଇକ୍‌ରେ ଫେରୁଥିଲେ
- ସକାଳେ ରାସ୍ତାପାର୍ଶ୍ୱରୁ ମିଳିଲା ମୃତଦେହ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ଚିଚିପଙ୍ଗା ନିକଟ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରୁ ଗୁରୁବାର ସକାଳେ ଜଣେ ଯୁବତୀଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ସେ ହେଲେ ଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଲଡେଗୁଡ଼ା ଗ୍ରାମର ମିଟିକା କ୍ରାଇସ୍କାଙ୍କ ଝିଅ ମାର୍ତ୍ତା(୧୮)।

ସୂଚନା ଅନୁଯାୟୀ ମାର୍ତ୍ତା ବୁଧବାର ସନ୍ଧ୍ୟା ୭ଟା ବେଳେ ଗାଁର ୨ ସମ୍ପର୍କୀୟ ଭଉଣୀ ରଶ୍ମି ଏବଂ ଅର୍ଚ୍ଚିତାଙ୍କ ସହ ମିଶି ଚନ୍ଦ୍ରପୁର ସଦରଠାରେ ଚାଲିଥିବା ବୀରଝାଲିଆ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ସକାଳ ପର୍ଯ୍ୟନ୍ତ ଚାଲୁଥିବାରୁ ପରିବାର ଲୋକେ ଝିଅକୁ ଖୋଜି ନ ଥିଲେ। ଗୁରୁବାର ସକାଳେ ଚେଚିପଙ୍ଗା ଗ୍ରାମ ନିକଟରେ ମାର୍ତ୍ତାଙ୍କ ମୃତଦେହ ପଡ଼ିଥିବା ବାପା ମିଟିକା ଖବର ପାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଅନ୍ୟପକ୍ଷରେ ମାର୍ତ୍ତା ସାଙ୍ଗରେ ଯାଇଥିବା ଦୁଇ ଭଉଣୀଙ୍କୁ ଘଟଣା ବିଷୟରେ ପଚାରିବାରୁ ଦୁହେଁ କହିଛନ୍ତି, ଯାତ୍ରାକୁ ଯାଇଥିବାବେଳେ ଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଣାଗୁଡ଼ା ଗ୍ରାମର ଯୁବକ ଆଶିଷ ଗୁମିଡେଙ୍ଗା(ଡୁମ୍ବା)ଙ୍କ ସହ ସାକ୍ଷାତ ହୋଇଥିଲା। ଆଶିଷ ୩ ଭଉଣୀଙ୍କୁ ଗାଁରେ ଛାଡ଼ିଦେବି କହି ରାତିରେ ବାଇକ୍‌ରେ ବସାଇ ଆଣିଥିଲେ। ଚନ୍ଦ୍ରପୁର ନିକଟସ୍ଥ ନଦୀ ପୋଲ ପର୍ଯ୍ୟନ୍ତ ନେଇ ସେଠାରୁ ପୁଣି ବାଇକ୍ ପଛକୁ ଫେରାଇ ନେଇଥିଲେ। ରଶ୍ମି ଏବଂ ଅର୍ଚ୍ଚିତାଙ୍କୁ ଚନ୍ଦ୍ରପୁର ଏସ୍‌ଏସ୍‌ଡି ବାଳକ ଉଚ୍ଚ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛିଡ଼ାକରାଇ ସ୍ତ୍ରୀଙ୍କ ପାଇଁ ଚୁଡ଼ି ବାଛିଦେବାକୁ ମାର୍ତ୍ତାଙ୍କୁ ସାଙ୍ଗରେ ନେଇ ପୁଣି ଯାତ୍ରାସ୍ଥଳକୁ ଯାଇଥିଲେ। ସେଠାରୁ ଆଶିଷ ମାର୍ତ୍ତାଙ୍କୁ ସାଙ୍ଗରେ ନ ଆଣି ଏକୁଟିଆ ଆସି ରଶ୍ମି ଏବଂ ଅର୍ଚ୍ଚିତାଙ୍କୁ ସ୍କୁଲ ନିକଟରୁ ନେଇ କିରାମା ପର୍ଯ୍ୟନ୍ତ ଛାଡ଼ି ଆସିଥିଲେ। ସମସ୍ତ ବିଷୟ ବୁଝିବା ପରେ ମିଟିକା ଗୁରୁବାର ଚନ୍ଦ୍ରପୁର ଥାନାରେ ଏତଲା ଦେବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଅଭିଯୋଗ ଅନୁଯାୟୀ ପୋଲିସ ୫୬/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ୨ ଦିବ୍ୟାଙ୍ଗ ଶିଶୁ ପାଇବେ ନୂଆ ଜୀବନ

**କଟକ ଅଫିସ, ୨୬।୫**

### ପଦ୍ମିନୀ କେୟାର ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର

କଟକ ଜିଲା ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ବୁଧବାର ଦୁଇ ଦିବ୍ୟାଙ୍ଗ ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରକ୍ରିୟା ପରେ ସେମାନେ ସ୍ୱାଭାବିକ ଜୀବନ ବିତାଇବେ ବୋଲି ପ୍ରଫେସର ଦାସ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଜିଲା ଗଡମଧୁପୁର କୁସ୍ତିରା ଗ୍ରାମର ସନ୍ତୋଷ ଦଳାଇଙ୍କ ପୁଅ ରୁଦ୍ରପ୍ରତାପ(୧୧)ଙ୍କ ଜନ୍ମରୁ ଡାହାଣ ଗୋଡ ବକ୍ରପାଦ ଥିଲା। ଫଳରେ ସେ ଚଲାବୁଲା କରିପାରୁ ନ ଥିଲେ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଉନ୍ନତ ଧରଣର ଚିକିତ୍ସା କରାଇବା ପାଇଁ ସନ୍ତୋଷଙ୍କ ପକ୍ଷେ ଟଙ୍କା ନ ଥିଲା। ଇତିମଧ୍ୟରେ ସେ ପଦ୍ମିନୀ କେୟାର ହସ୍ପିଟାଲର ସହାୟତା ଲୋଡିଥିଲେ। ଏଠାରେ ରୁଦ୍ରପ୍ରତାପଙ୍କ ପରୀକ୍ଷାନିରୀକ୍ଷା ପରେ ଅସ୍ତ୍ରୋପଚାର କରାଯାଇଥିଲା।

ସେହିପରି ଯାଜପୁର ଜିଲା ବଡଚଣା ବ୍ଲକ ଶକୁନ୍ତଳାପୁରର କାଳନ୍ଦୀ ମଲ୍ଲିକଙ୍କ ପୁଅ ବିକ୍ରମାଦିତ୍ୟ(୪) ଜନ୍ମରୁ ଅସ୍ଥିଶଲ୍ୟଜନିତ ଦିବ୍ୟାଙ୍ଗ ଥିଲେ। ତାଙ୍କ ଗୋଡରେ ଗୋଟିଏ ହାଡ ନ ଥିବା ଯୋଗୁ ସେ ଠିଆ ହୋଇପାରୁ ନ ଥିଲେ। ପରେ କାଳନ୍ଦୀ ପଦ୍ମିନୀ କେୟାର ହସ୍ପିଟାଲ ସହିତ ଯୋଗାଯୋଗ କରିଥିଲେ। ପଦ୍ମିନୀ ରିହାବ୍ କେନ୍ଦ୍ରରେ ବିକ୍ରମାଦିତ୍ୟଙ୍କ ପ୍ରାରମ୍ଭିକ ଚିକିତ୍ସା ପରେ ଅସ୍ଥି ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେମାନେ ଉପକୃତ ହୋଇଥିବା ଉଭୟ ଶିଶୁଙ୍କ ମାତାପିତା କହିଛନ୍ତି। ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଭଳି ଜଟିଳ ଅସ୍ତ୍ରୋପଚାରର ସଫଳତା ନିମନ୍ତେ ପ୍ରଫେସର ଡା. ଦାସ ଏବଂ ସମସ୍ତ ସହଯୋଗୀଙ୍କୁ ସାଧୁବାଦ ଜଣାଇଛନ୍ତି।





# ଜଳସେଚନ କ୍ଷେତ୍ରରେ ତେଲଙ୍ଗାନା ସରକାରଙ୍କ ଆଖିଦୃଶିଆ ପଦକ୍ଷେପ



**ନୂଆଦିଲ୍ଲୀ,୨୬।୫**

ଉତ୍ତମ ଜଳସେଚନ କରିବା କ୍ଷେତ୍ରରେ ତେଲଙ୍ଗାନା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହୋଇଛି। ରାଜ୍ୟର ଏକ କୋଟି ଏକର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ତେଲଙ୍ଗାନା ସରକାର କଲବାକୁର୍ତ୍ତି, ନେଟ୍ଟମ୍ପାଡୁ, କୋଇଲ ସାଗର, ଭୀମା, ୟେଲମ୍‌ପଲ୍ଲୀ, ମଧ୍ୟମାନେରୁ, ଦେବଦୁଲ୍ଲା ଭଳି ଜଳସେଚନ ଅନ୍ତର୍ଗତ ପରିଯୋଜନାକୁ ଶେଷ କରିଛନ୍ତି। ରାଜ୍ୟର ପାଲାମୁରୁ ଜିଲା ପୂର୍ବରୁ ଏକ ଦୁର୍ଭିକ୍ଷ ପୀଡ଼ିତ ଜିଲା ଭାବରେ ପରିଗଣିତ ହୋଇ ଆସୁଥିଲା। ବର୍ତ୍ତମାନ ପର୍ଯ୍ୟାପ୍ତ ଜଳସେଚନ ଯୋଗୁ ଏହା ଏକ ଉର୍ବର ଜିଲା ଭାବରେ ପରିଗଣିତ ହେବା ସହିତ ଶ୍ରମିକ ସ୍ଥାନାନ୍ତରଣ ବନ୍ଦ ହୋଇ ଯାଇଛି। ଏହାଛଡ଼ା ରାଜ୍ୟ ସରକାର ନାଗାର୍ଜୁନ ସାଗର, ଶ୍ରୀରାମ ସାଗର, ନିଜାମ ସାଗର ଏବଂ ଅନ୍ୟ ପୁରୁଣା ପ୍ରକଳ୍ପ କେନାଲଗୁଡ଼ିକର ଆଧୁନିକୀକରଣ କରିଛନ୍ତି। ମିଶନ୍ କାକଟିଆ ଜରିଆରେ ୪୬,୫୩୧ଟି ହ୍ରଦକୁ ପୁନଃସ୍ଥାପିତ କରାଯାଇଛି। ଫଳସ୍ୱରୂପ ଭୂ-ତଳ ଜଳସ୍ତର ବୃଦ୍ଧି ପାଇଛି ଏବଂ ଆକ୍ୱାକଲ୍‌ଚରରେ ବିକାଶ ଘଟିଛି। ଏହାସହିତ ସମଗ୍ର ରାଜ୍ୟରେ ୩,୮୨୫ କୋଟି ଟଙ୍କା ବିନିମୟରେ ୧୨୦୦ ଡ୍ୟାମ୍‌ର ନିର୍ମାଣ କରାଯାଉଛି। ପାଲାମୁରୁ-ରଙ୍ଗାରେଡ୍ଡି, ସୀତାରାମ, ଦିନ୍ଦି, ଗାଟୁ ଲିଫ୍ଟ ଜଳସେଚନ ଯୋଜନା, ଟନକା-କୋରଟା ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରାଜ୍ୟର ସରକାର ବିଶ୍ୱର ସର୍ବବୃହତ ମନୁଷ୍ୟକୃତ ଉଠା ଜଳସେଚନ ପ୍ରକଳ୍ପ 'କାଲେଶ୍ୱରମ୍ ପ୍ରକଳ୍ପ' ନିର୍ମାଣ କରିଛନ୍ତି। ୩ଟି ଆନିକଟ, ୩୦ଟି ପ୍ରମୁଖ ୱାଟର ଲିଫ୍ଟ, ୨୦ଟି ପମ୍ପ ହାଉସ୍, ୨୦ଟି ଜଳଭଣ୍ଡାର, ୨୦୦୦ କିଲୋମିଟର ପରିବ୍ୟାପ୍ତ ଏକ କେନାଲ୍ ଏବଂ ଅନେକ ଟନେଲ୍ ଏହି 'କାଲେଶ୍ୱରମ୍ ପ୍ରକଳ୍ପ' ଅଧୀନରେ ରହିଛି। ବିଶ୍ୱର 'ଇଞ୍ଜିନିୟରିଂ ଓ୍ୱଣ୍ଡର୍' ଭାବରେ ବିବେଚନା କରାଯାଉଥିବା ଏହି ପ୍ରକଳ୍ପକୁ ମାତ୍ର ୩୬ ମାସ ମଧ୍ୟରେ ଶେଷ କରାଯାଇଥିଲା। ଏହି ପ୍ରକଳ୍ପ ଗୋଟିଏ ବର୍ଷର ଦୁଇଟି ଫସଲ ଋତୁରେ ୪୫ଲକ୍ଷ ଏକର ଜମିରୁ ଜଳ ଯୋଗାଇଥାଏ। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟ ସରକାର ଗୋଦାବରୀ ନଦୀର ୧୦୦ ଟିଏମ୍‌ସି ଜଳ ସଂରକ୍ଷିତ କରିପାରିଛନ୍ତି।


ଓଡ଼ିଶା ସରକାର
ମିଶନ ଶକ୍ତି ବିଭାଗ
GOVERNMENT OF ODISHA
DEPARTMENT OF MISSION SHAKTI
Lokaseva Bhavan, Bhubaneswar-751001
Tel:0674-2974093,
E-mail:missionshakti.od@gov.in.
pmumissionshakti@gmail.com

No.MS-OE-MISC-0020-2022/1064/MS Date:26.05.2022

**TENDER CALL NOTICE FOR HIRING OF VEHICLE**

**No.g-21:**Sealed Tenders are hereby invited from interested Travelling Agencies/ Tour Operators for providing Tiago/ Bolt/Celerio or similar type of vehicles on monthly hiring basis for official use for a period of one year.

The Tender application form containing the general bid information and detailed terms & conditions for hiring the vehicle can be downloaded from the website **https://www.missionshakti.odisha.gov.in.**

**Sd./-Under Secretary to Govt.**
OIPR-48001/11/0002/2223



**DIRECTORATE OF AGRICULTURE & FOOD PRODUCTION, ODISHA**
No. L-37

**REQUEST FOR PROPOSAL**

**SELECTION OF MEDIA CONSULTING AGENCY FOR IEC STRATEGY AND CREATIVE PRODUCTIONS**

**RFP No. XII (Inf.)3/2022/ 877** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites sealed RFP proposal from the eligible bidders for Selection of a Media Consulting Agency For IEC strategy and Creative Productions.

The detail RFP document can be download from the website of Agriculture & Farmers' Empowerment Department at **https://agriodisha.nic.in/ agrisnetodisha.ori.nic.in and tendersodisha.gov.in.**

**The proposal complete in all respect must reach the undersigned by Speed Post/ Registered Post or the proposals in sealed envelope can also be dropped in the tender box placed at Joint Director of Agriculture (Information), Baramunda, Bhubanewar-751003 latest by 29.06.2022 up to 5.30PM.**

The proposals received beyond the scheduled last date and time will be rejected outrightly. The Director of Agriculture & Food Production, Odisha, Bhubaneswar reserves the right to reject any/ all proposals without assigning any reason thereof.

*Office Address :*
Joint Director of Agriculture (Information)
OUAT Farm Road, Baramunda, Bhubaneswar - 751003
Website : https://agriodisha.nic.in,
agrisnetodisha.ori.nic.in & tendersodisha.gov.in
Phone: 0674-2354843, Email : jdainfo.dag@nic.in

sd/-
Director of Agriculture & Food Production, Odisha

OIPR-01034/11/0010/2223


## ପ୍ରଥମ ପୃଷ୍ଠାରୁ...

### 'ମୋ ସରକାର'ରେ ...

ଲୋକଙ୍କ ମତାମତ ସଂଗ୍ରହ କରି ସମସ୍ୟାର ସମାଧାନ କରିବା ଲାଗି ପଦକ୍ଷେପ ନେବା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ସମ୍ପୃକ୍ତ ବିଭାଗ ମାନ୍ୟତା ଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଗୃହ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶିଳ୍ପ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଜଳସମ୍ପଦ ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଆଲୋଚନାରେ ଭାଗ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ଲୋକଙ୍କଠାରୁ ଫିଡ୍‌ବ୍ୟାକ ଗ୍ରହଣ କରିବାର ସବୁଠାରୁ ବଡ଼ କାର୍ଯ୍ୟ। ଏଥିରେ ପ୍ରାୟତଃ ସବୁ ବିଭାଗ ସାମିଲ ହୋଇଛନ୍ତି। '୫-ଟି' ସଚିବ ଭି.କେ. ପାଣ୍ଡିଆନ କହିଲେ, ଅଧିକାଂଶ ବିଭାଗର ଫିଡ୍‌ବ୍ୟାକ ଉନ୍ନତମାନର ଅଛି। ସାଧାରଣ ଲୋକଙ୍କଠାରୁ ମତାମତ ସଂଗ୍ରହ କରିବାରେ ବିଭାଗଗୁଡ଼ିକ ତତ୍ପରତା ଦେଖାଇବା, ଭୁଲ କରୁଥିବା କର୍ମଚାରୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସଚିବ ମନୋଜ ମିଶ୍ର କହିଲେ, ପୂର୍ବରୁ ରାଜ୍ୟରେ ୨୮ଟି ବିଭାଗର ୨୩୩ଟି ସେବା 'ମୋ ସରକାର' ଅଧୀନକୁ ଆସିଥିଲା। ଏବେ ଏଥିରେ ୩ ବିଭାଗ ଅନ୍ତର୍ଭୁକ୍ତ ହେବା ପରେ ମୋଟ ବିଭାଗ ସଂଖ୍ୟା ୩୧ ଏବଂ ସେବା ସଂଖ୍ୟା ୨୫୦ରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପ୍ରମୁଖ ସଚିବ, ଜିଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**OFFICE OF THE MUNICIPAL COUNCIL,TITILAGARH**
Letter No.1597, MUN, Date:26.05.2022

**QUOTATION CALL NOTICE**

**No.C-388:**Sealed quotations are invited from CAG empanelled CA firms for Preparation of financial statements of Titilagarh Municipality for the year 2020-21 to 2021-22 by using Accounts Module under SUJOG as per Odisha Municipal (Accounts) Rule-2012. The intending CAG empanelled CA Firms have to apply in the office of the undersigned as per prescribed format on or before 11 a.m. 07.06.2022 positively during office hours by registered post / Speed Post only. The authority shall not be liable for any postal delay. The quotations will be opened on the same day at 1.00 PM in the presence of the quotationer / authorise representative who choose to remain present at the time of opening of quotations. The undersigned reserves the right to reject / cancel any or all quotations without assigning any reason thereof. For details you may visit www.titilagarhmunicipality.in.

**Sd./- Executive Officer, Titilagarh Municipality**
OIPR-13095/11/0004/2223



**OFFICE OF THE MUNICIPAL COUNCIL, DHENKANAL**
DHENKANAL (ODISHA), PIN-759001
Tel.No.06762-224401(O), FAX No.06762-223355
E-mail:- dhenkanalm.hud@qmail.com
No.1513 Date:25.05.2022

**QUOTATION CALL NOTICE**

**No.C-386:**Sealed quotations in the prescribed quotation paper are invited from the registered firm for **"Supply and installation of Lab Equipments for setting up a Testing lab in Faecal Sludge Treatment Plant (FSTP), Dhenkanal".** The Rate should be quoted inclusive of all taxes, cost conveyance and fixing.

1- The Cost of each Quotation Paper :- Rs. 6,000.00 (Non Refundable)
2- Start Date of Sale of Quotation paper: - 27.05.2022
3- Last Date of Sale of Quotation paper: - 08.06.2022
4- Last Date of Receipt of Quotation paper :- 08.06.2022 at 10.00 AM
5- Date of Opening of Sealed Quotation :- 08.06.2022 at 11.30 AM

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank draft/Bankers Cheque drawn **in favour of Executive Officer, Dhenkanal Municipality.** The quotation with enclosures will be received only through Speed Post/ Regd. Post by the under signed in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the office Dhenkanal Municipality during the office hours (except holidays) till dt 08.06.2022 (up to 10.00 AM) and may download from the Dhenkanal website i.e. **dhenkanalmunicipalitv.com.**

The authorized reserves the right to reject any or all the quotations without assigning any reason thereof.

**Sd./- Executive Officer, Dhenkanal Municipality**
OIPR-13146/11/0010/2223



**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
No.E-171:

**NOTICE**

No.HFW-CONF-CONP-0045-2021/11226 / H&F.W., Date:23.05.2022

To
**Dr. Satyajit Bagudai,**
**Ex-Asst. Surgeon, PHC (N), Paralakhemundi, Gajapati**

Please take notice that a disciplinary proceeding was instituted against you vide Memorandum No.27218/H dtd.16.10.2012. The same has been concluded vide this Deptt. Order No.I0654/H dtd.17.05.2022 imposing punishment upon you. As your present place of posting as well as the address where you are staying is not available in this Department, the order could not be served on you. You are, therefore, informed through this notice to appear before the Director, Health Services, Odisha, Bhubaneswar on any working day within a period of 10 days from the date of publication of this notice in the newspaper to obtain a copy of the final order issued in your favour. If you fail to appear before the above authority it will be presumed that you have obtained the said copy and further action as deemed proper shall be taken against you ex-parte.

**Sd./- Special Secretary to Government**
**Health and F.W. Department**
OIPR-10001/11/0009/2223



**ROURKELA MUNICIPAL CORPORATION**
Uditnagar, Rourkela, Pin-769012
Mail Id:rourkelamunicipality@gmail.com
Telephone: (0661) 2500388
Letter No.6796, Date:25.05.2022

**Expression of Interest (EoI) for Selection of Mission Shakti Groups for O&M of AAHAAR Kitchen under Rourkela Municipal Corporation.**

**No.C-381:**Rourkela Municipal Corporation invites Expression of Interest (EOI) in the Prescribed Formats (Annexure-I & II) in sealed cover from the intending Mission Shakti Groups having the credibility and experience for O&M of Aahaar Kitchen and Overall management of Aahaar Centre including cooking, Transportation of meal at Aahaar Centres and the entire responsibilities of Aahaar and bring in better accountability towards the public. The applicants should be under Rourkela Municipal Corporation and Steel Township Jurisdiction only.

| | | |
|---|---|---|
| 01 | Available of EOI documents in website | 25.05.2022 |
| 02 | Last date and time of submission of EOI | 03.06.2022 (BY 1.00 PM) |
| 03 | Date and time of Opening of EOI | 04.06.2022 ( 11.00AM) |
| 04 | For downloading the EOI documents and term and Condition of assignment, please visit the Rourkela Municipal Corporation website. | www.rmc.nic.in |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in RMC website.

**Sd./- Commissioner**
**Rourkela Municipal Corporation**
OIPR-13131/11/0039/2223



ଓ ଡ଼ି ଶା
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 9150/IND-II-PH-1026 ତାରିଖ: 25.05.2022

**ବିଜ୍ଞାପନ**

No. CAD-646: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ତୋଫାନ ମହାନ୍ତି ଓଡ଼ିଶାର ଅନୁଗୁଳ ଜିଲ୍ଲା, ତାଳଚେର ତହସିଲ ଅନ୍ତର୍ଗତ ହାଥୁଡ଼ିପାଳ ଗ୍ରାମରେ ୧୦.୭୨ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଖାତା ନଂ. ୩୯, ପ୍ଲଟ ନଂ.– ୧, କିସମ: ନଦୀସ୍ଥିତ ହାଥୁଡ଼ିପାଳ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୦।୦୬।୨୦୨୨ରିଖ ଦିବା ୦୯.୩୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ତାଳଚେର ତହସିଲ ଅନ୍ତର୍ଗତ ହାଥୁଡ଼ିପାଳ ମଠଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୁଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଅନୁଗୁଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଅନୁଗୁଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0089/2223** ସ୍ୱା./– ସଦସ୍ୟ ସଚିବ

# କଳିଙ୍ଗରେ ଗ୍ରାଁ ପ୍ରି

**୨୦୧୭ରେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍, ୨୦୧୮ରେ ନ୍ୟାଶନାଲ ଓପନ ଆଥଲେଟିକ୍ସ ପରେ ୨୦୨୨ରେ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହୋଇଛି ସମ୍ମାନଜନକ ଇଣ୍ଡିଆନ ଗ୍ରାଁ ପ୍ରି-୩ ଓ ୪। ଏଥିରେ ଦେଶର ଅନେକ ତାରକା ଆଥଲେଟ୍ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶା ପ୍ରତିଯୋଗୀମାନେ ମଧ୍ୟ ଘରୋଇ ପରିବେଶରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି....**




ଶ୍ରାବଣୀ ନନ୍ଦ

ଇଣ୍ଡିଆନ ଗ୍ରାଁପ୍ରିର ୩ୟ ଓ ୪ର୍ଥ ପର୍ଯ୍ୟାୟ ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ୨୦୧୭ରେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ଏବଂ ୨୦୧୮ରେ ନ୍ୟାଶନାଲ ଓପନ ଆଥଲେଟିକ୍ସ ଏଠାରେ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ ଏବେ ସମ୍ମାନଜନକ ଇଣ୍ଡିଆନ ଗ୍ରାଁ ପ୍ରି- ୩ ଓ ୪ ଏଥିରେ ଯୋଡ଼ି ହୋଇଯାଇଛି। ପ୍ରଥମଥରପାଇଁ କଳିଙ୍ଗରେ ଆୟୋଜନ ହୋଇଥିବା ଇଣ୍ଡିଆନ ଗ୍ରାଁ ପ୍ରିରେ ଦେଶର ଅନେକ ତାରକା ଆଥଲେଟ୍ ଆକ୍ସନରେ ଦେଖିବାକୁ ମିଳିଥିଲେ। ଉଭୟ ଗ୍ରାଁ ପ୍ରିରେ ୧୭ଟି ଲେଖାଏ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ମୋଟ ୧୧୭ ଏବଂ ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ୧୭୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ଯଥାକ୍ରମେ ୧୦ ଓ ୧୯ ଏହିପରି ମୋଟ ୨୯ ପ୍ରତିଯୋଗୀ ଭାଗ୍ୟ ପରୀକ୍ଷା କରିଥିଲେ।

## ଶ୍ରେଷ୍ଠ ପ୍ରତିଯୋଗୀ

ଗ୍ରାଁ ପ୍ରି-୩ରେ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ କେରଳ ଟ୍ରିପଲ ଜମ୍ପର ଅବଦୁଲ୍ଲା ଅବୁବାକର (ପୁରୁଷ) ଓ ପଞ୍ଜାବ ଡିସ୍କସ୍ ତାରକା ନବନୀତ କୌର ଧିଲୋନ (ମହିଳା)। ପୁରୁଷ ଟ୍ରିପଲ ଜମ୍ପରେ କେରଳ ପଦକ ସୁଇପ୍ କରିଥିବାବେଳେ ଅବୁବାକର ୧୭.୧୯ ମିଟର ଡେଇଁ ଆଗରେ ରହିଥିଲେ। ମହିଳା ଡିସ୍କସ୍ ଥ୍ରୋରେ ନବନୀତ ୫୮.୦୩ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ଗ୍ରାଁ ପ୍ରି-୪ରେ କେରଳ ଲଙ୍ଗଜମ୍ପର ମହମ୍ମଦ ଆନିସ ୟାହିୟା (ପୁରୁଷ) ଓ ଉତ୍ତର ପ୍ରଦେଶ ଷ୍ଟିପଲଚେଜର ପାରୁଲ ଚୌଧାରୀ (ମହିଳା) ଶ୍ରେଷ୍ଠ ପୁରସ୍କାର ପାଇଥିଲେ। ଆନିସ ୮.୧୫ ମିଟର ଡେଇଁ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ପାରୁଲ ୩୦୦୦ ମିଟର ଷ୍ଟିପଲଚେଜ୍‌କୁ ୯:୪୨.୨୪ ସେକେଣ୍ଡ ସମୟ ନେଇ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ।

## ଶ୍ରାବଣୀ, ଅମିୟ, ଆର୍ଯ୍ୟନଙ୍କ ଚମକ

ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଚମକ ସୃଷ୍ଟି କରିଥିଲେ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଅମିୟ ମଲିକ ଓ ଆର୍ଯ୍ୟନ ଏକ୍କା। ୨ଟି ଗ୍ରାଁ ପ୍ରି ରେକର୍ଡକୁ ମିଶାଇଲେ ଶ୍ରାବଣୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଅମିୟ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇଛନ୍ତି। ବିଶେଷ ଜଣାଶୁଣା ନ ଥିବା ଆର୍ଯ୍ୟନ ଏକ୍କା ୨ଟି ରୌପ୍ୟ ପଦକ ହାସଲ କରି ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ନମିତା ପ୍ରଧାନ ରୌପ୍ୟ ସଫଳତା ପାଇଥିବାବେଳେ ଲକ୍ଷ୍ମୀପ୍ରିୟା କିଷାନ, ସ୍ୱାଧୀନ କୁମାର ମାଝି ଓ ଲାଲୁ ପ୍ରସାଦ ଭୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ଅନୁଷ୍ଠିତ ମହିଳା ୨୦୦ ମିଟର ରେସ୍‌କୁ ୨୪.୦୪ ସେକେଣ୍ଡରେ ଅତିକ୍ରମ କରି ଶ୍ରାବଣୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ପରେ ଘରୋଇ ପରିବେଶରେ ପ୍ରଥମଥରପାଇଁ ରେସ୍ କରିଥିବା ୩୧ ବର୍ଷୀୟା ଶ୍ରାବଣୀଙ୍କ ସମକକ୍ଷ ପ୍ରଦର୍ଶନ କେହି କରିପାରି ନ ଥିଲେ। ପୁରୁଷ ୨୦୦ ମିଟରରେ ଆର୍ଯ୍ୟନ ଏକ୍କା ୨୧.୮୭ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ଅମିୟ ୨୨.୦୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ୧ ସେକେଣ୍ଡ ପାଇଁ ସ୍ୱର୍ଣ୍ଣିମ ସଫଳତାଠାରୁ ପଛରେ ରହିଯାଇଥିଲେ ଆର୍ଯ୍ୟନ। ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ମହାରାଷ୍ଟ୍ରର ଅକ୍ଷୟ ଆନ୍ନାପ୍ପା ଶେଟ୍ଟୀ ୨୧.୮୬ ସେକେଣ୍ଡ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ମହିଳା ୮୦୦ ମିଟରରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା ୨:୧୭.୩୯ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ପାଇଥିବାବେଳେ ପୁରୁଷ ହାଇଜମ୍ପରେ ସ୍ୱାଧୀନ ୨.୦୫ ମିଟର କ୍ଲିୟର କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଇଣ୍ଡିଆନ ଗ୍ରାଁ ପ୍ରି ୪ର ମହିଳା ୧୦୦ ମିଟର ଇଭେଣ୍ଟରେ ୧୧.୮୭ ସେକେଣ୍ଡ ସମୟ ନେଇ ଶ୍ରାବଣୀ ଶୀର୍ଷରେ ରହିଥିଲେ। ଏହାଥିଲା ୨ଟି ଗ୍ରାଁ ପ୍ରିରେ ତାଙ୍କ ପାଇଁ ଡବଲ ସ୍ୱର୍ଣ୍ଣ ପଦକ। ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡଧାରୀ ଅମିୟ ୧୦.୭୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଆର୍ଯ୍ୟନ ୧୦.୮୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ପାଇଥିଲେ। ମହିଳା ୧୫୦୦ ମିଟରରେ ନମିତା ପ୍ରଧାନ ୪:୫୯.୦୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ପୁରୁଷ ଲଙ୍ଗ୍‌ଜମ୍ପରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୭.୫୮ ମିଟର ଡେଇଁ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିସହ ଲାଲୁ ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

**-ତପନ ସ୍ୱାଇଁ**

### ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଦର୍ଶନ

| ଆଥଲେଟ୍ | ପଦକ | ଇଭେଣ୍ଟ |
|---|---|---|
| **ଇଣ୍ଡିଆନ ଗ୍ରାଁ ପ୍ରି-୩** | | |
| ଶ୍ରାବଣୀ ନନ୍ଦ | ସ୍ୱର୍ଣ୍ଣ | ମହିଳା ୨୦୦ ମିଟର |
| ଆର୍ଯ୍ୟନ ଏକ୍କା | ରୌପ୍ୟ | ପୁରୁଷ ୨୦୦ ମିଟର |
| ଅମିୟ ମଲିକ | ବ୍ରୋଞ୍ଜ | ପୁରୁଷ ୨୦୦ ମିଟର |
| ଲକ୍ଷ୍ମୀପ୍ରିୟା କିଷାନ | ବ୍ରୋଞ୍ଜ | ମହିଳା ୮୦୦ ମିଟର |
| ସ୍ୱାଧୀନ କୁମାର ମାଝି | ବ୍ରୋଞ୍ଜ | ପୁରୁଷ ହାଇଜମ୍ପ |
| **ଇଣ୍ଡିଆନ ଗ୍ରାଁ ପ୍ରି-୪** | | |
| ଶ୍ରାବଣୀ ନନ୍ଦ | ସ୍ୱର୍ଣ୍ଣ | ମହିଳା ୧୦୦ ମିଟର |
| ଅମିୟ ମଲିକ | ସ୍ୱର୍ଣ୍ଣ | ପୁରୁଷ ୧୦୦ ମିଟର |
| ଆର୍ଯ୍ୟନ ଏକ୍କା | ରୌପ୍ୟ | ପୁରୁଷ ୧୦୦ ମିଟର |
| ନମିତା ପ୍ରଧାନ | ରୌପ୍ୟ | ମହିଳା ୧୫୦୦ ମିଟର |
| ଲାଲୁ ପ୍ରସାଦ ଭୋଇ | ବ୍ରୋଞ୍ଜ | ପୁରୁଷ ଲଙ୍ଗ୍‌ଜମ୍ପ |




ଅମିୟ ମଲିକ



ପୁରସ୍କାର ସହ ଅବଦୁଲ୍ଲା ଅବୁବାକର ଓ ନବନୀତ କୌର ଧିଲୋନ

## ଲାଲୁଙ୍କ ପାଇଁ ସ୍ମରଣୀୟ

କଳିଙ୍ଗ ଷ୍ଟାଡିୟମରେ ମେ ୨୪ରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ପୁରୁଷ ଲଙ୍ଗ୍‌ଜମ୍ପର ଲାଲୁ ପ୍ରସାଦ ଭୋଇ। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଲାଲୁ ୭.୫୮ ମିଟର ଜମ୍ପ କରି କେବଳ ଯେ ବ୍ରୋଞ୍ଜ ପଦକ ପାଇଥିଲେ ତା' ନୁହେଁ ଆଗାମୀ ଜୁଲାଇରେ ଟରଣ୍ଟୋରେ ହେବାକୁଥିବା ବିଶ୍ୱ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ଭାରତୀୟ ଆଥଲେଟ୍‌ଭାବେ ସେ ଏହି ସଫଳତା ପାଇଥିଲେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ଲାଲୁ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷ ବାଣିଜ୍ୟରେ ଅଧ୍ୟୟନରତ। ଚଳିତ ବର୍ଷ କିଟ୍ ଓ କିସ୍ ଆଥଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ୬୮ତମ ରାଜ୍ୟ ଆଥଲେଟିକ୍ ମିଟ୍‌ର ୨୦ ବର୍ଷରୁ କମ୍ ୧୦୦ ମିଟରରେ ସେ ବ୍ରୋଞ୍ଜ ଏବଂ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚଳିତ ବର୍ଷ ଜାନୁୟାରୀ ୪ରୁ ୭ ପର୍ଯ୍ୟନ୍ତ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପରେ ସେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଗୁଜରାଟରେ ହେବାକୁଥିବା ୨୦ତମ ଜାତୀୟ ଫେଡେରେଶନ କପ୍ (୨୦ ବର୍ଷରୁ କମ) ଆଥଲେଟିକ୍ ଚାମ୍ପିୟନଶିପ୍ ଏବଂ ହରିୟାଣାର ପଞ୍ଚକୁଲାରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୩ୟ ସଂସ୍କରଣରେ ଭାଗ ନେବାପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ଦେଶ ଓ ରାଜ୍ୟକୁ ଗର୍ବିତ କରିବାକୁ ଚେଷ୍ଟା କରିବେ ବୋଲି ଲାଲୁ ପ୍ରକାଶ କରିଛନ୍ତି।



---

**ଅତୀତ ସ୍ମୃତିରୁ...**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୬,୭)**

## ଏନ୍.ଏନ୍. ସ୍ୱାମୀ ଏବଂ ସୟେଦ ଅଲ୍ଲୀ ୟୁନୁସ



ଅଶୋକ ମହାନ୍ତି

**ଡ. ନୟାପଧି ନରସିଂହମା ସ୍ୱାମୀ (୬)**

ବିଦ୍ୱାନ୍ ପ୍ରଫେସର ଏବଂ ଖ୍ୟାତନାମା କ୍ରିକେଟର ଡ. ଏନ୍.ଏନ୍. ସ୍ୱାମୀ ୧୮ ମାର୍ଚ୍ଚ ୧୯୩୪ରେ ବ୍ରହ୍ମପୁର ସହରରେ ଜନ୍ମଗ୍ରହଣ କରିଥିଲେ। ଜଣେ ଉଚ୍ଚକୋଟୀର ଗଣିତ ଅଧ୍ୟାପକ ଭାବେ ଖଲିକୋଟ କଲେଜ, ଭଦ୍ରକ କଲେଜ ଏବଂ ରେଭେନ୍ସା କଲେଜରେ ପ୍ରଫେସର ଭାବେ କାର୍ଯ୍ୟ କରିବାପରେ ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ। ଜଣେ ବିଦ୍ୱାନ୍ ଏବଂ ଛାତ୍ରପ୍ରିୟ ଅଧ୍ୟାପକ ଭାବେ ଯେତିକି ପ୍ରସିଦ୍ଧିଲାଭ କରିଥିଲେ ଉଚ୍ଚକୋଟୀର ଖ୍ୟାତନାମା କ୍ରିକେଟର ଭାବେ ମଧ୍ୟ ସେତିକି ସୁନାମ ଅର୍ଜନ କରିଥିଲେ।

୧୯୫୩ରେ ଡ. ସ୍ୱାମୀ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ପ୍ରତିନିଧିତ୍ୱ କରିଥିଲେ ଏବଂ ପର ବର୍ଷ ୧୯୫୪ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ନେତୃତ୍ୱ ନେଇଥିଲେ। ଜଣେ ବ୍ୟାଟର ଏବଂ ଲେଗ୍‌ବ୍ରେକ୍ ବୋଲର ଭାବେ ସେ ୧୯୫୬ରେ ଗୁଆହାଟୀଠାରେ ଆସାମ ବିପକ୍ଷରେ ପ୍ରଥମ ରଣଜି ଟ୍ରଫି ମ୍ୟାଚ ଖେଳିଥିଲେ। ୧୯୭୬ ମସିହା ପର୍ଯ୍ୟନ୍ତ ସେ ସମୁଦାୟ ୪୦ଟି ପ୍ରଥମ ଶ୍ରେଣୀ ମାଚ ଖେଳିଥିଲେ। (ତନ୍ମଧ୍ୟରୁ ୩୮ଟି ରଣଜି, ଗୋଟି ଦୁଲିପ ଟ୍ରଫି ଏବଂ ଗୋଟିଏ ଭାରତ ଭ୍ରମଣରେ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷରେ)। ତାଙ୍କ ଅଧିନାୟକତ୍ୱରେ ଓଡ଼ିଶା ୧୯୬୧ରୁ ୧୯୭୬ ମଧ୍ୟରେ ୧୫ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିଲା। ରାଜ୍ୟର ପ୍ରଥମ କ୍ରିକେଟର ଭାବେ ସେ ପ୍ରଥମ ଶ୍ରେଣୀ ମ୍ୟାଚରେ ୧୦୦ରୁ ଅଧିକ ଉଇକେଟ (୧୦୬) ହାସଲ କରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ୩ ଥର ୫ ଉଇକେଟ ନେଇଥିବା ସ୍ୱାମୀଙ୍କ ଶ୍ରେଷ୍ଠ ବୋଲିଂ ସଫଳତା ଥିଲା ବିହାର ବିପକ୍ଷରେ (୧୫ ରନ୍ ଦେଇ ୬ ଉଇକେଟ ହାସଲ ୧୯୫୯-ପାଟନା)। ୧୯୭୬ରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଲା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସହିତ ଜଣେ ପ୍ରଶିକ୍ଷକ ଏବଂ ସିଲେକ୍ଟର ଭାବେ କାର୍ଯ୍ୟ କରିଥିଲେ। ଏହି ବିଦ୍ୱାନ କ୍ରିକେଟର ୧୯୯୨ରେ ଗଣିତ ପ୍ରଫେସର ଭାବେ ଅବସର ନେଇଥିଲେ ଏବଂ ଅଗଷ୍ଟ ୨୮ ତାରିଖ ୨୦୦୭ରେ ତାଙ୍କର ପରଲୋକ ହୋଇଥିଲା।

**ଡ. ଏନ୍.ଏନ୍. ସ୍ୱାମୀ ଜଣେ ବିଦ୍ୱାନ ଏବଂ ଛାତ୍ରପ୍ରିୟ ଅଧ୍ୟାପକ ସହ ଖ୍ୟାତନାମା କ୍ରିକେଟର ଭାବେ ସୁନାମ ଅର୍ଜନ କରିଥିଲେ। ପ୍ରଶାସକ ଏବଂ ପ୍ରସିଦ୍ଧ ଫୁଟବଲ ଖେଳାଳି ସୟେଦ ଅଲ୍ଲୀ ୟୁନୁସ୍ ବ୍ୟାଡମିଣ୍ଟନ ଖେଳରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ।**

### ସୟେଦ ଅଲ୍ଲୀ ୟୁନୁସ (୭)

୫୦ଦଶକର ପ୍ରଶାସକ ଏବଂ ପ୍ରସିଦ୍ଧ ଫୁଟବଲ ଖେଳାଳି ସୟେଦ ଅଲ୍ଲୀ ୟୁନୁସ୍ ୩୧ ଅକ୍ଟୋବର ୧୯୨୦ରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଟ୍ରିକ, ରେଭେନ୍ସା କଲେଜରୁ ସ୍ନାତକ ଏବଂ ପାଟନା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। କଲେଜରେ ପଢ଼ିବା ସମୟରେ ସେ ଉଭୟ ଫୁଟବଲ ଏବଂ ବ୍ୟାଡମିଣ୍ଟନ ଖେଳରେ ପାରଦର୍ଶିତା ଲାଭ କରିଥିଲେ। ୧୯୪୭ରେ ପ୍ରଥମ ଥର ପାଇଁ ଦୀନବନ୍ଧୁ ଯାଦବଙ୍କ ନେତୃତ୍ୱରେ ଜାତୀୟ ଫୁଟବଲ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଭାଗ ନେଇଥିବା ଓଡ଼ିଶା ରାଜ୍ୟ ଦଳର ସଦସ୍ୟ ଥିଲେ ୟୁନୁସ୍। ଜଣେ ପ୍ରମୁଖ ଅଗ୍ରଭାଗ ଖେଳାଳି (ସେଣ୍ଟର ଫରୱାର୍ଡ/ରାଇଟ୍ ଇନ୍/ ଲେଫ୍‌ଟଇନ) ଭାବେ ସେ ଏକାଧିକ ଥର ରାଜ୍ୟକୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ତାରେକ୍ ହୁସେନ୍, ବଚନ (ଅବଦୁଲ ମଜିଦ), ଗୋଲକ ସାମଲ(ବୁଲୁ)ଙ୍କ ସହିତ ୟୁନୁସ ପଚାଶ ଦଶକରେ ତାରକା ଅଗ୍ରଭାଗ ଖେଳାଳି ଭାବେ ସାରା ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିଲେ। ଜାଦୁକରି ଡ୍ରିବ୍‌ଲିଙ୍ଗ୍‌ରେ ବିପକ୍ଷ ରକ୍ଷଣ ଭାଗକୁ ଭେଦକରି ଗୋଲ କରିବାରେ ଅପୂର୍ବ ଦକ୍ଷତା ଫଳରେ ସେମାନେ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପରିବାର ସୂତ୍ର ଏବଂ କିଛି ପୂର୍ବତନ ଖେଳାଳିମାନଙ୍କ ପାଖରୁ ଉପଲବ୍ଧ ସୂଚନା ଅନୁସାରେ ପଚାଶ ଦଶକର ପ୍ରଥମ ଭାଗରେ ଖେଳାଯାଇଥିବା ଜାତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ଦିଲ୍ଲୀ ବିପକ୍ଷରେ ୟୁନୁସ୍ ୩ଟି ଗୋଲ ସ୍କୋର (ହାଟ୍ରିକ) କରି ଓଡ଼ିଶା ଦଳକୁ ବିଜୟୀ କରାଇଥିଲେ।

ଏକାଧିକ କ୍ରୀଡ଼ାରେ ଦକ୍ଷତା ହାସଲ କରିଥିବା ୟୁନୁସ ପଚାଶ ଦଶକରେ ଏକ ଦଶନ୍ଧି ଧରି ରାଜ୍ୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ଥିଲେ ଏବଂ ଟେନିସ ଓ ଚେସ୍‌ରେ ମଧ୍ୟ ଜଣେ ଉଚ୍ଚକୋଟୀର ଖେଳାଳି ଥିଲେ। କଲିକତାର ପ୍ରସିଦ୍ଧ ଫୁଟବଲ୍ କ୍ଲବ ମହମଡାନ ସ୍ପୋର୍ଟିଂ ପାଇଁ ମଧ୍ୟ ସେ ଫୁଟବଲ ଖେଳିଥିବାର ନଜିର ରହିଛି। ରାଜ୍ୟର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଭାବେ ୧୯୭୮ରେ ଅବସର ଗ୍ରହଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ବିଶେଷ ଦକ୍ଷତା ଏବଂ ଅବଦାନ ପାଇଁ ୧୯୯୦ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବ ମିଳନ ସମାରୋହରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୦୨ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ। ୮୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।



ସୟେଦ ଅଲ୍ଲୀ ୟୁନୁସ୍



ଡ. ଏନ୍.ଏନ୍. ସ୍ୱାମୀ

### ଚମକ

ଥିରୁଭାନନ୍ତପୁରମ ମାଷ୍ଟର୍ସ ଗେମ୍‌ରେ
ଆମରି ପାର୍ବତୀ ସେଠୀ
ଡିସ୍‌କସ୍ ଶଟ୍‌ପୁଟ୍ ଥ୍ରୋ'ରେ ଗୋଲଡେନ
ପଦକ ଜିତିଛି ବେଟୀ
ଚମକିବ ବାରବାଟୀ
ଭାରତ ବନାମ ଦକ୍ଷିଣ ଆଫ୍ରିକା
ମ୍ୟାଚ ହେବ ଟି ଟ୍ୱେଣ୍ଟି।
ଇଣ୍ଟରନ୍ୟାଶନାଲ ଆଥଲେଟିକ୍ସ ମିଟ୍‌ରେ
ଭାରତୀୟ ଝିଅ ଜ୍ୟୋତି
ହଣ୍ଡ୍ରେଡ ମିଟର ହର୍ଡଲ୍ସ ରେସ୍‌ରେ
ରେକର୍ଡ କରିଛି ଜିତି
କଳିଙ୍ଗରେ ସ୍ୱର୍ଣ୍ଣ କୀର୍ତ୍ତି
ଲଙ୍ଗଜମ୍ପରେ ରଚି ଝିଅ ଜେମ୍ସପାଇଁ
ଚମକେ କେରଳ ଜାତି।
ଅଷ୍ଟ୍ରେଲିଆନ ସୁଇମିଂ ଚାମ୍ପିୟନଶିପ୍
ଟୁର୍ନାମେଣ୍ଟ ହେଲା ଶେଷ
ଚାରିଶ' ମିଟର ଫ୍ରିଷ୍ଟାଇଲରେ ୱାର୍ଲ୍ଡ
ରେକର୍ଡରେ ଟିଟ୍‌ମସ
ଚମକଇ ତା'ର ବାସ
ସମୟ ତାଳରେ ଏକାଗ୍ରତା ସହ
ଯିଏ ଯାହା କରୁ ଚାଷ।

**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶୁକ୍ରବାର, ମେ ୨୭/୨୦୨୨ Berhampur, Friday, May 27/ 2022

# ଭାରତ ସୁପର ୪ଏସ୍ ପର୍ଯ୍ୟାୟକୁ ଉନ୍ନୀତ

## ଏସିଆ କପ୍ ହକି

■ ଦୀପସାନଙ୍କ ୫ ଗୋଲ୍, ଇଣ୍ଡୋନେସିଆ ୧୬-୦ରେ ପରାସ୍ତ

**ଜାକର୍ତ୍ତା, ୨୬।୫ (ପି.ଟି.)**

ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ୧୬-୦ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏଥିସହ ଭାରତ ପ୍ରତିଯୋଗିତାର ସୁପର ୪ଏସ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସୁପର ୪ଏସ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ଲାଗି ପୁଲ୍ ଏ'ର ଏହି ମ୍ୟାଚରେ ଭାରତ ୧୫-୦ ଗୋଲରେ ଜିତିବା ଆବଶ୍ୟକ କରୁଥିଲା। ଯୁବ ଖେଳାଳିମାନେ ଚାପରେ ଥାଇ ସୁଦ୍ଧା ଚମତ୍କାର ପ୍ରଦର୍ଶନ କରଇଥିଲେ। ପୁଲ୍ ଏ'ରେ ଜାପାନ ପଛକୁ ଉଭୟ ପାକିସ୍ତାନ ଓ ଭାରତ ସମାନ ପଏଣ୍ଟ ଅର୍ଜନ କରିଥିଲେ। ହେଲେ ଉନ୍ନତ ଗୋଲ ବ୍ୟବଧାନ (୧) ଭିତ୍ତିରେ ଭାରତ ସୁପର ୪ଏସ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଭାରତ ତରଫରୁ ଓଡ଼ିଶାର ଦୀପସାନ ତିର୍କୀ ସର୍ବାଧିକ ୫ଟି ଗୋଲ ସ୍କୋର କରିଥିବା ବେଳେ ସୁଦେବ ବେଲିମାଗା ୩ ଗୋଲ ଦେଇ ଦଳକୁ ଗୁରୁତ୍ୱପୂର୍ଣ୍ଣ ବିଜୟ ଦେଇଥିଲେ। ମ୍ୟାଚରେ ଭେଟେରାନ ଏସ୍.ଭି. ସୁନିଲ, ପଓ୍ୱନ ରାଜଭାର୍ ଓ କାର୍ତ୍ତି ସେଲ୍‌ଭାମ୍ ପ୍ରତ୍ୟେକ ଦୁଇଟି ଲେଖାଏଁ ଏବଂ ଉତ୍ତମ ସିଂ ଓ ନୀଲମ ସଞ୍ଜୀବ ଖେସ୍ ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ। ଭାରତ ଏହି ମ୍ୟାଚରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା।


ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ପାକିସ୍ତାନ ୨-୩ରେ ଜାପାନଠାରୁ ପରାସ୍ତ ହୋଇଥିଲା। ସୁପର ୪ଏସ୍ ପର୍ଯ୍ୟାୟରେ ୪ଟି ଦଳ ପରସ୍ପରକୁ ଥରେ ଲେଖାଏଁ ଭେଟିବେ। ଶ୍ରେଷ୍ଠ ଦୁଇ ଦଳ ଫାଇନାଲ ଖେଳିବେ। ଜାପାନ, ମାଲେସିଆ ଓ ଦକ୍ଷିଣ କୋରିଆ ଅନ୍ୟ ଦଳ ଭାବେ ସୁପର-୪ ଏସ୍. ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଗୁରୁବାର ମ୍ୟାଚରେ ପରାଜୟ ଯୋଗୁ ପାକିସ୍ତାନ କେବଳ ଏହି ଟୁର୍ନାମେଣ୍ଟରୁ ନୁହେଁ ଏହାର ବିଶ୍ୱକପ୍ ଯୋଗ୍ୟତା ହାସଲ ଆଶା ତୁଟି ଯାଇଛି।

# ବିଜୟ ସହ ସ୍ପୋର୍ଟ୍ସ ଓଡ଼ିଶାର ଅଭିଯାନ ଶେଷ


ବିଜୟ ହାସଲ ପରେ ସ୍ପୋର୍ଟ୍ସ ଓଡ଼ିଶା ଦଳ।

## ଇଣ୍ଡିଆନ ଓମେନ୍ସ ଲିଗ୍

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଘରୋଇ ଦଳ ସ୍ପୋର୍ଟ୍ସ ଓଡ଼ିଶା ବିଜୟ ସହ ଅଭିଯାନ ଶେଷ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୭-୦ ଗୋଲରେ ମାତା ରୁକ୍ମଣୀ ଫୁଟବଲ କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଦୀପା ନାୟକ ୪୩, ୪୫+୧, ୬୪ ଓ ୯୦+୪ ମିନିଟରେ ୪ଟି ଏବଂ ପ୍ୟାରୀ ଖାଖା ୪୫+୨, ୫୧ ଓ ୮୬ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ଓଡ଼ିଶା ୧୧ ମ୍ୟାଚ ଖେଳି ୬ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ମୋଟ ୨୦ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନ ଅଧିକାର କରିଛି। ଅନ୍ୟତମ ଓଡ଼ିଶା ଦଳ ଓଡ଼ିଶା ପୋଲିସ ୧୧ ମ୍ୟାଚରୁ ୨ ବିଜୟ ଓ ୯ ପରାଜୟ ସହ ୬ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛି।

# ଅଦ୍ରିକାଙ୍କୁ ଟାଇଟଲ

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଅଦ୍ରିକା ପଟ୍ଟନାୟକ ଜଲନ୍ଧରରେ ଅନୁଷ୍ଠିତ ସିଏସ୍‌୭ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବର୍ଗରେ ଡବଲ୍ସ ଟାଇଟଲ ଜିତିଛନ୍ତି। ମଧ୍ୟପ୍ରଦେଶର ନଭିଆ କୌଶଲଙ୍କୁ ସାଥିକରି ଅଦ୍ରିକା ଖେଳିଥିଲେ। ଫାଇନାଲରେ ଏହି ଯୋଡ଼ି ପଞ୍ଜାବର କାର୍ଭି ସିଂ ଓ ରିଭାଲିଙ୍କୁ ୬-୨, ୨-୬, ୧୦-୫ ସେଟ୍‌ରେ ପରାସ୍ତ କରିଥିଲେ। ସିଙ୍ଗଲ୍ସ ଫାଇନାଲରେ ଅଦ୍ରିକା ୪-୬, ୪-୬ ସେଟ୍‌ରେ ଜୟ ସିଂଙ୍କଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ୧୬ ବର୍ଷରୁ କମ୍ ବର୍ଗରେ ସେ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଅଦ୍ରିକା ରାଜ୍ୟର ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।


ଟ୍ରଫି ସହ ଅଦ୍ରିକା ପଟ୍ଟନାୟକ।

# ଆଜିଠାରୁ ଜୁନିୟର ଓପନ ଟେନିସ୍


ଖବରଦାତା ସମ୍ମିଳନୀରେ ଟ୍ରଫି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟେନିସ୍ ଆସୋସିଏଶନ୍ (ଓଟିଏ) ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଜୁନିୟର୍ ଓପନ୍ ଟେନିସ୍ ଚାମ୍ପିଅନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। କେଟି ଗ୍ଲୋବାଲ୍ ସ୍କୁଲ୍ ଜୁନିୟର ଓପନ ଟେନିସ୍‌ରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରତିଯୋଗୀ ଅଶଂଗ୍ରହଣ କରିବେ। ଏହି ଚାମ୍ପିୟନଶିପ୍ ୩ଟି ବର୍ଗ ୧୨ ବର୍ଷରୁ କମ୍ ବାଳକ ଏବଂ ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଆୟୋଜନ ହେବ। ପ୍ରତିଯୋଗିତା ପାଇଁ ୧୦୭ ପ୍ରତିଯୋଗୀ ନାମ ପଞ୍ଜୀକୃତ କରି ସାରିଛନ୍ତି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଟେନିସର ଅଧିକରୁ ଅଧିକ ପ୍ରଚାର ପ୍ରାସର କରିବା, ଏହି କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ନୂଆ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଟୁର୍ନାମେଣ୍ଟର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ କ୍ୱାର୍ଟରଫାଇନାଲିଷ୍ଟ ଓ ସେମିଫାଇନାଲିଷ୍ଟଙ୍କୁ ମଧ୍ୟ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯିବ। ଉଭୟ ବାଳିକା ଓ ବାଳକ ବର୍ଗରେ ସମାନ ପୁରସ୍କାର ରାଶି ଦିଆଯିବ। ଓଟିଏ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆଗାମୀ ଦିନରେ ଓଡ଼ିଶାରେ ଲନ୍ ଟେନିସର ଅଧିକ ବିକାଶ ପାଇଁ ନିୟମିତ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବାର ଲକ୍ଷ୍ୟ ରଖିଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ପରାମର୍ଶଦାତା ଅରୁଣ ଦାସ, ମ୍ୟାନେଜିଂ ଟ୍ରଷ୍ଟି ସୋମଦତ ବେହୁରା, ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଅନକୋଲୋଜିର ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର, ଓଟିଏର କାର୍ଯ୍ୟନିର୍ବାହୀ ସଦସ୍ୟ ଅସିତ ପ୍ରଧାନ ,ପ୍ରଶାସନିକ ଅଧିକାରୀ ସସ୍ମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରୋମାଞ୍ଚକ ମୋଡ଼ରେ ଦ୍ୱିତୀୟ ଟେଷ୍ଟ

**ଢାକା,୨୬।୫:** ଶେରେ ବାଂଲା ଜାତୀୟ ଷ୍ଟାଡିୟମରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି। ମ୍ୟାଚ୍‌ରେ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଘରୋଇ ବାଂଲାଦେଶକୁ ଇନିଂସ ପରାଜୟ ଏଡ଼ାଇବା ପାଇଁ ଅନ୍ତିମ ୬ ଉଇକେଟରେ ୧୦୭ ରନ୍ ଦରକାର। ପ୍ରଥମ ଇନିଂସରେ ଘରୋଇ ଦଳର ୩୬୫ ରନ୍ ଜବାବରେ ଶ୍ରୀଲଙ୍କା ତା'ର ଅସମାପ୍ତ ସ୍କୋର (୨୮୨/୫)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନ ଅର୍ଦ୍ଧଶତକ ପୂରଣ କରିଥିବା ଆଞ୍ଜେଲୋ ମାଥ୍ୟୁସଙ୍କ ଅପରାଜିତ ୧୪୫ (୧୨ ଚୌକା ଓ ୨ ଛକା) ଓ ଦୀନେଶ ଚଣ୍ଡିମାଲ (୧୨୪ ରନ୍, ୧୧ ଚୌକା ଓ ୧ ଛକା)ଙ୍କ ଶତକ ଯୋଗୁ ଭ୍ରମଣକାରୀ ଶ୍ରୀଲଙ୍କା ୫୦୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବାଂଲାଦେଶ ପାଇଁ ଶାକିବ ଅଲ ହାସନ ୫ ଓ ଏବାଦତ ହୋସେନ ୪ ଉଇକେଟ ହାତେଇଥିଲେ। ୧୪୧ ରନ୍‌ରେ ପଛୁଆ ଥିବା ଘରୋଇ ଦଳ ଦ୍ୱିତୀୟ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଚତୁର୍ଥ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରମୁଖ ୪ ଉଇକେଟ ହରାଇ ୩୪ ରନ୍ କରିଛି।

# ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ପ୍ରମୋଦ

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ଦୁବାଇଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଏସଏଲ୍-୩ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସେ ପେରୁର ଆଲବର୍ଟ ମାନୁଏଲ୍ ପୁନେଟି ପେରେଜଙ୍କୁ ୨୧-୧୯, ୨୧-୧୨ରେ ପରାସ୍ତ କରିଛନ୍ତି। ଏସଏଲ୍-୪ ବର୍ଗର ଏକ ଦ୍ୱିତୀୟ ଗ୍ରୁପ୍ ସିଙ୍ଗଲ୍ସ ମ୍ୟାଚରେ ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଷୋୟୀ ଇରାକର ଅଲୀ ଅଲସାଦିଙ୍କୁ ୨୧-୩, ୨୧-୯ରେ ପରାସ୍ତ କରିଛନ୍ତି।


ପ୍ରମୋଦ ଭଗତ




# ଆଇଟିଏଫ୍ ଟାଏକୋଣ୍ଡୋରେ ଓଡ଼ିଶାକୁ ୭ ପଦକ

**ଭୁବନେଶ୍ୱର,୨୬।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଗତ ୨୧ ଓ ୨୨ ତାରିଖରେ ଭାରତୀୟ ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ହିମାଚଳ ପ୍ରଦେଶର ଡଲହାଉସୀ ୟୁଥ୍ ହଷ୍ଟେଲ ପରିସରରେ ୩୧ତମ ଉତ୍ତର ଓ ପୂର୍ବ କ୍ଷେତ୍ରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ଜଗନ ଠାକୁର ଏବଂ ଚମ୍ବାର ଡେପୁଟି କମିଶନର ଧ୍ରୁନି ଚାନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡଲହାଉସୀର ଷ୍ଟେଶନ କମାଣ୍ଡର ପ୍ରଦୀପ ଭରଦ୍ୱାଜ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ପ୍ରତିଯୋଗିତାରେ ୧୦ ରାଜ୍ୟର ୩୩୬ ପ୍ରତିଯୋଗୀ ଭାଗ ନେଇଥିଲେ। ଥାର୍ଡ ଡାନ ବ୍ଲାକବେଲ୍ଟ ଓଡ଼ିଶା କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ଠାରୁ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୬ ପ୍ରତିଯୋଗୀ ୪ ବର୍ଗରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ସମେତ ୭ ପଦକ ଜିତିଥିଲେ। ବ୍ୟକ୍ତିଗତ ସ୍ପାଇରିଂ ମହିଳା ବିଭାଗରେ ଶୁଭ୍ରାଶିନୀ ମହାଲିଙ୍ଗ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜାଗୃତି ପ୍ରିୟଦର୍ଶିନୀ ନାୟକ, ସାନିଧି ଦାସ, ପୁରୁଷ ବିଭାଗରେ ସାର୍ଥକ ସାହୁ ରୌପ୍ୟ ପଦକ ଅର୍ଜନ କରିଥିଲେ। ସମାନ ବର୍ଗରେ ଶ୍ରୀରଙ୍ଗ ଓଁକାର ଦେବ ଓ ଶାଭନ ପୂଜାରୀ ବ୍ରୋଞ୍ଜ ପଦକ ହାତେଇଥିଲେ। ବ୍ୟକ୍ତିଗତ ତୁଲ୍ସରେ ମଧ୍ୟ ଶୋଭନ ପୂଜାରୀ ବ୍ରୋଞ୍ଜ ପଦକ ପାଇଥିଲେ।



ପଦକ ସହ ଓଡ଼ିଶା ପ୍ରତିଯୋଗୀମାନେ।

# ରାଜ୍ୟ ସିନିୟର, ଜୁନିୟର ରଗ୍‌ବୀ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିସରରେ ୭ମ ରାଜ୍ୟ ସିନିୟର ଓ ଜୁନିୟର ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ବର୍ଷରୁ କମ୍ ଖେଳାଳିମାନେ ଜୁନିୟର ଏବଂ ତଦୂର୍ଦ୍ଧ୍ୱ ଖେଳାଳିମାନେ ସିନିୟର ବର୍ଗରେ ଭାଗ ନେଇଥିଲେ। ସିନିୟର ପୁରୁଷ ଓ ମହିଳା ବର୍ଗରେ ୧୪ଟି ଏବଂ ଜୁନିୟର ବାଳକ ଓ ବାଳିକା ବିଭାଗରେ ୧୦ଟି ଦଳ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସିନିୟର ପୁରୁଷ ଓ ମହିଳା ଉଭୟ ବିଭାଗରେ କିସ୍ ଏକାଡେମୀ ପ୍ରଥମ ସ୍ଥାନ, ଭୁବନେଶ୍ୱର ଟିମ୍ ଦ୍ୱିତୀୟ ଏବଂ ଜଗତ୍‌ସିଂହପୁର ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲା। ଜୁନିୟର ବର୍ଗର ବାଳକ ବିଭାଗରେ କିସ୍ ଏକାଡେମୀ ପ୍ରଥମ, ମୟୂରଭଞ୍ଜ ଟିମ୍ ଦ୍ୱିତୀୟ ଓ ଜଗତ୍‌ସିଂହପୁର ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିୟର ବାଳିକା ବିଭାଗରେ ମୟୂରଭଞ୍ଜ ଟିମ୍ ପ୍ରଥମ, କିସ୍ ଏକାଡେମୀ ଦ୍ୱିତୀୟ ଏବଂ ଯାଜପୁର ଟିମ୍ ତୃତୀୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶକ୍ତିରଞ୍ଜନ ମହାପାତ୍ର ଓ ଅନ୍ୟତମ ଅତିଥି ଭାବେ ରୁଦ୍ରକେଶ ଜେନା ଯୋଗ ଦେଇଥିଲେ।


ଅତିଥିଙ୍କ ସହ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ।

# ଦୁବାଇରେ ଟ୍ରେନିଂ ନେବେ ଲକ୍ଷ୍ୟ ସେନ୍

**ନୂଆଦିଲ୍ଲୀ, ୨୬।୫ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଦୁବାଇରେ ଆସନ୍ତା ରବିବାରଠାରୁ ବିଶ୍ୱର ନମ୍ବର ୱାନ ଭିକ୍ଟର ଏକ୍ସେଲସେନଙ୍କ ସହ ଟ୍ରେନିଂ ନେବେ। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଦୃଷ୍ଟିରେ ରଖି କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ତାଙ୍କ ଅନୁରୋଧ ରକ୍ଷାକରିଛି। ଏମ୍‌ଓସି ଆହୁରି ମଧ୍ୟ ପି.ଭି. ସିନ୍ଧୁଙ୍କ ଅନୁରୋଧକୁ ରକ୍ଷା କରିଛି। ସିନ୍ଧୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଅଧୀନରେ ବିଦେଶରେ ଟ୍ରେନିଂକୁ ଯିବା ବେଳେ ସାଥୀରେ ତାଙ୍କ ଫିଟ୍‌ନେସ୍ ଟ୍ରେନର ଏମ୍. ଶ୍ରୀକାନ୍ତଙ୍କୁ ନେବା ଲାଗି ଚାହିଁଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ